୬ ଟିମ୍ ହ୍ୱାଇଟ୍ ହେଲେ ଭାରତୀୟ କନିଷ୍ଠ ମହିଳା ହକି ଦଳର ପ୍ରଶିକ୍ଷକ




ସର୍ବାଧିକ ବିଶ୍ୱାସଯୋଗ୍ୟ ସମ୍ବାଦପତ୍ର

32 YEARS

# ସମ୍ବାଦ କଳିକା

The Sambad Kalika

E-mail : sambadkalikanews@gmail.com

e-paper www.sambadkalika.in

TM

ଓଡ଼ିଶାର ଏକମାତ୍ର ISO ସ୍ୱୀକୃତିପ୍ରାପ୍ତ ସମ୍ବାଦପତ୍ର

The only ISO Certified Odia Newspaper NS-EN ISO 9001:2008

୮ ପୃଷ୍ଠା ମୂଲ୍ୟ : ୨.୦୦ ଟଙ୍କା
8 Pages, ₹2.00

● ବର୍ଷ–୩୩ ● ସଂଖ୍ୟା–୭୧ ● ୧୧ ଅପ୍ରେଲ ୨୦୨୬ ଶନିବାର ● ଭୁବନେଶ୍ୱର ● Vol -33 ● Issue-71 ● 11th April 2026, Saturday ● Bhubaneswar

RNI Regd.No. : 52640/94 Postal Regd.No. : BN-60/25-27







# ୧୧ ପ୍ରସ୍ତାବ ଉପରେ କ୍ୟାବିନେଟ୍‌ର ମୋହର

**ଭୁବନେଶ୍ୱର, ୧୦।୪**
**ନ୍ୟୁଜ୍ ବ୍ୟୁରୋ**

ଶୁକ୍ରବାର ରାଜ୍ୟ ମନ୍ତ୍ରୀମଣ୍ଡଳ (କ୍ୟାବିନେଟ)ର ୩୮ ତମ ବୈଠକ ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀଙ୍କ ଅଧକ୍ଷତାରେ ଲୋକସେବା ଭବନସ୍ଥିତ ସମ୍ମିଳନୀ କକ୍ଷରେ ଅନୁଷ୍ଠିତ ହୋଇଯାଇଛି। ବୈଠକ ପରେ ମୁଖ୍ୟ ଶାସନ ସଚିବ ଅନୁ ଗର୍ଗ କ୍ୟାବିନେଟ ବୈଠକରେ ନିଆଯାଇଥିବା ନିଷ୍ପତ୍ତି ସମ୍ପର୍କରେ ଗଣମାଧମକୁ ସୂଚନା ଦେଇଥିଲେ । ବୈଠକରେ ୫ଟି ବିଭାଗର ୧୧ ଟି ପ୍ରସ୍ତାବ ଆଲୋଚନା ପୂର୍ବକ ଅନୁମୋଦନ କରାଯାଇଛି।

ହାଡୁଆ ଜଳସେଚନ ପ୍ରକଳ୍ପରେ ଭୂତଳ ପାଇପ୍ ଲାଇନ୍ ପାଇଁ ଟେଣ୍ଡରକୁ ମଞ୍ଜୁରୀ ମିଳିଛି। ବଡ଼ମ୍ବାର ୭୬, ନରସିଂହପୁର ଓ ତିଗିରିଆର ୫ ଲେଖାଏଁ ଗାଁ ଉପକୃତ ହେବ। ପାର୍ବତୀ ଗିରି ବୃହତ୍ ଉଠା ଜଳସେଚନ ପ୍ରକଳ୍ପକୁ ଗୁରୁତ୍ୱ ଦିଆଯାଇଛି । ହୀରାକୁଦରୁ ଜଳ ଉତ୍ତୋଳନ କରି ଜଳ ଯୋଗାଣ ବ୍ୟବସ୍ଥା ହେବ । ସମ୍ବଲପୁର ଜିଲ୍ଲାର ୬ ହଜାର ୨୧୦ ହେକ୍ଟର ଜମି ଜଳସେଚିତ ହେବ । ୩୪୦୦ କୋଟିର ଅଟଳ ବସ୍ ଷ୍ଟାଣ୍ଡ ଯୋଜନା ପ୍ରସ୍ତାବକୁ କ୍ୟାବିନେଟ୍‌ରେ ମଞ୍ଜୁରୀ ମିଳିଛି । ୩୧୮ଟି ବସ୍‌ଷ୍ଟାଣ୍ଡର ଉନ୍ନତୀକରଣ କରାଯିବ । କେନ୍ଦୁଝରରେ ୧୬୪୭ କୋଟି ବ୍ୟୟରେ ନୂଆ ଏମଭିଏ ସବ୍‌ଷ୍ଟେସନ ପ୍ରତିଷ୍ଠା ହେବ । ଓଡ଼ିଶା ଶ୍ରମ ସେବା ନିୟମାବଳୀରେ ସଂଶୋଧନକୁ ମଧ କ୍ୟାବିନେଟ୍‌ରେ ମଞ୍ଜୁରୀ ମିଳିଛି । ପୂର୍ବରୁ ନିଯୁକ୍ତ ଏଏଲଓ, ଆରଏଲଆଇ ମାନେ ବିଭାଗୀୟ ପରୀକ୍ଷାରୁ ଛାଡ଼ ପାଇବେ ।



- ‘ଅଟଳ ବସ୍ ଷ୍ଟାଣ୍ଡ’ ଯୋଜନା ପାଇଁ ୩,୪୦୦ କୋଟିର ବଜେଟ୍
- ପାର୍ବତୀଗିରି ମେଗା ଜଳଯୋଗାଣ ପ୍ରକଳ୍ପକୁ ଗୁରୁତ୍ୱ
- କେନ୍ଦୁଝରରେ ବିଦ୍ୟୁତ ଚାହିଦା ପୂରଣ ପାଇଁ ୧,୬୪୭ କୋଟିର ପ୍ରକଳ୍ପ

ଉତ୍ତର ଓଡିଶାରେ ବିଦ୍ୟୁତ ଭିତ୍ତିଭୂମିକୁ ମଜବୁତ କରିବା ଦିଗରେ ବଡ଼ ପଦକ୍ଷେପ ନେଇ ରାଜ୍ୟ କ୍ୟାବିନେଟ୍ ଖଣିଜ ସମୃଦ୍ଧ କେନ୍ଦୁଝର ଜିଲ୍ଲାରେ ବଢୁଥିବା ବିଦ୍ୟୁତ ଚାହିଦା ପୂରଣ ପାଇଁ ୧,୬୪୭ କୋଟିର ପ୍ରକଳ୍ପକୁ ଅନୁମୋଦନ କରିଛି।

ଏହି ପ୍ରକଳ୍ପ ଅଧୀନରେ ବସୁଦେବପୁରରେ ୨୫୦୦ ଏମଭିଏ, ୪୦୦/୨୨୦/୩୩ କେଭି ଜିଆଇଏସ ସବଷ୍ଟେସନ୍ ନିର୍ମାଣ କରାଯିବା ସହିତ ସମ୍ବନ୍ଧିତ ଟ୍ରାନ୍ସମିସନ୍ ଲାଇନ୍‌ଗୁଡିକୁ ମଧ ବିକାଶ କରାଯିବ, ଯାହା ମାଧମରେ ଅଞ୍ଚଳରେ ବିଦ୍ୟୁତ ଯୋଗାଣ ଓ ନେଟୱାର୍କର ସ୍ଥିରତା ବୃଦ୍ଧି ପାଇବ।

ଏହି ନିଷ୍ପତ୍ତି ବଡବିଲ, ଯୋଡା ଓ ପଳାସପଙ୍ଗାରେ ଥିବା ବର୍ତ୍ତମାନର ଗ୍ରୀଡ୍ ସବ ଷ୍ଟେସନ୍‌ଗୁଡିକରେ ବଢୁଥିବା ଲୋଡ୍ ଚାପକୁ ଦେଖି ନିଆଯାଇଛି, କାରଣ ସେମାନେ ବର୍ତ୍ତମାନ ପୂର୍ଣ୍ଣ କ୍ଷମତାରେ ଚାଲୁଛନ୍ତି ଓ ଅତିରିକ୍ତ ଭାର ବହନ କରିବାରେ ଅସମର୍ଥ। (ପୃଷ୍ଠା ୭ରେ)

# ଯମୁନାରେ ଡଙ୍ଗା ବୁଡ଼ି ୧୦ ମୃତ

**ମଥୁରା, ୧୦।୪**

ଯମୁନାରେ ଘଟିଛି ବଡ଼ ଅଘଟଣ। ପର୍ଯ୍ୟଟକଙ୍କୁ ନେଇ ଯାଉଥିବା ଗୋଟିଏ ଡଙ୍ଗା ଉତ୍ତର ପ୍ରଦେଶର ମଥୁରା ଜିଲ୍ଲାର ବୃନ୍ଦାବନ ସ୍ଥିତ କେସି ଘାଟ ନିକଟ ଯମୁନା ନଦୀରେ ବୁଡ଼ି ଯାଇଛି। ଏଥିଯୋଗୁ ଡଙ୍ଗାରେ ଥିବା ୧୦ ଜଣ ପର୍ଯ୍ୟଟକଙ୍କ ମୃତ୍ୟୁ ହୋଇଥିବା ବେଳେ ଅନେକ ନିଖୋଜ ହୋଇ ଯାଇଛନ୍ତି। ତେବେ ସେମାନଙ୍କୁ ଉଦ୍ଧାର ପାଇଁ ପ୍ରଶାସନ ପକ୍ଷରୁ ଉଦ୍ୟମ କରାଯାଇଛି। ମୃତକମାନେ ସମସ୍ତେ ପଞ୍ଜାବ ଅନ୍ତର୍ଗତ ଲୁଧିଆନାର ବୋଲି ପ୍ରାଥମିକ ରିପୋର୍ଟରୁ ସ୍ପଷ୍ଟ ହୋଇଛି।

ମିଳିଥିବା ସୂଚନା ଅନୁସାରେ, ଲୁଧିଆନାର ପ୍ରାୟ ୩୦ ଜଣ ପର୍ଯ୍ୟଟକ ଯମୁନାରେ ବୋଟିଂ କରିବାକୁ ଆସିଥିଲେ। ସେମାନେ ଗୋଟିଏ ଡଙ୍ଗାରେ ଯମୁନା ବୁଲିବାକୁ ନିଷ୍ପତ୍ତି ନେଇଥିଲେ। ଶୁକ୍ରବାର ମଧ୍ୟାହ୍ନରେ ୩୦ ଜଣ ଯାକ ପର୍ଯ୍ୟଟକ ଡଙ୍ଗାରେ ଯମୁନା ବୁଲିବାକୁ ବାହାରିଥିଲେ। ହେଲେ ଅପରାହ୍ନ ପ୍ରାୟ ୩ଟା ବେଳେ ଡଙ୍ଗାଟି ଯମୁନାରେ ବୁଲୁଥିବା ବେଳେ ହଠାତ୍ ଭାରସାମ୍ୟ ହରାଇ ଓଲଟି (ପୃଷ୍ଠା ୭ରେ)



## ରାଷ୍ଟ୍ରପତି, ଉପରାଷ୍ଟ୍ରପତି ଏବଂ ପ୍ରଧାନମନ୍ତ୍ରୀଙ୍କ ଶୋକ

**ନୂଆଦିଲ୍ଲୀ, ୧୦।୪**

ଶୁକ୍ରବାର ଉତ୍ତର ପ୍ରଦେଶର ମଥୁରା (ବୃନ୍ଦାବନ)ରେ ଯମୁନା ନଦୀରେ ଡଙ୍ଗା ଦୁର୍ଘଟଣା ନେଇ ରାଷ୍ଟ୍ରପତି ଦ୍ରୌପଦୀ ମୁର୍ମୁ, ଉପରାଷ୍ଟ୍ରପତି ସି.ପି. ରାଧାକୃଷ୍ଣନ ଏବଂ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀ ଗଭୀର ଶୋକ ପ୍ରକାଶ କରିଛନ୍ତି।

ରାଷ୍ଟ୍ରପତି ଦ୍ରୌପଦୀ ମୁର୍ମୁ ଏହି ଘଟଣାରେ ଶୋକ ପ୍ରକାଶ କରି ଲେଖିଛନ୍ତି ‘ଉତ୍ତର ପ୍ରଦେଶର ମଥୁରାରେ ଡଙ୍ଗା ବୁଡ଼ିବା ଘଟଣା ପାଇଁ ମୁଁ ଗଭୀର ଦୁଃଖିତ। ଶୋକସନ୍ତପ୍ତ ପରିବାର ପ୍ରତି ମୋର ଗଭୀର ସମବେଦନା! ଆହତମାନଙ୍କ ଶୀଘ୍ର ଆରୋଗ୍ୟ ପାଇଁ ମୁଁ ପ୍ରାର୍ଥନା କରୁଛି।

ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀ କହିଛନ୍ତି ଯେ ଉତ୍ତର ପ୍ରଦେଶର ମଥୁରାରେ ଡଙ୍ଗା ବୁଡ଼ି ଦୁର୍ଘଟଣାରେ ସେ ଦୁଃଖିତ। ଯେଉଁମାନେ ସେମାନଙ୍କ ପ୍ରିୟଜନଙ୍କୁ ହରାଇଛନ୍ତି ସେମାନଙ୍କ ପ୍ରତି ସେ ଗଭୀର ସମବେଦନା ପ୍ରକାଶ କରୁଛନ୍ତି। ଆହତମାନଙ୍କ ଶୀଘ୍ର ଆରୋଗ୍ୟ ପାଇଁ ସେ ପ୍ରାର୍ଥନା କରିଛନ୍ତି। ସ୍ଥାନୀୟ ପ୍ରଶାସନ ପ୍ରଭାବିତ ଲୋକଙ୍କୁ ସମସ୍ତ ପ୍ରକାରର ସହାୟତା ଯୋଗାଇ ଦେଉଛି।

## ବଙ୍ଗଳା ପାଇଁ ବିଜେପିର ‘ସଂକଳ୍ପ ପତ୍ର’ ଜାରୀ

# ମହିଳାଙ୍କ ପାଇଁ ମାସିକ ୩,୦୦୦ ଭତ୍ତା, ମାଗଣା ବସ୍ ଯାତ୍ରା

**କୋଲକାତା, ୧୦।୪**

ପଶ୍ଚିମବଙ୍ଗ ବିଧାନସଭା ନିର୍ବାଚନ ପୂର୍ବରୁ, ଗୃହ ମନ୍ତ୍ରୀ ଅମିତ ଶାହ ଶୁକ୍ରବାର କୋଲକାତାରେ ଭାରତୀୟ ଜନତା ପାର୍ଟିର (ବିଜେପି) ନିର୍ବାଚନ ଇସ୍ତାହାର ‘ସଂକଳ୍ପ ପତ୍ର’ ଜାରୀ କରିଛନ୍ତି। ଏହି ଅବସରରେ ସେ ରାଜ୍ୟରେ ବିଜେପି କ୍ଷମତାକୁ ଆସିଲେ ଅନେକ ପ୍ରମୁଖ ପ୍ରତିଶ୍ରୁତି ଦେଇଥିଲେ ଏବଂ ବିକାଶ, ନିଯୁକ୍ତି, ମହିଳା ସୁରକ୍ଷା ଏବଂ ସ୍ୱାସ୍ଥ୍ୟସେବା ସେବାକୁ ପ୍ରାଥମିକତା ଦିଆଯିବ ବୋଲି ଗୁରୁତ୍ୱାରୋପ କରିଥିଲେ। ଇସ୍ତାହାରରେ ମହିଳା ଏବଂ ବେକାର ଯୁବକମାନଙ୍କ ପାଇଁ ସ୍ୱତନ୍ତ୍ର ଯୋଜନା ଘୋଷଣା କରାଯାଇଛି।ବିଜେପି ପ୍ରତିଶ୍ରୁତି ଦେଇଛି ଯେ ମହିଳା ଏବଂ ବେକାର ଯୁବକମାନଙ୍କୁ ମାସିକ



୩,୦୦୦ ଭତ୍ତା ପ୍ରଦାନ କରାଯିବ।ଏହା ସହିତ, ପ୍ରତିଯୋଗିତାମୂଳକ ପରୀକ୍ଷା ପାଇଁ ପ୍ରସ୍ତୁତ ହେଉଥିବା ଯୁବକମାନଙ୍କ ପାଇଁ ୧୫,୦୦୦ ଆର୍ଥିକ ସହାୟତା ଘୋଷଣା କରାଯାଇଛି। ସରକାରୀ କର୍ମଚାରୀଙ୍କ ପାଇଁ ମହଙ୍ଗା ଭତ୍ତା ପ୍ରଦାନ ଏବଂ ସ୍ୱଚ୍ଛ ନିଯୁକ୍ତି ପ୍ରକ୍ରିୟା ମାଧ୍ୟମରେ ଯୋଗ୍ୟ ପ୍ରାର୍ଥୀମାନଙ୍କୁ ସ୍ଥାୟୀ ଚାକିରି ପ୍ରଦାନ ସମ୍ପର୍କରେ ମଧ ପ୍ରତିଶ୍ରୁତି ଦିଆଯାଇଛି। କୃଷକମାନଙ୍କ ପାଇଁ, ଦଳ ମୋଟ ୯,୦୦୦ ଆର୍ଥିକ ସହାୟତା ପ୍ରତିଶ୍ରୁତି ଦେଇଛି - ଏଥିରେ କେନ୍ଦ୍ର ସରକାରଙ୍କ ପ୍ରଧାନମନ୍ତ୍ରୀ-କିଷାନ ଯୋଜନା ଅଧୀନରେ ପ୍ରାପ୍ତ ୬,୦୦୦ ଏବଂ ରାଜ୍ୟ ସରକାରଙ୍କଠାରୁ ଅତିରିକ୍ତ ୩,୦୦୦ ଅନ୍ତର୍ଭୁକ୍ତ। ସ୍ୱାସ୍ଥ୍ୟସେବା କ୍ଷେତ୍ରରେ ଆୟୁଷ୍ମାନ ଭାରତ ଯୋଜନାକୁ ରାଜ୍ୟର ଯୋଜନା ସହିତ ଯୋଡି ଗରିବ ଲୋକଙ୍କ ପାଇଁ ମାଗଣା ଚିକିତ୍ସା ସୁନିଶ୍ଚିତ କରିବା ପାଇଁ କୁହାଯାଇଥିଲା।ଉତ୍ତର ବଙ୍ଗରେ ଏକ ଅତ୍ୟାଧୁନିକ କର୍କଟ ହସ୍ପିଟାଲ ପ୍ରତିଷ୍ଠା ମଧ ଘୋଷଣା କରାଯାଇଛି।

ମହିଳା ସୁରକ୍ଷା ସମ୍ପର୍କରେ, ଦଳ ସମସ୍ତ ସରକାରୀ ଚାକିରିରେ (ପୃଷ୍ଠା ୭ରେ)

## ଆଜିର ମୁଖ୍ୟ ଖବର

- ନୀତିଶ କୁମାର, ହରିବଂଶ ରାଜ୍ୟସଭା ସଦସ୍ୟ ଭାବରେ ଶପଥ ଗ୍ରହଣ କଲେ।
- ହରିବଂଶ ନାରାୟଣ ସିଂହଙ୍କୁ ରାଜ୍ୟସଭା ପାଇଁ କରାଗଲା ନାମିତ।
- ଛତିଶଗଡର କାଂକେରରେ ଦୁଇ କାର ଧକ୍କାରେ ୬ ମୃତ, ୩ ଗୁରୁତର।
- ଅପ୍ରେଲ୧୩ ରୁ ଶ୍ରୀ ରାମ ଜନ୍ମଭୂମି ପାର୍କୋଟାର ସମସ୍ତ ମନ୍ଦିରରେ ସାଧାରଣ ଦର୍ଶନ, ଅନଲାଇନ୍ ବୁକିଂ ଆରମ୍ଭ।

## ୨୦୨୭ ରେ ହେବ ପଞ୍ଚାୟତ ନିର୍ବାଚନ

# ଆସନ ସଂରକ୍ଷଣ କରିବା ପାଇଁ ସବୁ ଜିଲ୍ଲାପାଳଙ୍କୁ ଚିଠି

**ଭୁବନେଶ୍ୱର, ୧୦।୪**
**ନ୍ୟୁଜ୍ ବ୍ୟୁରୋ**

ଆଗାମୀ ୨୦୨୭ ରେ ହେବ ପଞ୍ଚାୟତ ନିର୍ବାଚନ । ପଞ୍ଚାୟତ ନିର୍ବାଚନରେ ଆସନ ସଂରକ୍ଷଣ କରିବା ପାଇଁ ସବୁ ଜିଲ୍ଲାପାଳଙ୍କୁ ପଞ୍ଚାୟତିରାଜ ବିଭାଗ ଚିଠି କରିଛି । ୱାର୍ଡ ମେମ୍ବର, ସରପଞ୍ଚ ଓ ସମିତି ସଭ୍ୟ ଏବଂ ଜିଲ୍ଲା ପରିଷଦ ସଦସ୍ୟ ପାଇଁ ସଂରକ୍ଷଣ ସ୍ଥିର କରିବାକୁ ନିର୍ଦ୍ଦେଶ ଦିଆଯାଇଛି । ଏପ୍ରିଲ ୨୦୨୬ ସୁଦ୍ଧା ନିର୍ବାଚନ କମିଶନଙ୍କୁ ଚୂଡାନ୍ତ ରିପୋର୍ଟ ଦେବାକୁ ନିର୍ଦ୍ଦେଶ ଦିଆଯାଇଛି ।

ୱାର୍ଡ ମେମ୍ବର, ସରପଞ୍ଚ ଓ ସମିତି ସଭ୍ୟରେ ସଂରକ୍ଷଣ ପାଇଁ ପ୍ରକାଶ ପାଇଥିବା ବିଜ୍ଞପ୍ତି ଉପରେ ୧୭ ତାରିଖ ଭିତରେ ଅଭିଯୋଗ ଆବେଦନ (ପୃଷ୍ଠା ୭ରେ)

## ସୁନା ଦର

୨୪ କ୍ୟାରେଟ ସୁନା – ପ୍ରତି ଗ୍ରାମ ୧୫,୧୪୮ (+୦)
୨୨ କ୍ୟାରେଟ ସୁନା – ପ୍ରତି ଗ୍ରାମ ୧୩,୮୮୫ (+୦)
୧୮ କ୍ୟାରେଟ ସୁନା – ପ୍ରତି ଗ୍ରାମ ୧୧,୩୬୧ (+୦)

## ରୁପା ଦର

ରୂପା – ପ୍ରତି ଗ୍ରାମ ୨୫୫ (+୦)

# ୨୭ ସୁଦ୍ଧା ସବୁ ସ୍କୁଲର ଛାତ୍ରଛାତ୍ରୀଙ୍କୁ ପୋଷାକ ବଣ୍ଟନ ନେଇ ଏସଓପି ଜାରୀ

**ଭୁବନେଶ୍ୱର, ୧୦।୪**
**ନ୍ୟୁଜ୍ ବ୍ୟୁରୋ**

ଏପ୍ରିଲ ୨୭ ସୁଦ୍ଧା ସବୁ ସ୍କୁଲର ଛାତ୍ରଛାତ୍ରୀଙ୍କୁ ପୋଷାକ ବଣ୍ଟନ ନେଇ ଏସଓପି ଜାରୀ ହୋଇଛି। ଛୁଟି ଭିତରେ ସମସ୍ତଙ୍କୁ ଡ୍ରେସ ଯୋଗାଇ ଦିଆଯିବ। ୧୨ ତାରିଖ ସୁଦ୍ଧା ଏଜେନ୍ସି ଚୟନ କରାଯାଇ କାର୍ଯ୍ୟାଦେଶ ବଣ୍ଟନ କରାଯିବ। ଯେଉଁ ମାନେ ପୂର୍ବରୁ କାର୍ଯ୍ୟାଦେଶ ପାଇଥିଲେ, ସେମାନଙ୍କ ନାଁରେ କିଛି ଅଭିଯୋଗ ଥିଲେ କାଟି ଦିଆଯିବ। ଯେଉଁମାନଙ୍କ ନାଁରେ କିଛି ଅଭିଯୋଗ ନାହିଁ ସେମାନଙ୍କୁ ପୋଷାକ ବଣ୍ଟନ ଦାୟିତ୍ୱ ଦିଆଯିବ ବୋଲି ସ୍କୁଲ ଓ ଗଣଶିକ୍ଷା ମନ୍ତ୍ରୀ ନିତ୍ୟାନନ୍ଦ ଗଣ୍ଡ ପ୍ରକାଶ କରିଛନ୍ତି। ମନ୍ତ୍ରୀ କହିଛନ୍ତି ଯେ, କେବେ ସ୍କୁଲ ଛୁଟି ହେବାନେଇ କିଛି ନିଷ୍ପତ୍ତି ହୋଇନି। ସମୟ ଦେଖି ସଠିକ୍ ସମୟରେ ନିଷ୍ପତ୍ତି ନିଆଯିବ।

# ମେଟ୍ରୋ ପ୍ରକଳ୍ପ ପାଇଁ ମୁଖ୍ୟମନ୍ତ୍ରୀଙ୍କୁ ଚିଠି ଲେଖିଲେ ଅପରାଜିତା

**ଭୁବନେଶ୍ୱର, ୧୦।୪**
**ନ୍ୟୁଜ୍ ବ୍ୟୁରୋ**

ଭୁବନେଶ୍ୱରର ସାଂସଦ ଅପରାଜିତା ଷଡଙ୍ଗୀ ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀଙ୍କୁ ରାଜ୍ୟ ମନ୍ତ୍ରିମଣ୍ଡଳ ଦ୍ୱାରା ପ୍ରସ୍ତାବିତ ମେଟ୍ରୋ ରେଳ ପ୍ରକଳ୍ପକୁ ସ୍ଥଗିତ କରିବା ନିଷ୍ପତ୍ତି ଉପରେ ପୁନଃବିଚାର କରିବାକୁ ଅନୁରୋଧ କରିଛନ୍ତି। ସେ ଏହାକୁ ଜନହିତ ସହିତ ସମ୍ବନ୍ଧିତ ଏକ ଗୁରୁତ୍ୱପୂର୍ଣ୍ଣ ବିଷୟ ବୋଲି ତାଙ୍କ ଚିଠିରେ ଉଲ୍ଲେଖ କରିଛନ୍ତି।

ମୁଖ୍ୟମନ୍ତ୍ରୀଙ୍କୁ ଲେଖିଥିବା ଚିଠିରେ ଶ୍ରୀମତୀ ଷଡଙ୍ଗୀ ଭୁବନେଶ୍ୱରରେ ଦ୍ରୁତ ଗତିରେ ବୃଦ୍ଧି ପାଉଥିବା ସହରୀକରଣ ଏବଂ ବଢୁଥିବା ଜନସଂଖ୍ୟାର ଉଲ୍ଲେଖ କରି କହିଛନ୍ତି ଯେ ଏହା ଟ୍ରାଫିକ୍ ସମସ୍ୟା ଏବଂ ବର୍ତ୍ତମାନର ସାଧାରଣ ପରିବହନ ବ୍ୟବସ୍ଥା ଉପରେ ଚାପ ବଢ଼ାଇଦେଉଛି। ସେ ଏକ ଆଧୁନିକ, ଉଚ୍ଚ କ୍ଷମତା ସମ୍ପନ୍ନ ଏବଂ ଶସ୍ତା ପରିବହନ ବ୍ୟବସ୍ଥାର ଆବଶ୍ୟକତା ଉପରେ ଜୋର ଦେଇଛନ୍ତି।

ସାଂସଦ କହିଛନ୍ତି ଯେ ଏହି ମେଟ୍ରୋ ପ୍ରକଳ୍ପ ଭୁବନେଶ୍ୱର ସହିତ (ପୃଷ୍ଠା ୭ରେ)

## ମେଟ୍ରୋ ପ୍ରକଳ୍ପ ବାତିଲ ହୋଇନି ସାମୟିକ ସ୍ଥଗିତ ରହିଛି : ମନ୍ତ୍ରୀ

**ଭୁବନେଶ୍ୱର, ୧୦।୪**
**ନ୍ୟୁଜ୍ ବ୍ୟୁରୋ**

ମେଟ୍ରୋ ପ୍ରକଳ୍ପ ବାତିଲ ହୋଇନି ସାମୟିକ ସ୍ଥଗିତ ରହିଛି । ଭୁବନେଶ୍ୱର ମେଟ୍ରୋ କର୍ପୋରେସନ ବନ୍ଦ ହୋଇନି । ସେ ଅଫିସ ମଧ ଚାଲୁ (ପୃଷ୍ଠା ୭ରେ)

## ବିଜୁ ତିରୋଧାନ ଦିବସ ପାଳନ ପୂର୍ବରୁ ଏକାଠି ହେଲେ ବିଜୁ ଲିଗାସୀ ନେତା

**ଭୁବନେଶ୍ୱର, ୧୦।୪**
**ନ୍ୟୁଜ୍ ବ୍ୟୁରୋ**

ଆସନ୍ତା ୧୭ ତାରିଖ ବିଜୁ ତିରୋଧାନ ଦିବସ ପାଳନ ପୂର୍ବରୁ ଏକାଠି ହେଲେ ବିଜୁ ଲିଗାସୀ ନେତା । ଭୁବନେଶ୍ୱର ସ୍ଥିତ ଓୟୁଏଟି ସମ୍ମିଳନୀ କକ୍ଷରେ ବରିଷ୍ଠ ନେତା ପହଞ୍ଚିଛନ୍ତି। ଓୟୁଏଟି ପରିସରରେ ତିରୋଧାନ ଦିବସ କାର୍ଯ୍ୟକ୍ରମ ପାଳନ କରାଯିବ। ଏଥିପାଇଁ ଶୁକ୍ରବାର ବରିଷ୍ଠ ନେତା (ପୃଷ୍ଠା ୭ରେ)

## ଏକାଳ ପଖାଳ




ରାଇଜେ ଯେତିକି ନିର୍ବାଚନ ହେଲା
ମେସିନିରେ ଭୋଟବନ୍ଦ
ଗଣନା ଦିନକୁ ଅପେକ୍ଷା କରିଣ
ଦିନରେ ଦେଖନ୍ତି ଚାନ୍ଦ
ଶୁଙ୍ଘି ହାରଜିତ ଗନ୍ଧ
କଣ ହେବ କଣ ନହେବ
ଧୈର୍ଯ୍ୟର ଭାଙ୍ଗଇ ବନ୍ଧ ।

# ‘ପ୍ରଧାନମନ୍ତ୍ରୀ ରାହତ’ ଯୋଜନା: ସଡ଼କ ଦୁର୍ଘଟଣାଗ୍ରସ୍ତଙ୍କୁ ମିଳିବ କ୍ୟାସଲେସ୍ ଚିକିତ୍ସା



**ନୂଆଦିଲ୍ଲୀ, ୧୦।୪**

ସଡ଼କ ଦୁର୍ଘଟଣାରେ ଶିକାର ହେଉଥିବା ବ୍ୟକ୍ତିଙ୍କୁ ତୁରନ୍ତ ଏବଂ ମାଗଣା ଚିକିତ୍ସା ଯୋଗାଇଦେବା ପାଇଁ ଭାରତ ସରକାରଙ୍କ ପକ୍ଷରୁ ‘ପ୍ରଧାନମନ୍ତ୍ରୀ ରାହତ’ ଯୋଜନା କାର୍ଯ୍ୟକାରୀ କରାଯାଉଛି। ଏହି ଯୋଜନାର ସଫଳ ରୂପାୟନ ପାଇଁ ଓଡ଼ିଶା ପୋଲିସ କ୍ରାଇମବ୍ରାଞ୍ଚ ପକ୍ଷରୁ ସମସ୍ତ ଜିଲ୍ଲା ଆରକ୍ଷୀ ଅଧୀକ୍ଷକ ଏବଂ ଡିସିପି ମାନଙ୍କୁ ସ୍ୱତନ୍ତ୍ର ନିର୍ଦ୍ଦେଶନାମା ଜାରି କରାଯାଇଛି। ଏହି ଯୋଜନା ଅଧୀନରେ ଦୁର୍ଘଟଣାର ଶିକାର ହୋଇଥିବା ପ୍ରତ୍ୟେକ ବ୍ୟକ୍ତିଙ୍କୁ ସର୍ବାଧିକ ୧.୫ ଲକ୍ଷ ଟଙ୍କା ପର୍ଯ୍ୟନ୍ତ କ୍ୟାସଲେସ୍ ଚିକିତ୍ସା ସୁବିଧା ଯୋଗାଇ ଦିଆଯିବ।

ଏହି ବ୍ୟବସ୍ଥାରେ ପୋଲିସର ଭୂମିକା ଅତ୍ୟନ୍ତ ଗୁରୁତ୍ୱପୂର୍ଣ୍ଣ ବୋଲି ଦର୍ଶାଯାଇଛି। ରାଜ୍ୟ ମୁଖ୍ୟ ଶାସନ ସଚିବ ଏବଂ ପୋଲିସ ମହାନିର୍ଦ୍ଦେଶକଙ୍କ ନିର୍ଦ୍ଦେଶକ୍ରମେ, ସାଧାରଣ ଆହତଙ୍କ କ୍ଷେତ୍ରରେ ୨୪ ଘଣ୍ଟା ଏବଂ ଗୁରୁତର ଆହତଙ୍କ କ୍ଷେତ୍ରରେ ୪୮ ଘଣ୍ଟା ମଧ୍ୟରେ ଇ-ଡିଏଆର୍ ପ୍ଲାଟଫର୍ମରେ ତଥ୍ୟ ଯାଞ୍ଚ ଓ ଅନୁମୋଦନ କରିବାକୁ ପୋଲିସକୁ କୁହାଯାଇଛି। ଯଦି ଦୁର୍ଘଟଣା ଅନ୍ୟ କୌଣସି ଥାନା ଅଞ୍ଚଳରେ ଘଟିଥାଏ, ତେବେ ମାତ୍ର ୩ ଘଣ୍ଟା ମଧ୍ୟରେ ଅଧିକାର କ୍ଷେତ୍ର ପରିବର୍ତ୍ତନ କରିବାକୁ (ପୃଷ୍ଠା ୭ରେ)

# ଆଜିଠୁ ବଢ଼ିବ ତାତି : ସତର୍କ ସୂଚନା ଜାରୀ କଲା ଆଇଏମଡି

**ଭୁବନେଶ୍ୱର, ୧୦।୪**
**ନ୍ୟୁଜ୍ ବ୍ୟୁରୋ**

ରାଜ୍ୟରେ ପାରଦ ପୁଣି ଉପରମୁହାଁ ହୋଇଛି। ଦୁଇଦିନ ମଧ୍ୟରେ ୪ରୁ ୬ ଡିଗ୍ରୀ ତାପମାତ୍ରା ବୃଦ୍ଧି ପାଇବ। ବିଶେଷକରି ଶନିବାର ୧୧ ତାରିଖରୁ ପଶ୍ଚିମ ଓ ଉପକୂଳ ଓଡ଼ିଶାରେ ତାପମାତ୍ରା ୪୦ ଡିଗ୍ରୀ ଅତିକ୍ରମ କରିବ ବୋଲି ପାଣିପାଗ ବିଭାଗ ପକ୍ଷରୁ ପୂର୍ବାନୁମାନ କରାଯାଇଛି। ୧୫ ତାରିଖ ପର୍ଯ୍ୟନ୍ତ ୫ଦିନ ଧରି ଉପକୂଳ ଓଡ଼ିଶା ଗରମ ଓ ଗୁଳୁଗୁଳିରେ ଛଟପଟ ହେବ। ଏଥିପାଇଁ ୧୧ ଜିଲା ବାଲେଶ୍ୱର, ଭଦ୍ରକ, ଯାଜପୁର, କେନ୍ଦ୍ରାପଡ଼ା, କଟକ, ଜଗତ୍‌ସିଂହପୁର, ଖୋର୍ଦ୍ଧା, ପୁରୀ, ନୟାଗଡ଼, ଗଞ୍ଜାମ ଓ ଗଜପତିକୁ ୟେଲୋ ୱାର୍ଣ୍ଣିଂ ଜାରି କରାଯାଇଛି।

ଅପରପକ୍ଷେ ଗତ ୨୪ ଘଣ୍ଟାରେ ବାଲେଶ୍ୱର ଜିଲା ଖଇରାଠାରେ ସର୍ବାଧିକ ୮୭ ମି.ମି. ବର୍ଷା ହୋଇଛି। ସେହିପରି କଟକ ଜିଲା ବାଙ୍କୀଠାରେ ୬୫ ମି.ମି., କେନ୍ଦ୍ରାପଡ଼ା ଜିଲା ଗରଦପୁରରେ ୬୪ ମି.ମି., କେନ୍ଦୁଝର ଜିଲା ଘଷିପୁରାରେ ୫୩ ମି.ମି., ନୟାଗଡ଼ ଜିଲା ରଣପୁରରେ ୪୬.୨ ମି.ମି., ପୁରୀ ଜିଲା କୃଷ୍ଣପ୍ରସାଦଠାରେ ୪୩.୫ ମି.ମି, ନିମାପଡ଼ାରେ ୪୨ ମି.ମି., ଖୋର୍ଦ୍ଧା ଜିଲା ଟାଙ୍ଗୀରେ ୪୦ ମି.ମି. ବର୍ଷା ରେକର୍ଡ ହୋଇଛି। ବାଲେଶ୍ୱର, (ପୃଷ୍ଠା ୭ରେ)

32 YEARS
ସମ୍ବାଦ କଳିକା
ଭୁବନେଶ୍ୱର, ୧୧ ଅପ୍ରେଲ ୨୦୨୬ ଶନିବାର







# ୩୦୦ କେଜି ଗଞ୍ଜେଇ ଜବତ

**ବୌଦ୍ଧ, ନ୍ୟୁଜ୍ ବ୍ୟୁରୋ**

ବୌଦ୍ଧ ଡଙ୍ଗାଖୋଲ ନିକଟ ଜଙ୍ଗଲରୁ ୧୬୫ କେଜି ଗଞ୍ଜେଇ ଗୁରୁବାର ସକାଳେ ଜବତ କରିଛି ବୌଦ୍ଧ ଅବକାରୀ ରେଞ୍ଜ । ମିଳିଥିବା ସୂଚନା ଅନୁଯାୟୀ ଜିଲ୍ଲାପାଳ ବିଭୁତି ଭୂଷଣ ନାୟକ ଓ ଅବକାରୀ ଅଧୀକ୍ଷକ ଶାନ୍ତି ମାରାଣ୍ଡିଙ୍କ ନିର୍ଦ୍ଦେଶକ୍ରମେ ବୌଦ୍ଧ ଅବକାରୀ ରେଞ୍ଜ ପକ୍ଷରୁ ବଘିଆପଡା – ଶଗଡା ରାସ୍ତାରେ ପାଟ୍ରୋଲିଂ ଚାଲିଥିବା ସମୟରେ ବିଶ୍ୱସ୍ତ ସୂତ୍ରରୁ ଖବରପାଇ ଡଙ୍ଗାଖୋଲ ଗ୍ରାମ ଦକ୍ଷିଣ ପାର୍ଶ୍ୱ ଜଙ୍ଗଲରେ ଇନ୍ସପେକ୍ଟର ଦିଲ୍ଲୀପ କୁମାର ଶତପଥୀଙ୍କ ନେତୃତ୍ୱରେ ଚଢଉ କରାଯାଇଥିଲା । ଚାଲାଣ ପାଇଁ ମହଜୁଦ୍ ରଖାଯାଇଥିବା ୧୬୫ କେଜି ଗଞ୍ଜେଇ ଜବତ କରାଯାଇଥିଲା । ଏ ସମ୍ପର୍କରେ ଏନ୍‌ଡିପିଏସ୍ ଆକ୍ଟରେ ଏକ ମାମଲା ରୁଜୁ କରି ଜବତ ଗଞ୍ଜେଇକୁ କୋର୍ଟରେ ପ୍ରଦର୍ଶନ କରାଯିବ ବୋଲି ଇନ୍ସପେକ୍ଟର ଦିଲ୍ଲୀପ କୁମାର ଶତପଥୀ ସୂଚନା ଦେଇଛନ୍ତି । ଚଢଉରେ ଅନ୍ୟମାନଙ୍କ ମଧ୍ୟରେ ବୌଦ୍ଧ ଅବକାରୀ ଥାନା ଭାରପ୍ରାପ୍ତ ଅଧିକାରୀ ସତ୍ୟ ନାରାୟଣ ପ୍ରଧାନ, କନେଷ୍ଟବଳ ଲୋକନାଥ ଭୋଇ, ରାଜ୍ କିଶୋର କନ୍‌ହର, ଅଞ୍ଜଳି ଅମାତ୍ ସାମିଲ୍ ହୋଇଥିଲେ । ସେହିପରି ବୌଦ୍ଧ ଜିଲ୍ଲା ଅବକାରୀ ମୋବାଇଲ୍ ସ୍କ୍ୱାର୍ଡ ପକ୍ଷରୁ ପନ୍ଥାଇ ନିକଟରୁ ଜବତ କରାଯାଇଥିଲା ୧୩୫ କେଜି ଗଞ୍ଜେଇକୁ କୋର୍ଟରେ ପ୍ରଦର୍ଶନ କରାଯାଇଛି । ମିଳିଥିବା ସୂଚନା ଅନୁଯାୟୀ ଜିଲ୍ଲାପାଳ ବିଭୁତି ଭୁଷଣ ନାୟକ ଓ ଅବକାରୀ ଅଧିକ୍ଷକ ଶାନ୍ତି ମାରାଣ୍ଡିଙ୍କ ନିର୍ଦ୍ଦେଶକ୍ରମେ ଜିଲ୍ଲା ଅବକାରୀ ମୋବାଇଲ୍ ସ୍କ୍ୱାର୍ଡ ଇନ୍ସପେକ୍ଟର ଶରତ କୁମାର ମିଶ୍ରଙ୍କ ନେତୃତ୍ୱରେ ବୌଦ୍ଧ ଥାନା ପନ୍ଥାଇ ନିକଟରେ ଚଢଉ କରାଯାଇଥିଲା । ଚାଲାଣ ପାଇଁ ରଖାଯାଇଥିବା ୩ ବସ୍ତା ଗଞ୍ଜେଇକୁ ଜବତ କରାଯାଇଥିଲା ଓ ଓଜନ କରାଯିବାରୁ ତାହା ୧୩୫ କେଜି ହୋଇଥିଲା । ଏ ସମ୍ପର୍କରେ ଏନ୍‌ଡିପିଏସ୍ ଆକ୍ଟରେ ଏକ ମାମଲା ରୁଜୁ କରି ଜବତ ଗଞ୍ଜେଇକୁ କୋର୍ଟରେ ପ୍ରଦର୍ଶନ କରାଯାଇଛି । ଚଢଉ ସମୟରେ ହରଭଙ୍ଗା ଅବକାରୀ ଥାନା ଭାରପ୍ରାପ୍ତ ଅଧିକାରୀ ଅସୀତ୍ ପ୍ରଧାନ, କନେଷ୍ଟବଳ ସତ୍ୟ ନନ୍ଦନ ମୁଖି, ପ୍ରଫୁଲ୍ଲ କୁମାର ଭୋକ୍ତା, ବିଜୁ ବାଘ, ପଞ୍ଚମୀ ବେହେରା ଓ ସୁଜିତ କୁମାର ସାହୁ ସାମିଲ୍ ହୋଇଥିଲେ ।

# ବେଆଇନ୍ କରତକଳ ଉପରେ ଚଢ଼ଉ:ଲକ୍ଷାଧିକ ଟଙ୍କାର କାଠ, ଯନ୍ତ୍ରାଂଶ ଜବତ

**ଧାମନଗର, ନ୍ୟୁଜ୍ ବ୍ୟୁରୋ**



ଧାମନଗର ଅଞ୍ଚଳରେ ଚାଲୁଥିବା ବେଆଇନ୍ କରତକଳ ଗୁଡିକୁ ଧରିବା ପାଇଁ ବନ ବିଭାଗ ଅଣ୍ଟା ଭିଡିଛି । ଭଦ୍ରକ ଜିଲ୍ଲା ଧାମନଗର ରେଞ୍ଜ ଅଧିନ ଉତ୍ତେଇପୁର ଠାରେ କିଛି ଦିନ ଧରି ବେଆଇନ୍ ଭାବେ ଚାଲିଥିବା କରତକଳ ଉପରେ ଧାମନଗର ବନ ବିଭାଗ ଗୁରୁବାର ସକାଳୁ ଚଢ଼ଉ କରିଛି । ବନ ବିଭାଗ ବେଆଇନ୍ କରତ କଳରୁ ପୁଣ୍ଡିଆ, ଜାମୁ, ଶିରୀଶ କାଠ ଓ ଯନ୍ତ୍ରାଂଶ ଜବତ କରିଛି । ଭଦ୍ରକ ଡିଏଫ୍‌ଓ ସୌଭାଗ୍ୟ କୁମାର ସାହୁଙ୍କ ନିର୍ଦ୍ଦେଶକ୍ରମେ ଭଦ୍ରକ ଏସିଏଫ୍ ସୁମିତ କୁମାର ମହାନ୍ତିଙ୍କ ନେତୃତ୍ୱରେ ଧାମନଗର ବନବିଭାଗ ରେଞ୍ଜର ବବୁଲ ମଲିକ, ଧାମନଗର ଫରେଷ୍ଟର ବସନ୍ତ ମାଝୀ, ଭଣ୍ଡାରିପୋଖରୀ ଫରେଷ୍ଟର କୃଷ୍ଣଚନ୍ଦ୍ର ବାସ୍କେ ଓ ଫରେଷ୍ଟ ଗାର୍ଡ ପୀତବାସ ଶଙ୍ଖୁଆ, ଜ୍ୟୋତ୍ସ୍ନାମୟୀ ପଣ୍ଡା, ଲକ୍ଷ୍ମୀ ହେମ୍ବ୍ରମ, ସୁବାସିନୀ ସାହୁଙ୍କ ସମେତ ଧାମନଗର ପୋଲିସ ସହାୟତାରେ ଆନନ୍ଦପୁର ପଞ୍ଚାୟତର ଉତ୍ତେଇପୁର ଗ୍ରାମରେ ଚାଲୁଥିବା ବେଆଇନ୍ କରତକଳ ଉପରେ ଚଢ଼ଉ କରିଥିଲେ । ଜବତ କାଠ ଓ ଯନ୍ତ୍ରାଂଶର ଆନୁମାନିକ ମୂଲ୍ୟ ଲକ୍ଷାଧିକ ଟଙ୍କା ହେବ ବୋଲି ରେଞ୍ଜର ମଲିକଙ୍କ ସୂତ୍ରରୁ ଜଣାଯାଇଛି । ଚଢ଼ଉ ସମୟରେ କରତକଳ ମାଲିକ ଫେରାର୍ ହୋଇଯାଇଥିବା ଜଣାଯାଇଛି । ବିଭିନ୍ନ ସ୍ଥାନରେ ଚାଲୁଥିବା ବେଆଇନ୍ କରତ କଳ ଉପରେ ତୀକ୍ଷ୍ଣ ନଜର ରଖାଯାଇଛି । ପର୍ଯ୍ୟାୟକ୍ରମେ ଏହି ଚଢ଼ଉ ଜାରି ରହିବ ବୋଲି ରେଞ୍ଜର ବବୁଲ ମଲିକ ସୂଚନା ଦେଇଛନ୍ତି । ସେହିପରି ଧାମନଗର ଓ ଧାମନଗର ଛକ ଠାରେ ବେଆଇନ୍ କରତ କଳ ଖୋଲମ୍ ଖୋଲା ଚାଲିଛି । ବନ ବିଭାଗ ଏଥିପ୍ରତି ଦୃଷ୍ଟି ଦେଇ ପଦକ୍ଷେପ ନେବାକୁ ସାଧାରଣରେ ମତ ପ୍ରକାଶ ପାଉଛି ।

# ରକ୍ତ ଦାନ କରି ୧୬ ମାସର ଶିଶୁର ଜୀବନ ରକ୍ଷା କଲେ ଜିଲ୍ଲାପାଳଙ୍କ ପିଏସ୍‌ଓ



**ସୁବର୍ଣ୍ଣପୁର, ନ୍ୟୁଜ୍ ବ୍ୟୁରୋ**

ସୋନପୁର ମୁଖ୍ୟ ଚିକିତ୍ସାଳୟ ଠାରେ ରକ୍ତ ଦାନ କରି ଏକ ୧୬ ମାସର ଶିଶୁ ରୋଗୀ ଅଭିଷେକ ମହାକୁଡ଼ଙ୍କ ଜୀବନ ବଞ୍ଚାଇଲେ ଜିଲ୍ଲାପାଳଙ୍କ ସୁରକ୍ଷା କର୍ମୀ ଆକାଶ ସାହୁ । ଆକାଶ ତାଙ୍କ ଜୀବନରେ ସମୁଦାୟ ୨୦ ଥର ରକ୍ତ ଦାନ କରି ଅନେକ ରୋଗୀଙ୍କ ଜୀବନ ବଞ୍ଚାଇବାର ଖବର ମିଳିଛି । ଏ ମହତ୍ କାର୍ଯ୍ୟ ପାଇଁ ବୌଦ୍ଧ ଜିଲ୍ଲା ବିଳାସପୁର ପଞ୍ଚାୟତର ଅଶ୍ୱିନ ଗିର ଗ୍ରାମ ସୁବଳ ମହାକୁଡ ରକ୍ତଦାତା ଆକାଶ ସାହୁଙ୍କୁ ଭାବ ବିହ୍ୱଳ ହୋଇ ଖୁବ୍ ପ୍ରଶଂଶା କରିଥିବା ବେଳେ ସହରର ବୁଦ୍ଧିଜୀବୀ ସାମ୍ବାଦିକ ମେଡିକାଲ୍ ଅଧିକାରୀ ମଧ୍ୟ ଆକାଶଙ୍କୁ ଉଚ୍ଚ ପ୍ରଶଂସା କରି ଏ ମହତ୍ କାର୍ଯ୍ୟକୁ ଜାରି ରଖିବାକୁ ପ୍ରେରଣା ଯୋଗାଇଛନ୍ତି ଏବଂ ଏ ରକ୍ତ ଦାନ କ୍ଷେତ୍ରରେ ସେବା କରିବାକୁ ଆମ ଜିଲ୍ଲା ପୋଲିସ ସଂଗଠକ ଦିନେଶ ମିଶ୍ର, ମନୋଜ ପଣ୍ଡାଙ୍କ ଠାରୁ ମୁଁ ପ୍ରେରଣା ପାଇଛି ବୋଲି ଜିଲ୍ଲାପାଳଙ୍କ 'ପିଏସ୍‌ଓ' ଆକାଶ ସାହୁ ମତ ପ୍ରକାଶ କରିଛନ୍ତି ।

# ୮୨ ଗ୍ରାମ୍ ଧଳା ଜହର ଜବତ:ଜଣେ ଗିରଫ



**ଜଗତସିଂହପୁର, ନ୍ୟୁଜ୍ ବ୍ୟୁରୋ**

ବାଲିକୁଦା ଅବକାରୀ ଥାନା ପକ୍ଷରୁ ଅସିଲୋ ଛକରେ ଚଢଉ କରାଯାଇ ୮୨ ଗ୍ରାମ୍‌ର ବ୍ରାଉନ୍‌ସୁଗାର ଜବତ କରାଯିବା ସହ ଅଭିଯୁକ୍ତ ବିଶ୍ୱଜିତ ସାହୁକୁ ଗିରଫ କରାଯାଇଛି । ଗୁରୁବାର ଦିନ ଜଗତସିଂହପୁର ଅବକାରୀ ରେଞ୍ଜ ଇନ୍ସପେକ୍ଟର ଶ୍ରୀକାନ୍ତ କୁମାର ପଟ୍ଟନାୟକଙ୍କ ନେତୃତ୍ୱରେ ଏକ ଟିମ୍ ବିଶେଷ ସୂତ୍ରକୁ ଆଧାର କରି ଅସିଲୋ ଛକ ଠାରେ ଚଢଉ କରି ବ୍ରାଉନ୍‌ସୁଗାର ବିକ୍ରି କରିବାକୁ ଆସିଥିବା ପୁରୀ ଜିଲ୍ଲା ଅସ୍ତରଙ୍ଗ ଥାନା ଅନ୍ତର୍ଗତ କୂଳସାହି ଗ୍ରାମର ମାୟାଧର ସାହୁଙ୍କ ପୁଅ ବିଶ୍ୱଜିତ ସାହୁ (୩୧)ଙ୍କ ଠାରୁ ୮୨ ଗ୍ରାମ୍‌ର ବ୍ରାଉନ୍‌ସୁଗାର ସହ ଏକ ବଜାଜ୍ ପଲ୍‌ସର୍ ମୋଟର ସାଇକେଲ୍ ଓ ଏକ ମୋବାଇଲ୍ ଫୋନ୍ ଜବତ କରିବା ସହ ତାଙ୍କୁ ଗିରଫ କରିଛନ୍ତି । ଅଭିଯୁକ୍ତଙ୍କୁ ଅଦାଲତ ଚାଲଣ କରାଯାଇଥିବା ବେଳେ ଜିଲ୍ଲା ଦୌରାଜଜ୍ ଅଭିଯୁକ୍ତଙ୍କ ଜାମିନ୍ ନାମଞ୍ଜୁର କରି କାରାଗାରକୁ ପଠାଇଛନ୍ତି । ଏହି ଚଢଉରେ କନେଷ୍ଟବଳ ଜୟଦେବ ପାତ୍ର, ଦୀନବନ୍ଧୁ ସେଠୀ, ପ୍ରତିମା ଜେନା, ଶୁଭଶ୍ରୀ ବିଶ୍ୱାଳ, ଅନୁରାଗ ସୂର୍ଯ୍ୟବଂଶୀ ପ୍ରମୁଖ ସାମିଲ ଥିଲେ । ଜିଲ୍ଲାରେ ଦିନକୁ ଦିନ ବ୍ରାଉନ୍‌ସୁଗାର କାରବାର ବଢିଚାଲିଥିବା ବେଳେ ଏବଂ ସମଗ୍ର ରାଜ୍ୟରେ ସ୍ପେଶାଲ୍ ଡ୍ରାଇଭ୍ ଚାଲିଥିବା ବେଳେ ଏହା ନିଶ୍ଚିତ ଭାବେ ଜଗତସିଂପୁର ଅବକାରୀ ବିଭାଗ ପାଇଁ ବଡ଼ ସଫଳତା । ଅବକାରୀ ଅଧିକ୍ଷକ ଅନିତା ପ୍ରଧାନ ବାଲିକୁଦା ଅବକାରୀ ଥାନାକୁ ପ୍ରଶଂସା କରିବା ସହ ଆଗାମୀ ଦିନମାନଙ୍କରେ ଚଢଉକୁ ଜୋରଦାର୍ କରିବା ପାଇଁ ଉତ୍ସାହିତ କରିଛନ୍ତି ।



# ଡାକ୍ତରଖାନା ଛାତ ଉପରୁ ଡେଇଁ ମହିଳାଙ୍କ ଆତ୍ମହତ୍ୟା ଉଦ୍ୟମ

**ବୌଦ୍ଧ, ନ୍ୟୁଜ୍ ବ୍ୟୁରୋ**

ଶୁକ୍ରବାର ଦିନ ବୌଦ୍ଧ ଜିଲ୍ଲା ଡାକ୍ତର ଖାନାର ଛାତ ଉପରୁ ତଳକୁ ଡେଇଁ ଜଣେ ମହିଳା ଆତ୍ମହତ୍ୟା ଉଦ୍ୟମ କରିଥିବା ଅଭିଯୋଗ ହେଉଛି । ମହିଳାଙ୍କୁ ଗୁରୁତର ଆହତ ଅବସ୍ଥାରେ ଉଦ୍ଧାର କରି ବୁର୍ଲା ଡାକ୍ତରଖାନା ସ୍ଥାନାନ୍ତର କରାଯାଇଛି । ମିଳିଥିବା ସୂଚନା ଅନୁଯାୟୀ ଗୁରୁବାର ବଘୁଆକଟା ଗ୍ରାମର ରଶ୍ମିତା ଭୋକ୍ତା ନାମକ ଜଣେ ମହିଳା ବିଷପାନ କରି ଆତ୍ମହତ୍ୟା ଉଦ୍ୟମ କରିଥିଲେ । ପରିବାର ଲୋକେ ବୌଦ୍ଧ ଡାକ୍ତରଖାନା ଆଣି ଭର୍ତ୍ତି କରିଥିଲେ । ସକାଳେ ମହିଳାଙ୍କ ସ୍ୱାସ୍ଥ୍ୟ ଅବସ୍ଥାରେ ସୁଧାର ଆସି କ୍ରମଶଃ ସୁସ୍ଥ ହେଉଥିବା ବେଳେ ଦିନ ୧୦ଟା ସମୟରେ ବେଡରୁ ଉଠି ଡାକ୍ତରଖାନାର ଛାତ ଉପରୁ ଡେଇଁ ଆଉ ଥରେ ଆତ୍ମହତ୍ୟା ଉଦ୍ୟମ କରିଥିଲେ । ଫଳରେ ତାଙ୍କ ଗୋଡ, ଅଣ୍ଟା ଓ ମୁଣ୍ଡରେ ଗଭୀର ଆଘାତ ହୋଇଥିଲା । ତାଙ୍କୁ ତୁରନ୍ତ ଉଦ୍ଧାର କରି ଡାକ୍ତରଖାନାରେ ଭର୍ତ୍ତି କରାଯାଇଥିଲା । ପ୍ରାଥମିକ ଚିକିତ୍ସା ପରେ ଅବସ୍ଥା ଗୁରୁତର ଥିବାରୁ ତାଙ୍କୁ ବୁର୍ଲା ଭୀମସାରକୁ ସ୍ଥାନାନ୍ତର କରାଯାଇଛି । ବୌଦ୍ଧ ପୋଲିସ ଘଟଣା ସ୍ଥଳରେ ପହଞ୍ଚି ତଦନ୍ତ ଆରମ୍ଭ କରିଛି ।

# ଘରୋଇ ଶିକ୍ଷାନୁଷ୍ଠାନ ଶିକ୍ଷୟିତ୍ରୀଙ୍କ ସନ୍ଦେହଜନକ ମୃତ୍ୟୁ



**ବ୍ୟାସନଗର, ନ୍ୟୁଜ୍ ବ୍ୟୁରୋ**

ଯାଜପୁର ଜିଲ୍ଲାର ପାଣିକୋଇଲି ଥାନା ଅନ୍ତର୍ଗତ ଶଙ୍ଖଚିଲା ନିକଟସ୍ଥ ତଣ୍ଡରା ଗ୍ରାମ ନିକଟରେ ଥିବା ପ୍ରୟାସ ଘରୋଇ ଶିକ୍ଷାନୁଷ୍ଠାନର ଜଣେ କେମେଷ୍ଟ୍ରି ଶିକ୍ଷୟିତ୍ରୀଙ୍କ ସନ୍ଦେହ ଜନକ ମୃତ୍ୟୁ ଘଟିଛି । ଘଟଣାକୁ ନେଇ ମୃତ୍ୟୁ ଶିକ୍ଷୟତ୍ରୀଙ୍କ ଭାଇ ପାଣିକୋଇଲି ଥାନାରେ ଏକ ଅଭିଯୋଗ କରିଛନ୍ତି । ଶିକ୍ଷୟିତ୍ରୀ ଜଣକ ହେଉଛନ୍ତି ଖୋର୍ଦ୍ଧା ଜିଲ୍ଲା କୁରାଡିଲ ଗ୍ରାମର ବିଜୟଲକ୍ଷ୍ମୀ ସେନାପତି (୩୪) । ପୋଲିସ୍ ୯/୨୬ରେ ଏକ ଅପମୃତ୍ୟୁ ମାମଲା ରୁଜୁ କରି ତଦନ୍ତ ଚଳାଇଥିବା ପାଣିକୋଇଲି ଥାନା ଅଧିକାରୀ ରଞ୍ଜିତ କୁମାର ମହାନ୍ତି ସୂଚନା ଦେଇଛନ୍ତି । ବିଜୟଲକ୍ଷ୍ମୀ କଲେଜ ବାହାରେ ଶଙ୍ଖଚିଲାରେ ଏକ ଭଡାଘରେ ରହୁଥିଲେ । ହଠାତ୍ ଗୁରୁତର ଅସୁସ୍ଥ ହେବାରୁ ଭଡାଘର ମାଲିକ ତାଙ୍କୁ ଯାଜପୁର ରୋଡ ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରରେ ଭର୍ତ୍ତି କରିଥିଲେ । ସେଠାରେ ଚିକିତ୍ସାଧିନ ଅବସ୍ଥାରେ ଡାକ୍ତର ତାଙ୍କୁ ମୃତ ଘୋଷଣା କରିଥିଲେ । ପାଣିକୋଇଲି ପୋଲିସ୍ ପହଞ୍ଚି ଶବ ବ୍ୟବଚ୍ଛେଦ ପାଇଁ ଦାନଗଦୀ ଡାକ୍ତରଖାନାକୁ ପଠାଇଥିଲା । ବିଜୟଲକ୍ଷ୍ମୀ ୬ ବର୍ଷ ହେଲା ଏଠାରେ ଚାକିରୀ କରୁଥିଲେ । ଗତ ୪ ଦିନ ହେଲା ସେ ଛୁଟିରେ ଘରକୁ ଯାଇଥିଲେ । ଘରୁ ଆସି କାର୍ଯ୍ୟରେ ଯୋଗଦେଇଥିଲେ । ହଠାତ୍ ତାଙ୍କର ଦେହ ଅସୁସ୍ଥ ଥିବା ଖବର ଆସିଥିଲା । ସେ ରହୁଥିବା ଭଡାଘର ମାଲିକ ତାଙ୍କୁ ଡାକ୍ତରଖାନା ନେଇଥିଲେ । ବିଜୟଲକ୍ଷ୍ମୀ କିଛିଦିନ ହେବ ଅସୁସ୍ଥ ଥିଲେ ବୋଲି ତାଙ୍କ ଭାଇ ଦେବାଶିଷ ପାଣିକୋଇଲି ଥାନାରେ ଅଭିଯୋଗ କରିଛନ୍ତି ବୋଲି ଥାନା ଅଧିକାରୀ ଶ୍ରୀ ମହାନ୍ତି କହିଛନ୍ତି । ଶବ ବ୍ୟବଚ୍ଛେଦ ରିପୋର୍ଟ ଆସିବା ପରେ ପ୍ରକୃତ କଥା ଜଣାପଡିବ ବୋଲି ସେ ଜଣାଇଛନ୍ତି ।

# ଇମ୍ଫା ପକ୍ଷରୁ କମୁଗୁଡା ଗ୍ରାମରେ ଗ୍ରାମ୍ୟ ମଣ୍ଡପ ଉଦ୍ଘାଟିତ

**ରାୟଗଡ଼ା, ନ୍ୟୁଜ୍ ବ୍ୟୁରୋ**




କୋଲନରା ବ୍ଲକ୍ ଅଧିନ ସୁରୀ ଗ୍ରାମ ପଞ୍ଚାୟତର କମୁଗୁଡା ଗ୍ରାମବାସୀଙ୍କ ପାଇଁ ଗର୍ବ ଓ ଆନନ୍ଦର ଏକ ସ୍ମରଣୀୟ ମୁହୂର୍ତ୍ତରେ, ବିଆଇପିଏଫ୍ ସିଏସ୍‌ଆର୍ ଆର୍ଥିକ ବର୍ଷ ୨୦୨୫–୨୬ ଅଧିନରେ ନିର୍ମିତ ଏକ ନୂତନ ଗ୍ରାମ୍ୟ ମଣ୍ଡପ ଉଦ୍ଘାଟନ କରାଯାଇଛି । ଏହି ଉଦ୍ଘାଟନ କାର୍ଯ୍ୟକ୍ରମରେ ୟୁନିଟ୍ ମୁଖ୍ୟ ତଥା ଇ.ଆଇ.ସି ଜି.ଭି. ରାକେଶ ଅଧ୍ୟକ୍ଷତା କରିଥିଲେ ଓ ଦୀପକ କୁମାର ଓଝା ଲୋକ ସମ୍ପର୍କ ବିଭାଗ ମୁଖ୍ୟ ଉପସ୍ଥିତ ଥିଲେ । ଏହି ଅବସରଟି ଗ୍ରାମବାସୀଙ୍କ ପାଇଁ ଏକ ପର୍ବ ପରି ପରିଣତ ହୋଇଥିଲା, ଯେଉଁଠାରେ ସେମାନେ ଉତ୍ସାହ ଓ ଉଜ୍ଜ୍ୱଳ ଭବିଷ୍ୟତର ଆଶା ସହିତ ଏକତ୍ରିତ ହୋଇଥିଲେ । ସ୍ଥାନୀୟ ପ୍ରତିନିଧିମାନେ, ସୁରୀ ପଞ୍ଚାୟତର ନାଏବ ସରପଞ୍ଚ ସସ୍ମିତା କଡ୍ରାକା ସହ ଅନେକ ସମ୍ମାନୀୟ ବୃଦ୍ଧ ଓ ପ୍ରମୁଖ ଗ୍ରାମବାସୀମାନେ ଏହି କାର୍ଯ୍ୟକ୍ରମକୁ ଶୋଭାୟମାନ କରିଥିଲେ । ଏହି ଗ୍ରାମ୍ୟ ମଣ୍ଡପ ହଲ୍ ସାମାଜିକ, ସାଂସ୍କୃତିକ ଓ ଉନ୍ନୟନ ମୂଳକ କାର୍ଯ୍ୟ କଳାପ ପାଇଁ ଏକ ଦୀର୍ଘଦିନର ଆବଶ୍ୟକତା ପୂରଣ କରିବ ବୋଲି ଦେଖାଯାଉଛି । ସଭାକୁ ସମ୍ବୋଧନ କରି ଜି. ଭି. ରାକେଶ ୟୁନିଟ୍ ମୁଖ୍ୟ ତଥା ଇ.ଆଇ.ସି ସମୁଦାୟ ପ୍ରତି ତାଙ୍କର ଗଭୀର ପ୍ରତିବଦ୍ଧତା ପ୍ରକାଶ କରିଥିଲେ । ସେ କହିଥିଲେ, "ଆମେ କେବଳ କାରଖାନା ନିର୍ମାଣ ପାଇଁ ଏଠାରେ ନୁହେଁ; ଆମେ ଲୋକମାନଙ୍କ ସହିତ ଓ ତାଙ୍କର ଆବଶ୍ୟକତା ସହିତ ଜଡିତ ରହିବାକୁ ଚାହୁଁଛୁ । ଏହି ପ୍ରୟାସ ଆଗାମୀ ଦିନରେ ମଧ୍ୟ ଜାରି ରହିବ ।" ତାଙ୍କ କଥା ଗ୍ରାମବାସୀଙ୍କ ମନକୁ ଛୁଇଁଥିଲା ଓ ସହଭାଗିତା ଓ ଦାୟିତ୍ୱର ଗଭୀର ଭାବନାକୁ ପ୍ରକାଶ କରିଥିଲା । ସୁରୀ ପଞ୍ଚାୟତର ନାଏବ ସରପଞ୍ଚ ସସ୍ମିତା କଡ୍ରାକା ମଧ୍ୟ ଭାବବିହ୍ୱଳ ହୋଇ ବିଆଇପିଏଫ୍ ଇମ୍ଫାର ଦୀର୍ଘଦିନର ସମର୍ଥନକୁ ସ୍ୱୀକାର କରିଥିଲେ । ସେ କହିଥିଲେ ଯେ, ସଂସ୍ଥାଟି ଦୀର୍ଘ ସମୟ ଧରି ତାଙ୍କ ଗ୍ରାମ ସହିତ ରହିଆସିଛି ଓ ଏହି ଅଞ୍ଚଳର ଉନ୍ନତି ପାଇଁ ନିରନ୍ତର ସହଯୋଗ ଓ ସେବା ପ୍ରଦାନ କରୁଥିବା ପ୍ରବନ୍ଧନ ପ୍ରତି ସେ ତାଙ୍କର ଅନ୍ତର୍ଦ୍ଦୟାରୁ କୃତଜ୍ଞତା ଜଣାଇଥିଲେ । ଏହି କାର୍ଯ୍ୟକ୍ରମଟି ଗ୍ରାମବାସୀମାନଙ୍କ ଦ୍ୱାରା ନିଜେ ଅତ୍ୟନ୍ତ ସୁନ୍ଦର ଭାବରେ ଆୟୋଜିତ ହୋଇଥିଲା ଓ ଲୋକ ସମ୍ପର୍କ ବିଭାଗର ସକ୍ରିୟ ସମନ୍ୱୟ ଓ ସହଯୋଗ ରହିଥିଲା, ଯାହା ଏକ ସତ୍ୟ ସାମୁଦାୟିକ ଏକତା ଓ ସହଭାଗିତାର ଉଦାହରଣ ସୃଷ୍ଟି କରିଥିଲା । କାର୍ଯ୍ୟକ୍ରମର ଏକ ସ୍ୱର୍ଶକାତ୍ମକ ମୁହୂର୍ତ୍ତ ହେଉଛି ବୃଦ୍ଧ ଗ୍ରାମବାସୀମାନଙ୍କୁ ଉପଢୌକନ ଦେଇ ସମ୍ମାନ ଜଣାଇବା, ଯାହା ସମ୍ମାନ ଓ କୃତଜ୍ଞତାର ପ୍ରତୀକ ଥିଲା । ଏହି ଉଦ୍ୟମ ଏକ ସ୍ନେହମୟ ପରିବେଶ ସୃଷ୍ଟି କରିଥିଲା, ସଂସ୍ଥା ଓ ସମୁଦାୟ ମଧ୍ୟରେ ଥିବା ଦୃଢ଼ ସମ୍ପର୍କକୁ ପ୍ରକାଶ କରିଥିଲା । ଶେଷରେ, ଅଧିକାରୀମାନେ ଓ ଗ୍ରାମବାସୀମାନଙ୍କ ମଧ୍ୟରେ ହୃଦୟସ୍ପର୍ଶୀ ଆଲୋଚନା ସହ କାର୍ଯ୍ୟକ୍ରମଟି ଆଶାଭରା ପରିବେଶରେ ସମାପ୍ତ ହୋଇଥିଲା । ଏହି ଗ୍ରାମ୍ୟ ମଣ୍ଡପ ଉଦ୍ଘାଟନ କେବଳ ଏକ ଭବନର ଶୁଭାରମ୍ଭ ନୁହେଁ, ବରଂ କୋମୁଗୁଡା ଗ୍ରାମବାସୀଙ୍କ ପାଇଁ ଏକ ଦୃଢ଼ ଏକତା, ସମିକ୍ତ ଉନ୍ନତି ଓ ଉଜ୍ଜ୍ୱଳ ଭବିଷ୍ୟତର ଆରମ୍ଭ ଅଟେ ।

# ମୟୂରଭଞ୍ଜ ଜିଲ୍ଲାର ଗଣ ପର୍ବ ଚୈତ୍ର ପର୍ବକୁ ଜାତୀୟସ୍ତରୀୟ ରୂପ ଦେବାକୁ ପ୍ରୟାସ

**ବାରିପଦା, ନ୍ୟୁଜ୍ ବ୍ୟୁରୋ**




ଆଉ ଦିନ କେଇଟା ପରେ ଆରମ୍ଭ ହେବ ମୟୂରଭଞ୍ଜ ଜିଲ୍ଲାର ଗଣ ପର୍ବ ଚୈତ୍ର ପର୍ବ–୨୦୨୬ । ଏହି ଚୈତ୍ର ପର୍ବକୁ ଚଳିତ ବର୍ଷ ଜାତୀୟ ସ୍ତରର ପର୍ବ ଭାବେ ଗଢି ତୋଳିବାକୁ ପ୍ରୟାସ ଆରମ୍ଭ କରିଛି ଜିଲ୍ଲା ପ୍ରଶାସନ । ୩ ଦିନ ପରବର୍ତ୍ତେ ଚଳିତବର୍ଷ ହେବ ୫ ଦିନ । ଛଉ ନୃତ୍ୟ ସାଙ୍ଗକୁ ବିଭିନ୍ନ ରାଜ୍ୟର ଲୋକକଳା ଦର୍ଶକଙ୍କ ମନ ମୋହିବେ ଐତିହାସିକ ଛଉ ପଡିଆ ଠାରେ । ପଲ୍ଲିଶ୍ରୀ ମେଳା ସାଙ୍ଗକୁ ପାରମ୍ପରିକ ଖାଦ୍ୟକୁ ନେଇ ଖୋଲିବ ଫୁଡ୍ କୋର୍ଟ । ମୟୂରଭଞ୍ଜ ଜିଲ୍ଲାର ଖାଦ୍ୟ, ସବାଇ କ୍ରାଫ୍, ଲିମନ୍ ଗ୍ରାସ୍ ତେଲ, ଡୋକର ଆଦିର ପ୍ରଚାର ପ୍ରସାର ପାଇଁ ଅଣ୍ଟା ଭିଡିଛି ପ୍ରଶାସନ । ୧୧ ତାରିଖରୁ ଆରମ୍ଭ ହୋଇ ୧୫ ତାରିଖ ପର୍ଯ୍ୟନ୍ତ ଚାଲିବ । ଏହି ମହାପର୍ବ ଚୈତ୍ର ପର୍ବ–୨୦୨୬ । ମୟୂରଭଞ୍ଜ ଜିଲ୍ଲାର ପ୍ରସିଦ୍ଧ ଛଉ ନୃତ୍ୟକୁ ନେଇ ଅନୁଷ୍ଠିତ ହୋଇଥାଏ ଗଣ ପର୍ବ ଚୈତ୍ରପର୍ବ । ରାଜତନ୍ତ୍ର ଆମଳରୁ ଏହି ପରମ୍ପରା ରହିଆସିଛି । ସ୍ୱତନ୍ତ୍ର ମୟୂରଭଞ୍ଜ ରାଜ୍ୟ ୧୯୩୬ ମସିହାରେ ଓଡ଼ିଶା ପ୍ରଦେଶ ଗଠନରେ ଏକ ପ୍ରମୁଖ ଭୂମିକା ଗ୍ରହଣ କରିଥିବା ବେଳେ ଓଡ଼ିଶାର ସ୍ୱାସ୍ଥ୍ୟ, ଶିକ୍ଷା, କଳା, ସଂସ୍କୃତି, ଭାସ୍କର୍ଯ୍ୟ କ୍ଷେତ୍ରକୁ ସବୁଦିନ ପରିପୃଷ୍ଟ କରିଆସିଛି । ସେଥିମଧ୍ୟରୁ ଓଡ଼ିଶାର ସାଂସ୍କୃତିକ କ୍ଷେତ୍ରକୁ ତାର ସବୁଠାରୁ ବଡ ଅବଦାନ ହେଉଛି ମୟୂରଭଞ୍ଜ ଛଉ ନୃତ୍ୟ । ଏକ କଠିନ ସମର ନୃତ୍ୟ ଭାବେ ପରିଚିତ ମୟୂରଭଞ୍ଜ ଛଉ ବିଶ୍ୱ ଦରବାରରେ ଏକ ସ୍ୱତନ୍ତ୍ର ତଥା ବିରଳ ଉତ୍କଳୀୟ କଳା ଭାବେ ଓଡ଼ିଶାର ନାମକୁ ଗୌରବାନ୍ୱିତ କରିଆସିଛି । ଆମ ଦେଶରେ ୩ ପ୍ରକାର ଛଉ ନୃତ୍ୟ ଦେଖିବାକୁ ମିଳିଥାଏ । ସେସବୁ ହେଉଛି ପଶ୍ଚିମବଙ୍ଗର ପୁରୁଲିଆ ଛଉ, ଝାଡଖଣ୍ଡର ଷଢେଇକଳା ଛଉ ଏବଂ ଓଡ଼ିଶାର ମୟୁରଭଞ୍ଜ ଛଉ । ତେବେ ଅନ୍ୟ ଦୁଇ ଗୋଟି ଶୈଳୀର କଳାକାରମାନେ ନୃତ୍ୟ ପରିବେଷଣ କଲାବେଳେ ମୁଖାର ବ୍ୟବହାର କରିଥାନ୍ତି ମାତ୍ର ମୟୁରଭଞ୍ଜ ଛଉରେ ମୁଖା ବ୍ୟବହୃତ ହୁଏନାହିଁ ତା ସହିତ ନୃତ୍ୟ ଶୈଳୀ ମଧ୍ୟ ଭିନ୍ନ ଅଟେ । ଛଉ ନୃତ୍ୟ ସିଧାସଳଖ ଭାବେ ମୟୁରଭଞ୍ଜର ପରମ୍ପରା ସହିତ ଜଡିତ ବା ପର୍ଯ୍ୟବେଷ୍ଟିତ । ସେହି ଛଉ ନୃତ୍ୟ ପରମ୍ପରାକୁ ନେଇ ପାଳିତ ହୋଇଥାଏ ଏହି ଚୈତ୍ରପର୍ବ । ସେଥିପାଇଁ ଛଉ କଳାକାର ପକ୍ଷରୁ ଆରମ୍ଭ ହୋଇଯାଇଛି ପ୍ରସ୍ତୁତି । ଚଳିତବର୍ଷ ଏହି ମହାପର୍ବକୁ ଅଧିକ ଆକର୍ଷଣୀୟ କରିବା ସହିତ ମୟୂରଭଞ୍ଜ ଜିଲ୍ଲାର ପ୍ରସ୍ତୁତ ହସ୍ତକଳାକୁ ଅଧିକ ଲୋକପ୍ରିୟ କରିବାକୁ ପ୍ରୟାସ ଆରମ୍ଭ କରିଛନ୍ତି ଜିଲ୍ଲାପାଳ । ରାଜ୍ୟର ସମସ୍ତ ଜିଲ୍ଲାକୁ ଏହି ମହାନ ପର୍ବରେ ସାମିଲ ହେବାକୁ ଦିଆଯାଉଛି ସ୍ୱତନ୍ତ୍ର ନିମନ୍ତ୍ରଣ । ଏହି ପର୍ବକୁ ଜାତୀୟ ସ୍ତରର ପର୍ବ କରି ତୋଳିବାକୁ ନିଆଯାଉଛି ପଦକ୍ଷେପ । ଛଉ ନୃତ୍ୟ ସାଙ୍ଗକୁ ବିଭିନ୍ନ ରାଜ୍ୟର ଲୋକକଳାକୁ ଏହି ପର୍ବରେ ସାମିଲ୍ କରାଯିବାକୁ ସ୍ଥିର ହୋଇଛି । ଆସାମର ଚିହ୍ନ ନୃତ୍ୟ, ମହାରାଷ୍ଟ୍ରର ମର୍ଦାନୀ ଖେଳ ନୃତ୍ୟ, କେରଳର କଲାରିପାୟାକୁ ନୃତ୍ୟ ଏହି ମଞ୍ଚରେ ପରିବେଷଣ କରାଯିବ । ଏଥିସହିତ ପ୍ରାରମ୍ଭରେ ୧୧ ତାରିଖ ଦିନ ଏକ ସାଂସ୍କୃତିକ ଶୋଭାଯାତ୍ରାର ମଧ୍ୟ ଆୟୋଜନ କରାଯିବ ବୋଲି କହିଛନ୍ତି ଜିଲ୍ଲାପାଳ । ପଲ୍ଲିଶ୍ରୀ ମେଳା ସାଙ୍ଗକୁ ପାରମ୍ପରିକ ଖାଦ୍ୟକୁ ନେଇ ଫୁଡ୍ କୋର୍ଟ ମୁଖ୍ୟ ଆକର୍ଷଣ ପାଲଟିବ । କେବଳ ଏତିକି ନୁହେଁ ଏହି ମହାନ୍ ପର୍ବକୁ ଅଧିକ ଲୋକପ୍ରିୟ କରିବା ପାଇଁ ଗେମ୍ ଜୋନ୍ ସାଙ୍ଗକୁ ଛଉ ନୃତ୍ୟ ଉପରେ ଲିଜର୍ ସୋ, ବାଲୁକା ଶିଳ୍ପ ଆଦି ବିଭନ୍ନ ଆକର୍ଷଣୀୟ କାର୍ଯ୍ୟକ୍ରମ ମଧ୍ୟ କରାଯିବାକୁ ସ୍ଥିର କରିଛି ପ୍ରଶାସନ । ଏହି ପର୍ବକୁ ବିଶ୍ୱସ୍ତରୀୟ ପର୍ବ କରିବାକୁ ଲକ୍ଷ୍ୟ ରଖିଛି ପ୍ରଶାସନ ।

# ସୁବଳୟା ପୋଲିସର ବଡ଼ ସଫଳତା:କଫ ସିରପ୍ ସହ ଗାଡ଼ି ଜବତ ଓ ୨ ଗିରଫ

**ବୀରମହାରାଜପୁର, ନ୍ୟୁଜ୍ ବ୍ୟୁରୋ**

ସୁବର୍ଣ୍ଣପୁର ଜିଲ୍ଲା ସୁବଳୟା ଥାନା ଅନ୍ତର୍ଗତ ଦୂରଦୁରା ନିକଟରୁ ଗୁରୁବାର ସୁବଳୟା ପୋଲିସ ବିପୁଳ ପରିମାଣରେ କଫ ସିରପ୍ ଜବତ କରିଥିବା ଜଣାପଡିଛି । ସୁବଳୟା ପୋଲିସ ୨ ଜଣକୁ ଗିରଫ କରିବା ସହ ୨୦୦୦ ବୋତଲ କଫ ସିରପ୍ ଓ ଦୁଇଟି ଚାରି ଚକିଆ ଯାନ ଜବତ କରି ଏକ ମାମଲା ରୁଜୁ କରିଛି । ସୂଚନା ଅନୁସାରେ ଗୁରୁବାର ଉକ୍ତ ରାସ୍ତାରେ କଫ ସିରପ୍ ବୋଝେଇ ଗାଡି ଆସିବା ନେଇ ପୋଲିସ କୌଣସି ସୂତ୍ରରୁ ଖବରପାଇ ସୁବଳୟା ଥାନା ସୀମାବର୍ତ୍ତୀ ଆମଝିର ନିକଟରେ ରାତି ପ୍ରାୟ ୪ଟାରୁ ଛପିରହିଥିଲା । ଦିନ ପ୍ରାୟ ୭.୩୦ଟା ସମୟରେ ପୋଲିସ ସନ୍ଦେହରେ ମହିନ୍ଦ୍ର ଏକ୍ସୟୁଭି ଗାଡିକୁ ଅଟକେଇବାକୁ ଚେଷ୍ଟା କରିଥିଲେ । ହେଲେ ଗାଡିଟି ଦ୍ରୁତ ଗତିରେ ଫେରାର୍ ମାରିବାକୁ ଚେଷ୍ଟା କରି ଦୂରଦୁରା ବାଲି ଘାଟ ରାସ୍ତାରେ କଫ ସିରପ୍ ବୋଝେଇ ଗାଡି ଛାଡି ଡ୍ରାଇଭର ଫେରାର୍ ମାରିଥିଲା । କଫ ସିରପ୍ ବୋଝେଇ ଗାଡି ସୁଇଫ୍ଟ ଡିଜାରକୁ ସୁରକ୍ଷା ଦେଉଥିବା ଗାଡିକୁ ପୋଲିସ ଅଟକ ରଖି ପଚାରୁଚୁରା ପରେ କଫ ସିରପ୍ କାରବାରରେ ସାମିଲ୍ ଥିବା ଜାଣିବାକୁ ପାଇ ପୋଲିସ ସଦର ବଲାଙ୍ଗୀରର ବରପାଲିପଡାର ୨ ଅଭିଯୁକ୍ତ ରଞ୍ଜନ କୁମାର ମେହେର (୨୬) ଓ ରୋହନ ଜେନା (୨୬)ଙ୍କୁ ପୋଲିସ ଗିରଫ କରିଥିବା ବେଳେ ଗାଡିରୁ ୨୦୦୦ କଫ ସିରପ୍ ବୋତଲ ଜବତ କରିଥିଲେ । ଯାହାର ବଜାର ମୂଲ୍ୟ ୮ ଲକ୍ଷରୁ ଉର୍ଦ୍ଧ୍ୱ ହେବ ବୋଲି ଆଲୋଚନା ହେଉଛି । ସୁବଳୟା ଥାନା ଅଧିକାରୀ ଶୁଶାନ୍ତ ପଧାନଙ୍କ ନେତୃତ୍ୱରେ ଏକ ଟିମ୍ ଚଢ଼ଉରେ ସାମିଲ୍ ଥିବା ଜଣାପଡିଛି । ଏନେଇ ସୁବଳୟା ଥାନାରେ ୬୬/୨୬ ରେ ୨୧B, ୨୫/୨୯, NDPS Act ଏକ କେସ୍ ରୁଜୁ ହୋଇଥିବା ବେଳେ ଅଧିକ ତଦନ୍ତ ଜାରି ରହିଥିବା ଥାନାଅଧିକାରୀ ଶୁଶାନ୍ତ ପଧାନ ସୂଚନା ଦେଇଛନ୍ତି ।

# ୧୬ ଗ୍ୟାସ୍ ସିଲିଣ୍ଡର ଜବତ

**ଝାରସୁଗୁଡ଼ା, ନ୍ୟୁଜ୍ ବ୍ୟୁରୋ**

ଝାରସୁଗୁଡ଼ାର ବିଭିନ୍ନ ସ୍ଥାନରେ ଯୋଗାଣ ବିଭାଗ ପକ୍ଷରୁ ଚଢ଼ଉ କରାଯାଇ ବେଆଇନ୍ ଗ୍ୟାସ୍ ସିଲିଣ୍ଡର ଜବତ କରାଯାଇଛି । ବୃନ୍ଦାମାଲ ଗ୍ରାମପଞ୍ଚାୟତ ଅଧୀନ ସୁନାରୀମୁଣ୍ଡା ପଣ୍ଡା ଟିକେନ ସପ୍‌ରୁ ୬ଟି ଏବଂ ଝାରସୁଗୁଡ଼ା ବେହେରାମାଲ ସ୍ଥିତ ପାତ୍ର ଗ୍ୟାସ୍ ଏଜେନ୍ସିରୁ ୧୦ଟି ବେଆଇନ୍ ଗ୍ୟାସ୍ ସିଲିଣ୍ଡର ଜବତ କରାଯାଇଛି । ଏନେଇ ଝାରସୁଗୁଡ଼ା ଜିଲ୍ଲା ଯୋଗାଣ ଅଧିକାରୀ ଦୁର୍ଗା ଚରଣ ବେସ୍ରା କହିଛନ୍ତି ଯେ, ବେଆଇନ୍ ଗ୍ୟାସ୍ ସିଲିଣ୍ଡର ବିକ୍ରି ଏବଂ ଷ୍ଟକ୍ ରଖୁଥିବା ଦୋକାନ ଉପରେ ଯୋଗାଣ ବିଭାଗର କଡ଼ା ନଜର ରହିଛି । ଏହି ବେଆଇନ୍ କାର୍ଯ୍ୟରେ ଯେଉଁମାନେ ଲିପ୍ତ ଅଛନ୍ତି, ସେମାନଙ୍କ ଉପରେ ଦୃଢ଼ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯିବ ।



# ଚୋରା ମଦ ଓ ଗଞ୍ଜେଇ ଜବତ:୯ କୋର୍ଟ ଚାଲାଣ

**କେନ୍ଦ୍ରାପଡ଼ା, ନ୍ୟୁଜ୍ ବ୍ୟୁରୋ**

କେନ୍ଦ୍ରାପଡ଼ା ଜିଲ୍ଲାପାଳ ରଘୁରାମ ଆୟର ନିର୍ଦ୍ଦେଶକ୍ରମେ ଅବକାରୀ ଅଧିକ୍ଷକ ବିପ୍ର ଚରଣ ମଣ୍ଡଳ ପ୍ରତ୍ୟକ୍ଷ ତତ୍ତ୍ୱାବଧାନରେ କେନ୍ଦ୍ରାପଡ଼ା ଜିଲ୍ଲାର ମାର୍ଶାଘାଇ, ରାଜକନିକା, କେନ୍ଦ୍ରାପଡ଼ା ଟାଉନ୍, ପାଟକୁରା ଓ ଜମ୍ବୁ ମେରେଇନ ଥାନା ଅଧିନସ୍ଥ ବିଭିନ୍ନ ସ୍ଥାନରେ ଅବକାରୀ ବିଭାଗ ପକ୍ଷରୁ ଚଢଉ କରାଯାଇ କଷଟି ବାଲି ଗ୍ରାମର ହାପି ବେହେରାଙ୍କ ଠାରୁ ୯୦୦ ଗ୍ରାମ୍ ଗଞ୍ଜା ସମେତ ୩୫ ବୋତଲ କଫ ସିରପ୍, ଓଳାଭର ଗ୍ରାମର ରମେଶ ଚନ୍ଦ୍ର ସାହୁଙ୍କ ୩୮ ଲିଟର ବିଦେଶୀ ମଦ, ବୃନ୍ଦଧିଆ ଗ୍ରାମର ରଶ୍ମିରାଣୀ ବେହେରାଙ୍କ ଠାରୁ ୧୯ ଲିଟର ଦେଶୀ ମଦ, ଗଜରାଜପୁର ଗ୍ରାମର ଉପେନ୍ଦ୍ର ମଲିକଙ୍କ ଠାରୁ ୩୧ ଲିଟର ବିଦେଶୀ ମଦ, ସାନ୍ତଶାହି ଗ୍ରାମର ସନ୍ଦୀପ ସୁବ୍ରମନୀୟମଙ୍କ ଠାରୁ ୧୫୦୦ ଲିଟର ଗୁଡ ପୋଚ, ମଣିକପୁର ଗ୍ରାମର ସୀମା ଜେନା ଙ୍କ ଠାରୁ ୧୫ ଲିଟର ବିଦେଶୀ ମଦ, ନୂଆପଡ଼ା ଗ୍ରାମର ଶରତ ବେହେରାଙ୍କ ଠାରୁ ୨୫ ଲିଟର ଦେଶୀ ମଦ, ପ୍ରଭାକରପୁର ଗ୍ରାମର ନାଥ ଖିଲରଙ୍କ ଠାରୁ ୨୦ ଲିଟର ଦେଶୀ ରନ୍ଧା ମଦ ଏବଂ ରବି ଖିଲରଙ୍କ ଠାରୁ ୨୨ ଲିଟର ବିଦେଶୀ ମଦ ଜବତ କରାଯାଇ ଏମାନଙ୍କୁ ଗିରଫ କରାଯାଇଛି । ଏମାନଙ୍କ ପକ୍ଷରୁ ସମୁଦାୟ ୯୦୦ ଗ୍ରାମ୍ ସମେତ ୧୬୭୦ ଲିଟର ବିଦେଶୀ, ଦେଶୀ, ଗୁଡ ପୋଚ, ଦେଶୀ ରନ୍ଧା ଓ ୩୫ ବୋତଲ୍ କଫ ସିରପ୍ ଜବତ କରାଯାଇ ୯ ଜଣଙ୍କୁ କୋର୍ଟ ଚାଲାଣ କରାଯାଇଛି । ଏହି ଚଢ଼ଉରେ ଅବକାରୀ ଉପନିରିକ୍ଷକ ପ୍ରିୟଦର୍ଶୀ ମାନସ ରଞ୍ଜନ ମିଶ୍ର, କଳ୍ପନା ରାଉତ, ମିସ୍ ରତ୍ନପ୍ରଭା ସ୍ୱାଇଁ ଓ ଅନ୍ୟ କର୍ମଚାରୀ ସାମିଲ ଥିଲେ ।

# ଆଜିର ଭଲମନ୍ଦ



ଗଣକ-ପଣ୍ଡିତ ଶ୍ରୀ ଚନ୍ଦ୍ରଶେଖର ନନ୍ଦ
(ବହୁ ଗ୍ରନ୍ଥପ୍ରଣେତା ଓ ଏକାଧିକ ଓଡ଼ିଆ ପାଞ୍ଜି ଗଣନାକାର)
ମୋବାଇଲ-୯୩୩୭୬୯୩୦୨୨
csnastrology@gmail.com

**ଉଦୟକାଳୀନ ଗ୍ରହଚକ୍ର**

| | | |
|---|---|---|
| ୩ / ୪ବୃ | ୨ଶୁ | ଚନ୍ଦ୍ରମଙ୍ଗଳ / ରା୧୨ |
| ୫ | ୨୧ / ୧୦ | ୧୧ଚ |
| ୬କେ / ୭ | ୮ | ୯ / ୧୦ |

ସନ- ୧୪୩୩ ସାଲ, ଶକାବ୍ଦଃ- ୧୯୪୩, ସମ୍ବତ୍- ୨୦୮୧, ହିଜରୀ- ୧୪୪୭, କଳିଯୁଗାବ୍ଦଃ- ୫୧୨୨, ଶ୍ରୀ ଶ୍ରୀ ଗଜପତି ମହାରାଜାଙ୍କ- ଅ୬୯ଙ୍କ

**ତା୧୧।୦୪।୨୦୨୬, ଚୈତ୍ର ଦି୨୮ନ, ଶନିବାର**

**ସୂର୍ଯ୍ୟୋଦୟ- ଘ ୫।୩୫।୧୪ ଚନ୍ଦ୍ରୋଦୟ- ରାଘ ୧୫।୩।୨୨**

**ନବମୀ-** ରାଘ ୧୨।୩୯ ପର୍ଯ୍ୟନ୍ତ । ଉତ୍ତରାଷାଢ଼ା ନକ୍ଷତ୍ର ଦିଘ ୧।୪୦ ପର୍ଯ୍ୟନ୍ତ । **ମକର ଚନ୍ଦ୍ର-** ଅହୋରାତ୍ର । **ଚନ୍ଦ୍ରଶୁଦ୍ଧି-** ମେଷ, କର୍କଟ, ତୁଳା, ବିଛା, ମକର, କୁମ୍ଭ, ମୀନ ରାଶିର । **ଘାତ ଚନ୍ଦ୍ର-** ସିଂହ ରାଶିର । **ଶ୍ରାଦ୍ଧ ନିର୍ଣ୍ଣୟ-** ନବମୀର ଏକୋଦ୍ଦିଷ୍ଟ ଓ ପାର୍ବଣ ଶ୍ରାଦ୍ଧ । **ନିଷିଦ୍ଧ ଖାଦ୍ୟ-** ଲାଉ ରାଘ ୧୨।୩୯ ଗତେ କଳମ ଶାଗ ଖାଇବା ମନା । **ଆଜିର ଶୁଭବେଳା-** ଦିଘ ୧୦।୧୫ ଗତେ ଦିଘ ୧।୦୪ ମଧ୍ୟେ ।



**ମେଷ:** କର୍ମକ୍ଷେତ୍ରରେ ଅବସ୍ଥା ଦେଖି ବ୍ୟବସ୍ଥା କରିବେ । ଆୟ ଓ ବ୍ୟୟ ସମାନ ରହିବ । ଘରେ ଆନନ୍ଦ ଦେଖାଦେବ । ମାଙ୍ଗଳିକ କାର୍ଯ୍ୟ ନିମନ୍ତେ ଦିନଟି ଅନୁକୂଳ ହେବ । ମନ ଭଲ ରହିବ ।



**ବୃଷ:** ଶରୀର ସୁସ୍ଥ ରହିବ । ପରିଶ୍ରମର ପରିମାଣ ବଢ଼ିବ । ଅଯଥାରେ ଦୂରକୁ ଯାତ୍ରା କରିପାରନ୍ତି । ଆୟ ଠାରୁ ବ୍ୟୟର ମାତ୍ରା ଅଧିକ ହେବ । ପରିବାରରେ ପିଲାଙ୍କ ପାଇଁ ଚିନ୍ତିତ ହୋଇପାରନ୍ତି ।



**ମିଥୁନ:** ବ୍ୟବସାୟରେ ଲାଭବାନ୍ ହେବେ । ହଠାତ୍ କୌଣସି ଖବର ପାଇ ଚିନ୍ତିତ ହୋଇପାରନ୍ତି । ରୋଜଗାର ଭଲ ହେବ । ପାରିବାରିକ ସୁଖ ଶାନ୍ତି ବିରାଜମାନ କରିବାର ସୂଚନା । ବନ୍ଧୁ ଦର୍ଶନ ।



**କର୍କଟ:** ଦାମ୍ପତ୍ୟ ଜୀବନ ସୁଖମୟ ହେବ । କର୍ମକ୍ଷେତ୍ରରେ ଅସନ୍ତୋଷ ଦେଖାଦେଇପାରେ । ଦେହ ଓ ମନ ଭଲ ରହିବ । ଆର୍ଥିକ ସ୍ଥିତି ଭଲ ରହିବ । ପାରିବାରିକ ସୁଖ ଶାନ୍ତି ବିରାଜମାନ କରିବାର ସୂଚନା ।



**ସିଂହ:** ଆଜି ଆପଣଙ୍କର ଘାତଚନ୍ଦ୍ର । ଏଣୁ ସାବଧାନତା ଅବଲମ୍ବନୀୟ । ସତ କଥା କହି ନିଜର ଲୋକଙ୍କ ପାଖେ ବିରୋଧି ହୋଇପାରନ୍ତି । ଖର୍ଚ୍ଚର ପରିମାଣ ବଢ଼ିବ । ଘରେ କଳହ ଦେଖାଦେଇପାରେ ।



**କନ୍ୟା:** ଯଶ ଖ୍ୟାତି ଲାଭ ହେବ । କର୍ମକ୍ଷେତ୍ରରେ ସଫଳତା ଦେଖାଦେବ । ରୋଜଗାର ମଧ୍ୟମ ଧରଣର ହେବ । ଦାମ୍ପତ୍ୟ ଜୀବନ ମଧୁରମୟ ହେବ । ଘରେ ଆନନ୍ଦ ଦେକାଦେବ । ଭ୍ରମଣ ଯୋଗ ରହିଛି ।



**ତୁଳା:** ଦୂର ସ୍ଥାନକୁ ଯାତ୍ରା କରିବେ । ଗୁରୁଜନଙ୍କ ପରାମର୍ଶ କର୍ମ କାର୍ଯ୍ୟ କଲେ ଉତ୍ତମ ଫଳ ଲାଭ ହେବ । ଆର୍ଥିକ ସ୍ଥିତିରେ ଉନ୍ନତି ଘଟିବ । ପାରିବାରିକ ସୁଖ ଶାନ୍ତି ଅବ୍ୟାହତ ରହିବ ।



**ବିଛା:** ଐଶ୍ୱର୍ଯ୍ୟ ପ୍ରାପ୍ତ ହେବ । ବନ୍ଧୁଙ୍କ ସାହାଯ୍ୟ ସହଯୋଗ ପ୍ରାପ୍ତ କରିବେ । ମନ ଭଲ ରହିବ । ଉତ୍ତମ ଭୋଜନ କରିପାରନ୍ତି । ରେଜାଗାର ସ୍ଥିର ରହିବ । ଘରେ ସୁଖ ଶାନ୍ତି ଅକ୍ଷୁର୍ଣ୍ଣ ରହିବାର ସୂଚନା ।



**ଧନୁ:** ବ୍ୟବସାୟ ମଧ୍ୟମ ଧରଣର ଚାଲିବ । ଆୟ ଅପେକ୍ଷା ବ୍ୟୟର ମାତ୍ରା ବଢ଼ିବ । ପାରିବାରିକ ଚିନ୍ତା ମନକୁ ଭାରାକ୍ରାନ୍ତ କରିବ । ମହିଳାମାନେ ଗର୍ବୀ ହେବେ । ମନ ଅସ୍ଥିର ରହିବ ।



**ମକର:** ଆଜି ଆପଣଙ୍କର ଦିନଟି ଭଲରେ କଟିବ । ଆର୍ଥିକ ସ୍ଥିତି ସୁଦୃଢ଼ ହେବ । ଚାକିରୀ କ୍ଷେତ୍ରରେ ସଫଳତା ହାସଲ କରିବେ । ନୂତନ ଦ୍ରବ୍ୟ କ୍ରୟ କରିପାରନ୍ତି । ଗୃହେ ଆନନ୍ଦ ଦେଖାଦେବ ।



**କୁମ୍ଭ:** ଶତ୍ରୁ ନାଶ ହେବେ । ପରିଶ୍ରମ ଅନୁଯାୟୀ ପାରିଶ୍ରମିକ ପାଇ ଉପକୃତ ହେବେ । ଆୟ ଓ ବ୍ୟୟ ସମାନ ରହିବ । ପାରିବାରିକ ଜୀବନ ସୁଖମୟ ହେବ । ଦେବ ଦର୍ଶନ ସହ ସେବା ପୂଜା ମଧ୍ୟ କରିପାରନ୍ତି ।



**ମୀନ:** ମନ ପ୍ରସନ୍ନ ରହିବ । ନୂତନ କର୍ମ ଆରମ୍ଭ ହୋଇପାରେ । ରୋଜଗାର ଭଲ ହେବ । ମହିଳାମାନେ ସୁଖୀ ହେବେ । ପରିବାରରେ ସୁଖ ଶାନ୍ତି ରହିବ । ବନ୍ଧୁଙ୍କ ସହ ଆମୋଦ ପ୍ରମୋଦରେ ଦିନଟି ବିତିପାରେ ।

# ଆଗାମୀ କାଲିର ପଞ୍ଜିକା

ସନ- ୧୪୩୩ ସାଲ, ଶକାବ୍ଦଃ- ୧୯୪୩, ସମ୍ବତ୍- ୨୦୮୧, ହିଜରୀ- ୧୪୪୭, କଳିଯୁଗାବ୍ଦଃ- ୫୧୨୨, ଶ୍ରୀ ଶ୍ରୀ ଗଜପତି ମହାରାଜାଙ୍କ- ଅ୬୯ଙ୍କ

**ତା୧୨।୦୪।୨୦୨୬, ଚୈତ୍ର ଦି୨୯ନ, ରବିବାର**

**ସୂର୍ଯ୍ୟୋଦୟ- ଘ ୫।୩୫।୨୫ ଚନ୍ଦ୍ରୋଦୟ- ରାଘ ୨।୩୦।୪୬**

**ଦଶମୀ-** ରାଘ ୧୧।୯ ପର୍ଯ୍ୟନ୍ତ । ଶ୍ରବଣା ନକ୍ଷତ୍ର ଦିଘ ୩।୧୫ ପର୍ଯ୍ୟନ୍ତ । **ମକର ଚନ୍ଦ୍ର-** ରାଘ ୩।୪୫ ପର୍ଯ୍ୟନ୍ତ । **ଚନ୍ଦ୍ରଶୁଦ୍ଧି-** ମେଷ, କର୍କଟ, ତୁଳା, ବିଛା, ମକର, କୁମ୍ଭ, ମୀନ ରାଶିର । ରାଘ ୩।୪୫ ଗତେ ମେଷ, ବୃଷ, ସିଂହ, କନ୍ୟା, ବିଛା, ଧନୁ, କୁମ୍ଭ ରାଶିର । **ଘାତ ଚନ୍ଦ୍ର-** ସିଂହ ରାଶିର । ରାଘ ୧୧।୯ ଗତେ ମିଥୁନ ଓ ମୀନ ରାଶିର । **ଶ୍ରାଦ୍ଧ ନିର୍ଣ୍ଣୟ-** ଦଶମୀର ଏକୋଦ୍ଦିଷ୍ଟ ଓ ପାର୍ବଣ ଶ୍ରାଦ୍ଧ । **ନିଷିଦ୍ଧ ଖାଦ୍ୟ-** କଳମ ଶାଗ ରାଘ ୧୦।୯ ଗତେ ଶିମ୍ବ ଓ ଆମିଷ ଖାଇବା ମନା । **ଆଜିର ଶୁଭବେଳା-** ପ୍ରାଘ ୫।୩୭ ଗତେ ଦିଘ ୯।୪୫ ମଧ୍ୟେ । ଦିଘ ୧।୭୨ ଗତେ ଦିଘ ୧।୫୩ ମଧ୍ୟେ ।

ସମ୍ପାଦକୀୟ
32 YEARS
ସମ୍ବାଦ କଳିକା

# ଟ୍ରମ୍ପଙ୍କ ଦୋମୁହାଁ ନୀତି

ଆମେରିକାର ରାଷ୍ଟ୍ରପତି ଡୋନାଲ୍ଡ ଟ୍ରମ୍ପଙ୍କ ରଣନୀତି ଏବେ ସମସ୍ତଙ୍କୁ ଦ୍ୱନ୍ଦ୍ୱରେ ପକାଇଛି । ଇସ୍ରାଏଲ୍ ପ୍ରତିରକ୍ଷା ବାହିନୀ ଲେବାନନ୍ ଉପରେ ଲଗାତାର ବୋମା ବର୍ଷଣ ଜାରି ରଖିଛି । ହିଜବୁଲାର ଆଡ୍ଡା ଧ୍ୱଂସ କରିବା ନାଁରେ ସାଧାରଣ ନାଗରିକଙ୍କ ଜୀବନ ଯାଉଛି । ବିଶେଷଜ୍ଞଙ୍କ ମତରେ, ଟ୍ରମ୍ପ ଜାଣିଶୁଣି ଇସ୍ରାଏଲ୍‌କୁ ଲେବାନନ୍‌ରେ ଅପରେସନ ଶେଷ କରିବାକୁ ସମୟ ଦେଉଛନ୍ତି । ମଧ୍ୟପ୍ରାଚ୍ୟରେ ମହାଯୁଦ୍ଧ ପରେ ଏବେ ସବୁକିଛି ଅନିଶ୍ଚିତତା ଭିତରେ। ମଧ୍ୟପ୍ରାଚ୍ୟରେ ଶାନ୍ତି ପ୍ରତିଷ୍ଠା ପାଇଁ ଟ୍ରମ୍ପ ବଡ଼ ବଡ଼ ଦାବି କରୁଛନ୍ତି । ହେଲେ ଏବେ ତାଙ୍କର ଏକ 'ଡବଲ ଗେମ୍' ବା ଦ୍ୱିମୁଖୀ ନୀତି ପଦାକୁ ଆସିଛି । ଗୋଟିଏ ପଟେ ସେ ସାରା ବିଶ୍ୱରେ ଯୁଦ୍ଧ ବନ୍ଦ କରିବା ଏବଂ ଯୁଦ୍ଧ ବିରତି ଘୋଷଣା କରିବାକୁ ନେଇ ବାହାବା ସାଉଁଟୁଛନ୍ତି, କିନ୍ତୁ ଅନ୍ୟପଟେ ଇସ୍ରାଏଲର ଲେବାନନ୍ ଆକ୍ରମଣ ଉପରେ ତାଙ୍କର ନିରବତା ଏକ ବଡ଼ ରହସ୍ୟ ସୃଷ୍ଟି କରିଛି । ପ୍ରତିଶ୍ରୁତି ଦେଇଥିଲେ ଯେ ଦୁଇ ସପ୍ତାହ ଯୁଦ୍ଧ ବନ୍ଦ କରିବେ । ଇରାନ ସହ ସେ ଯୁଦ୍ଧ ବିରତି ପାଇଁ କଥା ଦେଇଥିଲେ, କିନ୍ତୁ ନିଜ କଥା ରଖିପାରିନାହାନ୍ତି । ସଦ୍ୟତମ ରିପୋର୍ଟ ଅନୁସାରେ, ଇସ୍ରାଏଲ୍ ପ୍ରତିରକ୍ଷା ବାହିନୀ ଲେବାନନ୍ ଉପରେ ଲଗାତାର ବୋମା ବର୍ଷଣ ଜାରି ରଖିଛି । ହିଜବୁଲାର ଆଡ୍ଡା ଧ୍ୱଂସ କରିବା ନାଁରେ ସାଧାରଣ ନାଗରିକଙ୍କ ଜୀବନ ଯାଉଛି । ଖବର ଲେଖାଯିବା ସୁଦ୍ଧା ୨୫୪ ଜଣଙ୍କ ମୃତ୍ୟୁ ହେଲାଣି, କିନ୍ତୁ ଆଶ୍ଚର୍ଯ୍ୟର କଥା ହେଉଛି, ଟ୍ରମ୍ପ ଏଯାବତ୍ ଇସ୍ରାଏଲକୁ ଏହି ଆକ୍ରମଣରୁ ନିବୃତ୍ତ ରହିବାକୁ କୌଣସି ସିଧାସଳଖ ଅପିଲ୍ କରିନାହାନ୍ତି । ଲେବାନନ୍ ଉପରେ ଆକ୍ରମଣ ନକରିବାରୁ ସର୍ତ୍ତ ରଖିଥିଲା ଇରାନ । କିନ୍ତୁ ଇସ୍ରାଏଲ ଏହାକୁ ଅମାନ୍ୟ କରିଛି ଓ ଟ୍ରମ୍ପ ଏଥିରେ ଇସ୍ରାଏଲକୁ ସମର୍ଥନ କରିଥିବା ମନେ ହେଉଛି । ଅନ୍ତର୍ଜାତୀୟ ବିଶେଷଜ୍ଞଙ୍କ ମତରେ, ଟ୍ରମ୍ପ ଜାଣିଶୁଣି ଇସ୍ରାଏଲ୍‌କୁ ଲେବାନନ୍‌ରେ ଅପରେସନ ଶେଷ କରିବାକୁ ସମୟ ଦେଉଛନ୍ତି । ସେ ଚାହୁଁନାହାନ୍ତି ଯେ ଇସ୍ରାଏଲ୍ କୌଣସି ଅଧାପନ୍ତରିଆ ବିଜୟ ନେଇ ଯୁଦ୍ଧ ବନ୍ଦ କରୁ । ତେଣୁ ସେ ବାହାରକୁ ଶାନ୍ତିର ବାର୍ତ୍ତା ଦେଉଥିଲେ ବି ଭିତରୁ ଇସ୍ରାଏଲର ପ୍ରଧାନମନ୍ତ୍ରୀ ବେଞ୍ଜାମିନ୍ ନେତନ୍ୟାହୁଙ୍କୁ ସବୁ ପ୍ରକାର ସାମରିକ ଛାଡ଼ ଦେଇଛନ୍ତି । ଏହା ହେଉଛି ଟ୍ରମ୍ପଙ୍କ ସେହି 'ଡବଲ ଗେମ୍' ଯେଉଁଠି ସେ ନିଜକୁ ଏକ ଶାନ୍ତିଦୂତ ଭାବେ ପ୍ରତିଷ୍ଠା କରିବାକୁ ଚାହୁଁଛନ୍ତି, କିନ୍ତୁ ନିଜର ପରମ ମିତ୍ର ଇସ୍ରାଏଲର ସ୍ୱାର୍ଥରେ ଆଞ୍ଚ ଆସିବାକୁ ଦେଉନାହାନ୍ତି । ଟ୍ରମ୍ପଙ୍କ ଏହି ଆଚରଣ ଲେବାନନ୍ ଏବଂ ଅନ୍ୟ ଆରବ ଦେଶଗୁଡ଼ିକୁ ଚିନ୍ତାରେ ପକାଇଛି । ଯଦି ଟ୍ରମ୍ପ ପ୍ରକୃତରେ ଯୁଦ୍ଧ ବିରତି ଚାହୁଁଛନ୍ତି, ତେବେ ଇସ୍ରାଏଲକୁ କାହିଁକି ରୋକୁନାହାନ୍ତି ? ବୋଧେ ଟ୍ରମ୍ପ ଚାହୁଁଛନ୍ତି ଲେବାନନ୍ ସମ୍ପୂର୍ଣ୍ଣ ରୂପେ ଆଣ୍ଠୁ ମାଡ଼ିବା ପରେ ହିଁ ଯୁଦ୍ଧ ବିରତି ହେଉ । ଏହି ପ୍ରଶ୍ନ ଏବେ ଅନ୍ତର୍ଜାତୀୟ ମଞ୍ଚରେ ସସପେନ୍ସ ବଢ଼ାଇଛି । ଟ୍ରମ୍ପଙ୍କ ଏହି ଦ୍ୱନ୍ଦ୍ୱାତ୍ମକ ରଣନୀତି ଆଗାମୀ ଦିନରେ ମଧ୍ୟପ୍ରାଚ୍ୟରେ ଶାନ୍ତି ଆଣିବ ନା ଯୁଦ୍ଧକୁ ଆହୁରି ଭୟଙ୍କର କରିବ, ତାହା ଦେଖିବାକୁ ବାକି ରହିଲା। କିନ୍ତୁ ବର୍ତ୍ତମାନ ପାଇଁ ଟ୍ରମ୍ପଙ୍କ ଏହି 'ଡବଲ ଗେମ୍' ଲେବାନନ୍ ପାଇଁ କାଳ ସାଜିଛି। ମଧ୍ୟପ୍ରାଚ୍ୟ ସଂକଟ ମଧ୍ୟରେ ଡୋନାଲ୍ଡ ଟ୍ରମ୍ପଙ୍କ 'ଡବଲ ଗେମ୍' ଏବେ ସମସ୍ତଙ୍କୁ ଚକିତ କରିଛି । ଗୋଟିଏ ପଟେ ସେ ଯୁଦ୍ଧ ବିରତିର ବାର୍ତ୍ତା ଦେଇ ଶାନ୍ତିଦୂତ ସାଜୁଥିବା ବେଳେ, ଅନ୍ୟପଟେ ଲେବାନନ୍ ଉପରେ ଇସ୍ରାଏଲର ଆକ୍ରମଣକୁ ରୋକିବା ପାଇଁ କୌଣସି ଅପିଲ୍ କରୁନାହାନ୍ତି । ଟ୍ରମ୍ପଙ୍କ ଏହି ରହସ୍ୟମୟ ନିରବତା ସ୍ପଷ୍ଟ କରୁଛି ଯେ ସେ ବାହାରକୁ ଶାନ୍ତି କଥା କହୁଥିଲେ ବି ପରୋକ୍ଷରେ ଇସ୍ରାଏଲକୁ ସାମରିକ ଅଭିଯାନ ଶେଷ କରିବାକୁ ଖୋଲା ସୁଯୋଗ ଦେଉଛନ୍ତି । ଏଭଳି ଦ୍ୱିମୁଖୀ ରଣନୀତି ଧ୍ୱଂସାଭିମୁଖୀ ଲେବାନନ୍ ପାଇଁ ସସପେନ୍ସ ବଢ଼ାଇବା ସହ ଟ୍ରମ୍ପଙ୍କ ପ୍ରକୃତ ଆଭିମୁଖ୍ୟ ଉପରେ ପ୍ରଶ୍ନବାଚୀ ସୃଷ୍ଟି କରିଛି ।

## ଶ୍ରୀ ଶ୍ରୀ ଅଭିରାମ ସରସ୍ୱତୀଙ୍କ ଦିବ୍ୟ ସନ୍ଦେଶ
## ବିଶ୍ୱରୂପ ଦର୍ଶନ



### ଏଇଟି ସ୍ୱାଧୀନତା

ମାଟିମା ପଣତ କାନିରୁ
ଶୁଖି ନାହିଁ
ସ୍ୱାଧୀନତା ସଂଗ୍ରାମର ଲହୁ
ସ୍ୱାମୀହରା ପତ୍ନୀର ସୀମାରୁ
ହଜିଅଛି
ସିନ୍ଦୂରର ବିନ୍ଦୁ
କାହା ପାଇଁ ଏହି ପ୍ରତିଦାନ ?
କ'ଣ ଏହି
ସ୍ୱାର୍ଥପର ମାନବ ପାଇଁକି
ନିଃସ୍ୱାର୍ଥର ବଳିଦାନ ।
ଅହିଂସାର ପ୍ରତିଦାନ କ'ଣ
ହିଂସାର ଆହ୍ୱାନ
ପ୍ରଗତିର ପ୍ରସାରଣ କ'ଣ
ସତ୍ୟ ଧର୍ମ ନ୍ୟାୟକୁ ଅନ୍ଧପଟି ବାନ୍ଧି
ତ୍ରିରଙ୍ଗା ପତାକାକୁ ଲୌହଖୁଣ୍ଟେ ବାନ୍ଧି
ଅତୀତର ଗୌରବକୁ ଭୁଲି
ଗଢିବାକୁ ସ୍ୱାର୍ଥର ତାଜମହଲ ?
ବାହାସ୍ଫୋଟ ମାରି ସ୍ଲୋଗାନ ଦେଉ
ଆମେ ସବୁ ଭାରତ ମାତାର ସନ୍ତାନ
ଏହି କ'ଣ
ସ୍ୱାଧୀନତାର ମୂଲ୍ୟବୋଧ ?
ଜଗତର ନବ-ଜାଗରଣ ?
ସ୍ୱାର୍ଥ କଣ ଘୁଞ୍ଚାଇବ ଏ ଜଗତୁ
ଗରିବର ଶୁଖିଲା ପେଟରୁ ଭୋକ ?
କେବଳ ତାର ପୁରୁଷ ମାନଙ୍କ
ସ୍ଲୋଗାନ ଶୁଣାଇ ଶୁଣାଇ
ଖଦଡର ପାଇଜାମା ପିନ୍ଧି
ଧର୍ମକୁ ଆଖିଠାର ମାରି
ଶୋଷଣ କରନ୍ତି
ଗରିବର ରକ୍ତ, ମାଂସ, ହାଡ ?
●●

# ଶ୍ରୀପୁରୁଷୋତ୍ତମ ଧାମ ମାହାତ୍ମ୍ୟ



ଶ୍ରୀହେମନ୍ତ କୁମାର ଗନ୍ତାୟତ
ଅଧ୍ୟାପକ
ଆସିକା ,ଗଞ୍ଜାମ
ମୋ-୯୮୬୧୩୩୪୮୬୮

ପରମ ପାବନ ଭୂଖଣ୍ଡ ହେଉଛି ଆମ ଓଡ଼ିଶା ପ୍ରଦେଶ। ଯା'ର ପୂର୍ବ ନାମ ଥିଲା ଉତ୍କଳ ଦେଶ। ଏହି ଉତ୍କଳ ଦେଶ ସଦୃଶ ଅଦ୍ୱିତୀୟ ଭୂଖଣ୍ଡ ସମଗ୍ର ପୃଥିବୀପୃଷ୍ଠ ମଧ୍ୟରେ ଦେଖିବା ବିରଳ। ତେଣୁ କପିଳ ସଂହିତାରେ କୁହାଯାଇଛି ଯେ: 'ଉତ୍କଳସ୍ୟ ସମୋ ଦେଶୋ, ଦେଶଃ ନାସ୍ତି ମହୀତଳେ।' ଏ ଭୂମି ସାଧାରଣ ଭୂମି ନୁହେଁ, ଏହାର ସଂସ୍କୃତି ଓ ପରମ୍ପରା ଅତୀବ ପବିତ୍ର ଏବଂ ପ୍ରାଚୀନତମ। ଯା'ର ଦୃଷ୍ଟାନ୍ତ ମହର୍ଷି ବେଦବ୍ୟାସଙ୍କ ବିରଚିତ ସ୍କନ୍ଦ ପୁରାଣର ଉତ୍କଳ ଖଣ୍ଡରେ ଦେଖିବାକୁ ମିଳେ: 'ଉତ୍କଳୋନାମ ଦେଶୋଽସ୍ତି ଖ୍ୟାତଃ ପରମପାବନଃ' । ଅର୍ଥାତ୍ ଉତ୍କଳ ନାମରେ ଏପରି ଏକ ଦେଶ ରହିଛି, ଯା'ର ଖ୍ୟାତି ଚତୁର୍ଦ୍ଦିଗରେ ସୁବିଦିତ। ତେବେ ଏପରି କାହିଁକି ଉତ୍କଳର ଯଶ ପୁରାଣାଦିରେ କୁହାଯାଉଛି ? ଏବଂ ତା' ପଛରେ କ'ଣ ବା କାରଣ ରହିଛି ? ଯା' ନିମନ୍ତେ ଏ ଭୂମିର ମାହାତ୍ମ୍ୟ ଏତେ ଗରିୟାନ ବୋଲି ବର୍ଣ୍ଣନା କରାଯାଇଛି ! ଏହାକୁ ସ୍ପଷ୍ଟ କରିବାକୁ ଯାଇ ତନ୍ତ୍ରଯାମଳରେ କୁହାଯାଇଛି ଯେ:

ଭାରତେ ଚୋତ୍କଳେ ଦେଶେ ଭୂସ୍ୱର୍ଗେ ପୁରୁଷୋତ୍ତମେ ।
ଦାରୁରୂପୀ ଜଗନ୍ନାଥୋ ଭକ୍ତାନାମଭୟପ୍ରଦଃ ।।

ଅର୍ଥାତ୍ ଭାରତବର୍ଷର ଉତ୍କଳ ଦେଶ ହେଉଛି ପୃଥିବୀର ଭୂସ୍ୱର୍ଗ ।କାରଣ ଏହି କ୍ଷେତ୍ରରେ ପୁରୁଷୋତ୍ତମ ଧାମ ରହିଛି ଏବଂ ଏଠାରେ ସ୍ୱୟଂ ପରଂବ୍ରହ୍ମ ମହାପ୍ରଭୁ ଶ୍ରୀଜଗନ୍ନାଥ ଦାରୁ ରୂପରେ ବିରାଜମାନ ହୋଇ ମାନବୀୟ ଲୀଳା କରିଚାଲିଛନ୍ତି । ସେ ନିଜର ଭକ୍ତମାନଙ୍କୁ ଅଭୟ ପ୍ରଦାନ କରିବା ସହ ମୁକ୍ତି ଦେଇଥାନ୍ତି ଏବଂ ସଂସାର ବାସୀଙ୍କ ସମସ୍ତ ଜାଗତିକ ଦୁଃଖକୁ ହରଣ କରିଥାନ୍ତି। ଏଣୁ ମହାପ୍ରଭୁଙ୍କୁ ହେ ସର୍ବଲୋକେଶ୍ୱର !, ହେ ଭକ୍ତବତ୍ସଳ !, ହେ ପଦ୍ମଲୋଚନ !, ହେ ପୁଣ୍ଡରୀକାକ୍ଷ ! ଏବଂ ହେ ପୁରୁଷୋତ୍ତମ ! ଆପଣଙ୍କୁ ପ୍ରଣାମ ବୋଲି ପୁରାଣରେ କୁହାଯାଇଛି:

ନମସ୍ତେ ସର୍ବଲୋକେଶ ନମସ୍ତେ ଭକ୍ତବତ୍ସଳ ।
ନମସ୍ତେ ପୁଣ୍ଡରୀକାକ୍ଷ ପୁରୁଷୋତ୍ତମ ନମୋଽସ୍ତୁତେ ।।

ପୁରୁଷୋତ୍ତମ ଧାମ ବା ଶ୍ରୀକ୍ଷେତ୍ର ଏକ ସୁବିସ୍ତୃତ ସ୍ଥାନ। ଏହାର ପରିମାଣ ବିଷୟରେ ସ୍କନ୍ଦ ପୁରାଣରେ ଉଲ୍ଲେଖ ରହିଛି ଯେ:

ପଞ୍ଚକ୍ରୋଶମିଦଂ କ୍ଷେତ୍ର ସମୁଦ୍ରାନ୍ତବ୍ୟବସ୍ଥିତମ୍ ।
ତ୍ରିକୋଶଂ ତୀର୍ଥରାଜସ୍ୟ ତଟଭୂମୌ ସୁନିର୍ମଳମ୍ ?

ଅର୍ଥାତ୍ ଏହି କ୍ଷେତ୍ରର ପରିମିତ ହେଉଛି ପଞ୍ଚ କ୍ରୋଶ। ତେଣୁ ଏହାକୁ 'ପଞ୍ଚକ୍ରୋଶୀ କ୍ଷେତ୍ର' ବୋଲି କୁହାଯାଏ । ଏ କ୍ଷେତ୍ରର ତଟରେ ବିଶାଳ ସମୁଦ୍ର ବା ମହୋଦଧି ଅବସ୍ଥିତ । ଯାହା ପଞ୍ଚତୀର୍ଥଙ୍କ ମଧ୍ୟରେ ଅନ୍ୟତମ ବା ଶ୍ରେଷ୍ଠ ତୀର୍ଥ ଭାବେ ଗଣନା କରାଯାଇଛି । ଏହାର ସମୁଦ୍ର କୂଳ ଠାରୁ ତିନି କ୍ରୋଶ ପର୍ଯ୍ୟନ୍ତ ଅଞ୍ଚଳ, ଅତ୍ୟନ୍ତ ପାବନ ଓ ସୁନିର୍ମଳ। ସୁନିର୍ମଳର ଅର୍ଥ ଏ ମାଟିର ପ୍ରତିଟି ରେଣୁ ରେଣୁ ପବିତ୍ର ବୋଲି ମହାଲକ୍ଷ୍ମୀ ଧର୍ମରାଜଙ୍କୁ କହିଛନ୍ତି। ସେ'ପରି ଅନେକ ଶାସ୍ତ୍ରରେ ପ୍ରତେକ ଧାମ ଓ ତୀର୍ଥସ୍ଥାନ ମାନଙ୍କର ବିଶେଷତା ମଧ୍ୟ କୁହାଯାଇଛି । ଯେପରି ବାରଣାସୀର ଜଳରେ ସ୍ନାନ ବା ଦେହାବସାନକୁ ବିସର୍ଜନ କରିବା ଦ୍ୱାରା ମନୁଷ୍ୟ ମୁକ୍ତି ପାଇଥାଏ ଏବଂ ଦ୍ୱାରିକାରେ ଜଳ ଓ ଭୂମି ଉଭୟରେ ଶରୀର ତ୍ୟାଗ କଲେ ଜୀବର ମୁକ୍ତି ଘଟେ ପରନ୍ତୁ ଅତ୍ୟନ୍ତ ସୌଭାଗ୍ୟର ବିଷୟ ଯେ ଏହି ଶ୍ରୀପୁରୁଷୋତ୍ତମ ଧାମର ଜଳ, ଭୂମି ଓ ଆକାଶ ଦେଶରେ ଯା'ର ବି ପ୍ରାଣବାୟୁ ଉଡିଯାଏ , ସେ ମୁକ୍ତି ପଥର ଅଧିକାରୀ ହୋଇଯାଏ। ତେଣୁ ସ୍କନ୍ଦ ପୁରାଣରେ ଉଲ୍ଲେଖ ରହିଛି:

ବାରାଣସ୍ୟାଂ ଜଳେ ମୁକ୍ତିଃ ଦ୍ୱାରିକାୟାଂ ଜଳେ ସ୍ଥଳେ ।
ଜଳେ ସ୍ଥଳେ ଚାନ୍ତରୀକ୍ଷେ ମୁକ୍ତିଃ ଶ୍ରୀପୁରୁଷୋତ୍ତମେ ?

ଏହି ମର ଜଗତରେ ସମସ୍ତେ ମୃତ୍ୟୁର ନାମ ଶୁଣିଲେ ଭୟ କରନ୍ତି କିନ୍ତୁ ଶ୍ରୀପୁରୁଷୋତ୍ତମ ଧାମରେ ସମସ୍ତେ ପ୍ରଭୁଙ୍କୁ ଭିକ୍ଷା କରିଥାନ୍ତି ପ୍ରଭୁ ଆମର ଶେଷ ନିଶ୍ୱାସ ଏ କ୍ଷେତ୍ରରେ ଘଟୁ। କାରଣ ଏଠାରେ ମୃତ୍ୟୁ ଅତି ସୁଖ ଦାୟକ।

ମହାପ୍ରଭୁଙ୍କ ଶ୍ରୀକ୍ଷେତ୍ର ଦେଖିବାକୁ ଶଙ୍ଖପରି, ଏଣୁ ଏହାକୁ ଶଙ୍ଖକ୍ଷେତ୍ର କୁହାଯାଏ। ଏହାର ପରିଧିସ୍ଥ ନାଭି ବା ମଧ୍ୟଭାଗରେ ଶ୍ରୀମନ୍ଦିର ଅବସ୍ଥିତ। ଯହିଁ ଜଗତର ନାଥ ଜଗନ୍ନାଥ ଏକ ଶତ ପାଖୁଡ଼ା ବିଶିଷ୍ଟ ପଦ୍ମ ରୂପି ରତ୍ନବେଦୀର ରତ୍ନସିଂହାସନ ଉପରେ ବିରାଜମାନ କରିଛନ୍ତି। ଏଣୁ ପୁରାଣରେ କୁହାଯାଇଛି:

ନୀଳାଦ୍ରୌ ଶଙ୍ଖମଧ୍ୟେ ଶତଦଳକମଳେ ରତ୍ନସିଂହାସନସ୍ଥଂ,
ସର୍ବାଳଙ୍କାରଯୁକ୍ତଂ ନବଘନରୁଚିରଂ ସଂଯୁତଂ ଚାଗ୍ରଜେନ ।
ଭଦ୍ରାୟା ବାମପାର୍ଶ୍ୱେ ରଥଚରଣଯୁତଂ ବ୍ରହ୍ମରୁଦ୍ରେନ୍ଦ୍ରବନ୍ଦ୍ୟଂ,
ବେଦାନାଂ ସାରମୀଶଂ ସୁଜନପରିବୃତଂ ବ୍ରହ୍ମଦାରୁଂ ସ୍ମରାମି ।।

ମହାପ୍ରଭୁ ହେଉଛନ୍ତି ବେଶପ୍ରିୟ ଠାକୁର। ସେ ଅନେକ ରତ୍ନଖଚିତ ଅଳଙ୍କାର ଓ ପବିତ୍ର ବେଶରେ ସର୍ବଦା ଶୋଭାପାଆନ୍ତି। ତା'ଙ୍କର ଶରୀରର ଆଭା ନୂତନ କଳା ମେଘ ପରି ସୁନ୍ଦର ଓ ଶ୍ୟାମଳ ସଦୃଶ୍ୟ। କାଳିଆସାନ୍ତ ବଡ଼ଭାଇ ବଳଭଦ୍ର ଓ ଭଉଣୀ ସୁଭଦ୍ରା ଏବଂ ସୁଦର୍ଶନଙ୍କ ସହ ରତ୍ନସିଂହାସନରେ ବିରାଜମାନ ହୋଇଛନ୍ତି। ଯାହାଙ୍କୁ ବ୍ରହ୍ମା, ରୁଦ୍ର ଓ ଇନ୍ଦ୍ରାଦି ଦେବତାମାନେ ସଦା ବନ୍ଦନା କରନ୍ତି । ସେହି 'ବ୍ରହ୍ମଦାରୁ' ସମସ୍ତ ବେଦର ସାର ବା ନିଷ୍କର୍ଷ ମଧ୍ୟ ଅଟନ୍ତି।

ମହାପ୍ରଭୁ ଶ୍ରୀଜଗନ୍ନାଥ ଧର୍ମ, ଅର୍ଥ, କାମ ଓ ମୋକ୍ଷାଦି ଚତୁର୍ବର୍ଗ ଫଳର ପ୍ରଦାନକାରୀ। ଯେ' ଯାହା ପ୍ରଭୁଙ୍କୁ ମାଗିଥାଏ ମହାପ୍ରଭୁ ତାକୁ ତାହା ଦେଇଥାନ୍ତି। ପରନ୍ତୁ ଅନେକଙ୍କର ଜନ୍ମ-ମୃତ୍ୟୁ ଚକ୍ରରୁ ମୁକ୍ତି ପାଇବା ପାଇଁ ଏକ ଅନ୍ତିମ ଇଚ୍ଛା ଥାଏ। ତା'କୁ ମହାବାହୁ ପ୍ରଦାନ କରନ୍ତି। ତେଣୁ ବ୍ରହ୍ମପୁରାଣ କୁହା ଯାଇଛି:

ଆସ୍ତେ ତତ୍ର ସ୍ୱୟଂ ଦେବୋ ମୁକ୍ତିଦଃ ପୁରୁଷୋତ୍ତମଃ । ଧନ୍ୟାସ୍ତେ ବିବୁଧପ୍ରେକ୍ଷ୍ୟା ଯେ ବସତ୍ୟୁତ୍କୂଳେ ନରଃ ? ଏହାର ଅର୍ଥ ହେଉଛି: ପୁରୁଷୋତମ ଧାମରେ ସାକ୍ଷାତ ନାରାୟଣ 'ପୁରୁଷୋତ୍ତମ' ରୂପରେ ଅବସ୍ଥାନ କରିଛନ୍ତି । ତାଙ୍କୁ 'ମୁକ୍ତିଦଃ' ବୋଲି କୁହାଯାଏ। ଏହି ଧାମରେ ମୃତ୍ୟୁବରଣ କଲେ ମନୁଷ୍ୟର ବୈକୁଣ୍ଠ ପ୍ରାପ୍ତି ହୋଇଥାଏ। ତେଣୁ ଏ ଧାମର କୂଳରେ ଯେ ବାସ କରନ୍ତି, ସେମାନେ ଅତ୍ୟନ୍ତ ଭାଗ୍ୟବାନ। କାରଣ ଏଠାକାର ବାୟୁରେ ମଧ୍ୟ ଭକ୍ତିର ସୁଗନ୍ଧ ଭରିରହିଛି। ଅତଃ ଏହି ଭୂମିରେ ବାସ କରିବା ଏବଂ ପ୍ରଭୁଙ୍କ ଦର୍ଶନ କରିବା ଏକ ବଡ଼ ସୌଭାଗ୍ୟର ବିଷୟ ।

# ସମୟ ଗଣନାର ଆଦିସ୍ଥଳୀ ବାବା ମହାକାଳ



ଅଧ୍ୟାପକ ରାଜେଶ୍ ରାୟ
ବିଦ୍ୱାନ୍ ମହାବିଦ୍ୟାଳୟ,
ଜୟପୁର, କୋରାପୁଟ
ମୋବାଇଲ୍ :-
୬୩୭୧୫୫୫୯୪୦

ଭାରତ କେବଳ ଆଧ୍ୟାତ୍ମିକତା ଏବଂ ସଂସ୍କୃତିର ଗନ୍ତାଘର ନୁହେଁ ବରଂ ବିଶ୍ୱ ଐତିହ୍ୟର ମୂକ ସାକ୍ଷୀ। ଏକଥା କହିବାର କାରଣ ବର୍ତ୍ତମାନ ଭାରତର ମଧ୍ୟପ୍ରଦେଶରେ ଥିବା ଉଜ୍ଜୈନ ସହରକୁ ବିଶ୍ୱ ସମୟ ଗଣନାର ଆଦିସ୍ଥଳୀ ଭାବେ ପରିଗଣିତ କରିବାକୁ ଦାବି କରିଛନ୍ତି କେନ୍ଦ୍ର ଶିକ୍ଷାମନ୍ତ୍ରୀ ଶ୍ରୀଯୁକ୍ତ ଧର୍ମେନ୍ଦ୍ର ପ୍ରଧାନ । ଉଜ୍ଜୈନରେ ବିରାଜିତ ପ୍ରଭୁ ଶ୍ରୀ ମହାକାଳେଶ୍ୱର ହେଉଛନ୍ତି ସମୟର ସାକ୍ଷାତ ସ୍ୱରୂପ । ମହାକାଳର ଅର୍ଥ ହେଉଛି 'ସମୟର ରାଜା' । ଭୌଗୋଳିକ ଦୃଷ୍ଟି କୋଣରୁ ଦେଖିଲେ ଉଜ୍ଜୈନ ସହର ପୃଥିବୀର ବିଷୁବ ରେଖା ଏବଂ କର୍କଟ କ୍ରାନ୍ତିର ମଧ୍ୟ ଭାଗରେ ଅବସ୍ଥିତ । ବର୍ତ୍ତମାନ ଆମେ ଭାରତୀୟ ମାନକ ସମୟ (IST) ଅନୁଯାୟୀ ସମୟ ଗଣନା କରୁଛେ ଯାହା ଗ୍ରୀନୱିଚ ମାନକ ସମୟ (GST)କୁ ଦେଖି ନିର୍ଦ୍ଧାରଣ କରାଯାଇଛି । ପୂର୍ବରୁ ଲୋକମାନେ ସୂର୍ଯ୍ୟଙ୍କ ଗତି ଓ ଗ୍ରହ ନକ୍ଷତ୍ରଙ୍କ ଚଳନି ଅନୁଯାୟୀ ସମୟକୁ ଗଣନା କରୁଥିଲେ । ବ୍ରିଟିଶ ଶାସନ କାଳରେ ଭାରତର କୌଣସି ନିର୍ଦ୍ଦିଷ୍ଟ ଏକକ ସମୟ ନଥିଲା । ଭିନ୍ନ ଭିନ୍ନ ସହର ଅନୁଯାୟୀ ସମୟ ଗଣନା କରାଯାଉଥିଲା ଯଥା ବମ୍ବେ ସମୟ , କଲିକତା ସମୟ , ମାଡ୍ରାସ ସମୟ ଇତ୍ୟାଦି । ଏହା ଯୋଗୁଁ ରେଳ, ଟେଲିଗ୍ରାଫ୍ ଠାରୁ ଆରମ୍ଭ କରି ପ୍ରଶାସନିକ ବ୍ୟବସ୍ଥା ଯାଏ ବିଭିନ୍ନ ଅସୁବିଧାର ମଧ୍ୟ ସମ୍ମୁଖୀନ ହେଉଥିଲେ । ୧୮୮୪ ମସିହାରେ ଆମେରିକାର ୱାସିଂଟନ ଡିସି ଠାରେ ଆୟୋଜିତ ହୋଇଥିବା ବିଶ୍ୱ ଦ୍ରାଘିମା ସମ୍ମେଳନରେ ବିଶ୍ୱ ସମୟ ନିର୍ଦ୍ଧାରଣ ପାଇଁ ନିର୍ଦ୍ଦିଷ୍ଟ ମାନକ ଆଣିବାକୁ ଆଲୋଚନା ହେଲା ଏବଂ ଏହାର ଫଳ ସ୍ୱରୂପ ସର୍ବ ସମ୍ମତି କ୍ରମେ ଗ୍ରୀନୱିଚକୁ ପ୍ରାଥମିକ ଦ୍ରାଘିମା ଭାବେ ଗ୍ରହଣ କରାଗଲା । ଗ୍ରୀନୱିଚ ହେଉଛି ଲଣ୍ଡନର ଏକ ସ୍ଥାନ ଯାହା ସମ୍ପୂର୍ଣ୍ଣ ପୃଥିବୀକୁ ସମାନ ଦୁଇଭାଗ (ପୂର୍ବ ଓ ପଶ୍ଚିମ ଅର୍ଦ୍ଧଗୋଳକ) ରେ ବିଭକ୍ତ କରେ । ତେଣୁ ଏହି ସ୍ଥାନକୁ ଦ୍ରାଘିମାର ଆଦିସ୍ଥଳୀ ଭାବେ ଅଭିହିତ କରି ବିଶ୍ୱ ସମୟ ଗଣନାର ପ୍ରାଥମିକ ଦ୍ରାଘିମା ଭାବେ ବିବେଚନା କରାଯାଇଛି। ଭାରତ ବର୍ଷରେ ୧୯୦୫ ମସିହାରେ ଏକକ ମାନକ ସମୟର ଜନ୍ମ ହୋଇଥିଲା। ଏହା ଉତ୍ତର ପ୍ରଦେଶର ମିର୍ଜାପୁରକୁ କେନ୍ଦ୍ରକରି କରାଗଲା ଯାହା ପୃଥିବୀର ୮୨° ୩୦' ପୂର୍ବ ଦ୍ରାଘିମାରେ ଅବସ୍ଥିତ । ୧୯୦୬ ଜାନୁଆରୀ ୧ ତାରିଖରୁ ଭାରତର ନୂଆ ସମୟ ଗଣନା ଆରମ୍ଭ ହେଲା । ଏହା ଗ୍ରୀନୱିଚ ମାନକ ସମୟ ଠାରୁ ୫ ଘଣ୍ଟା ୩୦ ମିନିଟ୍ ଆଗୁଆ ରହିଲା । ଏବେ ମଧ୍ୟପ୍ରଦେଶର ଉଜ୍ଜୈନ ସ୍ଥିତ ବାବା ମହାକାଳଙ୍କ ପବିତ୍ର ସ୍ଥାନକୁ ସମଗ୍ର ବିଶ୍ୱର ସମୟ ଗଣନା ନିମନ୍ତେ ପ୍ରାଥମିକ ଦ୍ରାଘିମା ଭାବେ ଗ୍ରହଣ କରି ମହାକାଳ ମାନକ ସମୟ (MST) ନାମରେ ବିକାଶ କରିବା ପାଇଁ କେନ୍ଦ୍ର ଶିକ୍ଷାମନ୍ତ୍ରୀ ସମଗ୍ର ବୈଜ୍ଞାନିକ ସମାଜକୁ ଆହ୍ୱାନ ଦେଇଛନ୍ତି । ମଧ୍ୟପ୍ରଦେଶରେ ଆୟୋଜିତ ହୋଇଥିବା ' ମହାକାଳ : ସମୟର ରାଜା ' ଶୀର୍ଷକ ଆଲୋଚନା ଚକ୍ରରେ ଯୋଗ ଦେଇ ଶ୍ରୀ ପ୍ରଧାନ ଯୁକ୍ତି ବାଢ଼ିଛନ୍ତି ଯେ ପ୍ରାଚୀନ ପୃଥିବୀ ସହ ଉଜ୍ଜୈନର ଗଭୀର ସମ୍ପର୍କ ରହିଛି । ଏହି କ୍ଷେତ୍ର ହିଁ ହେଉଛି ବାସ୍ତବରେ ସମୟର ଆଦି କ୍ଷେତ୍ର । ବାବା ମହାକାଳ ବୈଶାଖ ମାସରେ ସ୍ୱତନ୍ତ୍ର ଭାବେ ଜଳଲାଗି ହୁଅନ୍ତି। ଏହା ପ୍ରକୃତିର ଶୀତଳତାକୁ ସୂଚାଇବା ସହ ପରିବେଶ ସନ୍ତୁଳନରୁ ବାର୍ତ୍ତା ଦେଉଛି । ତେଣୁ ଏହି ସ୍ଥାନ ହିଁ ସମୟ ଗଣନାର ଆଦିସ୍ଥଳୀ । ଆଧୁନିକ ପ୍ରଯୁକ୍ତିବିଦ୍ୟାର ନାୟକ କୃତ୍ରିମ ବୁଦ୍ଧିମତା ମଧ୍ୟ ଏହାକୁ ପ୍ରମାଣିତ କରି ସାରିଛି । ଦେଖିବାକୁ ବାକି ରହିଲା କେବେ ବୈଜ୍ଞାନିକ ସମାଜ ଏହି ପ୍ରସଙ୍ଗକୁ ଗ୍ରହଣ କରୁଛନ୍ତି ।

# ଶିକ୍ଷା ହେଉଛି ସାମାଜିକ ପରିବର୍ତ୍ତନର ମୂଳଦୁଆ



ଅସିତ ମହାନ୍ତି
ଆବାହକ , ଓଡ଼ିଆ ଭାଷା ସୁରକ୍ଷା ଅଭିଯାନ
ସୁଜନପୁର, ଯାଜପୁର
୯୪୩୭୨୮୮୦୨୮

ଜ୍ୟୋତିବା ଫୁଲେ (୧୧ ଏପ୍ରିଲ ୧୮୨୭ – ୨୮ ନଭେମ୍ବର ୧୮୯୦), ଯିଏ ମହାତ୍ମା ଫୁଲେ ନାମରେ ମଧ୍ୟ ଜଣାଶୁଣା, ସତାରାର ଜଣେ ଅଗ୍ରଣୀ ଭାରତୀୟ ସମାଜ ସଂସ୍କାରକ ଥିଲେ, ଯାହାଙ୍କର ଜନ୍ମ ଏକ ମାଳି (ମାଳୀ) ପରିବାରରେ ହୋଇଥିଲା। ସେ ମହିଳା ଏବଂ ନିମ୍ନ ଜାତି ପାଇଁ ଶିକ୍ଷାର ସମର୍ଥନ କରିଥିଲେ, ୧୮୪୮ ମସିହାରେ ଭାରତର ପ୍ରଥମ ବାଳିକା ବିଦ୍ୟାଳୟ ମଧ୍ୟରୁ ଗୋଟିଏ ପ୍ରତିଷ୍ଠା କରିଥିଲେ। ଥମାସ୍ ପେନ୍‌ଙ୍କ 'ଦି ରାଇଟ୍ସ ଅଫ୍ ମ୍ୟାନ' ଦ୍ୱାରା ଅନୁପ୍ରାଣିତ ହୋଇ, ସେ ଜାତି ନିର୍ଯାତନା ଏବଂ ଲିଙ୍ଗ ବୈଷମ୍ୟ ବିରୁଦ୍ଧରେ ଲଢ଼ିଥିଲେ। ତାଙ୍କ ପ୍ରୟାସ ଭାରତରେ ଦଳିତ ଏବଂ ନାରୀବାଦୀ ଆନ୍ଦୋଳନର ମୂଳଦୁଆ ପକାଇଥିଲା। ସେ ବ୍ରାହ୍ମଣବାଦୀ ପ୍ରାଧାନ୍ୟକୁ ଚ୍ୟାଲେଞ୍ଜ କରିବା ପାଇଁ ସତ୍ୟ ଶୋଧକ ସମାଜର ସହ-ପ୍ରତିଷ୍ଠା କରିଥିଲେ ଏବଂ ଯୁକ୍ତିବାଦ ଏବଂ ସାମାଜିକ ନ୍ୟାୟକୁ ପ୍ରୋତ୍ସାହିତ କରିଥିଲେ।

ଭାରତର ସାମାଜିକ ଗଠନ ଶତାବ୍ଦୀ ଧରି ଜାତିପ୍ରଥା ଦ୍ୱାରା ଆବଦ୍ଧ ହୋଇ ରହିଛି। ଜନ୍ମ ଆଧାରରେ ମାନବ ମର୍ଯ୍ୟାଦା ଏବଂ ସୁଯୋଗକୁ ବିଭାଜିତ କରୁଥିବା ଏହି ବ୍ୟବସ୍ଥା ସମାଜରେ ଗଭୀର ଅସମାନତା ସୃଷ୍ଟି କରିଛି। ଜ୍ୟୋତିରାଓ ଫୁଲେ ଜଣେ ମହାନ ସମାଜ ସଂସ୍କାରକ ଥିଲେ ଯିଏ ଏହି ଅନ୍ୟାୟ ପରମ୍ପରାକୁ ଚ୍ୟାଲେଞ୍ଜ କରିଥିଲେ। ସେ ଦଳିତ, ମହିଳା ଏବଂ ଅବହେଳିତମାନଙ୍କୁ ଜାଗ୍ରତ କରିବା ପାଇଁ ଶିକ୍ଷାକୁ ଏକ ଅସ୍ତ୍ର ଭାବରେ ବ୍ୟବହାର କରିଥିଲେ। ଫୁଲେ ବିଶ୍ୱାସ କରୁଥିଲେ ଯେ ସମାଜରେ ପ୍ରତ୍ୟେକଙ୍କ ଶିକ୍ଷା ଏବଂ ସମ୍ମାନର ଅଧିକାର ନମିଳିବା ପର୍ଯ୍ୟନ୍ତ ଜାତିପ୍ରଥାର ମୂଳ ଅକ୍ଷୁର୍ଣ୍ଣ ରହିବ। ସେ ୧୮୪୮ ମସିହାରେ ମହିଳାମାନଙ୍କ ପାଇଁ ପ୍ରଥମ ବିଦ୍ୟାଳୟ ଖୋଲିଥିଲେ ଏବଂ ସତ୍ୟଶୋଧକ ସମାଜ ପ୍ରତିଷ୍ଠା କରି ଜାତିଭିତ୍ତିକ ବୈଷମ୍ୟ ବିରୁଦ୍ଧରେ ଏକ ଆନ୍ଦୋଳନ ଆରମ୍ଭ କରିଥିଲେ। ଯେତେବେଳେ ଜ୍ୟୋତିରାଓ ଫୁଲେ ସମାଜରେ ରକ୍ଷଣଶୀଳ ଚିନ୍ତାଧାରା ଏବଂ ଜାତିଭେଦ ବିରୁଦ୍ଧରେ ଠିଆ ହୋଇଥିଲେ, ସେତେବେଳେ ତାଙ୍କୁ ତୀବ୍ର ବିରୋଧ, ସାମାଜିକ ବର୍ଜନ ଏବଂ ବ୍ୟକ୍ତିଗତ ଅପମାନର ସମ୍ମୁଖୀନ ହେବାକୁ ପଡିଲା। ତାଙ୍କର ସଂସ୍କାରବାଦୀ ପ୍ରୟାସକୁ ବ୍ରାହ୍ମଣ ସମାଜ ଦ୍ୱାରା ଚ୍ୟାଲେଞ୍ଜ କରାଯାଇଥିଲା, କିନ୍ତୁ ସେ ଶିକ୍ଷା ଏବଂ ସଂଗଠନ ମାଧ୍ୟମରେ ତାଙ୍କର ସଂଘର୍ଷ ଜାରି ରଖିଥିଲେ। ସେ ପିଲାଦିନରୁ ଜାତିଭେଦର ଶିକାର ହୋଇଥିଲେ। ଯେତେବେଳେ ସେ ଜଣେ ବନ୍ଧୁଙ୍କ ବିବାହରେ ଯୋଗ ଦେଇଥିଲେ ଏବଂ ତାଙ୍କର ଜାତି ପ୍ରକାଶ ପାଇଲା, ତାଙ୍କୁ ଅପମାନିତ କରାଯାଇ ବାହାର କରିଦିଆଗଲା। ଏହି ଘଟଣା ତାଙ୍କ ଜୀବନର ଗତିପଥ ବଦଳାଇ ଦେଇଥିଲା, ଏବଂ ସେ ଏହି ଅନ୍ୟାୟ ବ୍ୟବସ୍ଥାକୁ ଚ୍ୟାଲେଞ୍ଜ କରିବାକୁ ସଂକଳ୍ପ ନେଇଥିଲେ।

ସାମାଜିକ ବିରୋଧ ଏବଂ ଅସୁବିଧା – ଶିକ୍ଷାର ବିରୋଧ: ଯେତେବେଳେ ଫୁଲେ ମହିଳା ଏବଂ ଦଳିତଙ୍କ ପାଇଁ ଏକ ସ୍କୁଲ ଖୋଲିଥିଲେ, ସମାଜର ରକ୍ଷଣଶୀଳ ବର୍ଗ ଏହାକୁ ଦୃଢ଼ ବିରୋଧ କରିଥିଲେ। ତାଙ୍କୁ ଦୁର୍ବ୍ୟବହାର କରାଯାଇଥିଲା ଏବଂ ତାଙ୍କ ସ୍କୁଲ ଉପରେ ମଧ୍ୟ ଆକ୍ରମଣ କରାଯାଇଥିଲା। ସାମାଜିକ ବର୍ଜନ: ଫୁଲେ ଏବଂ ତାଙ୍କ ପତ୍ନୀ ସାବିତ୍ରୀବାଈଙ୍କୁ ସମାଜରୁ ବାସନ୍ଦ କରାଯାଇଥିଲା। ସେମାନଙ୍କ ସମ୍ପର୍କୀୟମାନେ ମଧ୍ୟ ସେମାନଙ୍କଠାରୁ ଦୂରେଇ ରହିଥିଲେ। ଧାର୍ମିକ ସମାଲୋଚନା: ବ୍ରାହ୍ମଣ୍ୟବାଦୀ ପୁରୋହିତମାନେ ତାଙ୍କୁ ଧର୍ମବିରୋଧୀ ଘୋଷଣା କରିଥିଲେ। 'ଗୁଲାମଗିରି' ଏବଂ 'ବ୍ରାହ୍ମଣେ କସବ' ଭଳି ତାଙ୍କର ଲେଖାଗୁଡ଼ିକ ସିଧାସଳଖ ପୁରୋହିତ ବର୍ଗକୁ ଚ୍ୟାଲେଞ୍ଜ କରିଥିଲା, ଯାହା ତାଙ୍କୁ ନାସ୍ତିକ ଏବଂ ଧର୍ମବିରୋଧୀ ବୋଲି ଆଖ୍ୟା ଦେଇଥିଲା। ଆର୍ଥିକ କଷ୍ଟ: ସାମାଜିକ ବାସନ୍ଦ ଯୋଗୁଁ ସେ ଆର୍ଥିକ ଅସୁବିଧାର ସମ୍ମୁଖୀନ ହୋଇଥିଲେ। ତଥାପି, ସେ ତାଙ୍କ ବ୍ୟବସାୟ ଏବଂ ଚାଷରୁ ଆୟ କରି ତାଙ୍କର ସଂସ୍କାର କାର୍ଯ୍ୟ ଜାରି ରଖିଥିଲେ। ସଂଘର୍ଷ ସମୟରେ ସାହସ: ଫୁଲେ ଏହି କଷ୍ଟ ସତ୍ତ୍ୱେ ହାର ମାନି ନଥିଲେ। ସେ ସତ୍ୟଶୋଧକ ସମାଜ ପ୍ରତିଷ୍ଠା କରିଥିଲେ, ଯାହା ଜାତିବାଦ ଏବଂ ଅନ୍ଧବିଶ୍ୱାସ ବିରୁଦ୍ଧରେ ଆନ୍ଦୋଳନର କେନ୍ଦ୍ର ପାଲଟିଥିଲା। ସେ କୃଷକ ଏବଂ ସଂଗଠିତ ଦଳିତମାନଙ୍କ ସମସ୍ୟା ଉପରେ 'ଶେତକ-ୟାଚା ଆସୁଡ଼' ('କୃଷକଙ୍କ ଚାବୁକ') ଲେଖିଥିଲେ। ତାଙ୍କ ପତ୍ନୀ ସାବିତ୍ରୀବାଈ ଫୁଲେ ମଧ୍ୟ ଝିଅମାନଙ୍କୁ ଶିକ୍ଷା ଦେବା ପାଇଁ ତାଚ୍ଛଲ୍ୟ ଏବଂ ପଥର ଫିଙ୍ଗାଳି ସହ୍ୟ କରିଥିଲେ। ବର୍ତ୍ତମାନର ପରିପ୍ରେକ୍ଷୀରେ ଗୁରୁତ୍ୱ: ଭାରତରେ ଜାତିବାଦ ସମ୍ପୂର୍ଣ୍ଣ ଭାବରେ ଦୂର ହୋଇନାହିଁ। ଶିକ୍ଷା, ରାଜନୀତି ଏବଂ ସାମାଜିକ ଜୀବନରେ ଜାତିଗତ ଭେଦଭାବ ଜାରି ରହିଛି। ଫୁଲେଙ୍କ ସଂଘର୍ଷ ଆମକୁ ଶିକ୍ଷା ଦିଏ ଯେ ସମାନତା ଏବଂ ନ୍ୟାୟ ପାଇଁ ସାହସ, ସଂଗଠନ ଏବଂ ଶିକ୍ଷା ଅତ୍ୟାବଶ୍ୟକ। ସେ ପ୍ରଦର୍ଶନ କରିଥିଲେ ଯେ ପରିବର୍ତ୍ତନ ସମ୍ଭବ, ଯଦିଓ ଏଥିପାଇଁ ସାମାଜିକ ବିରୋଧ ଏବଂ ଅପମାନ ଆବଶ୍ୟକ।

ଜ୍ୟୋତିରାଓ ଫୁଲେଙ୍କ ଜୀବନ ପ୍ରମାଣ କରେ ଯେ ସାମାଜିକ ସଂସ୍କାରର ପଥ ସହଜ ନୁହେଁ। ସେ ଅପମାନ, ବାସନ୍ଦ ଏବଂ ଆର୍ଥିକ କଷ୍ଟର ସମ୍ମୁଖୀନ ହୋଇଥିଲେ, କିନ୍ତୁ ସେ କେବେ ହାର ମାନି ନଥିଲେ। ଆଜି ଯେତେବେଳେ ଜାତିପ୍ରଥା ଜାରି ରହିଛି, ଫୁଲେଙ୍କ ସଂଘର୍ଷ ଆମକୁ ଶିକ୍ଷା ଏବଂ ସଚେତନତା ମାଧ୍ୟମରେ ଏହି ଅନ୍ୟାୟ ବ୍ୟବସ୍ଥାକୁ ଚ୍ୟାଲେଞ୍ଜ କରିବାକୁ ଏବଂ ଏକ ସମାନତାବାଦୀ ସମାଜ ଗଠନ କରିବାକୁ ପ୍ରେରଣା ଦିଏ। ଆଜି ଭାରତ ସାମ୍ବିଧାନିକ ଏବଂ ଆଇନଗତ ସ୍ତରରେ ସମାନତାକୁ ସମର୍ଥନ କରେ, କିନ୍ତୁ ବ୍ୟବହାରିକ ଜୀବନରେ ଜାତିବାଦ ବଜାୟ ରହିଛି। ଜାତିଭିତ୍ତିକ ରାଜନୈତିକ ସମୀକରଣ ନିର୍ବାଚନ ରଣନୀତିର ଏକ ଅଂଶ ହୋଇ ରହିଛି। ଗ୍ରାମାଞ୍ଚଳରେ ସାମାଜିକ ବୈଷମ୍ୟ ଏବଂ ଏକ ପଦାନୁକ୍ରମିକ ମାନସିକତା ବଜାୟ ରହିଛି। ଶିକ୍ଷା ଏବଂ ନିଯୁକ୍ତିରେ ସୁଯୋଗରେ ଅସମାନତା ସ୍ପଷ୍ଟ। ସହରାଞ୍ଚଳ ଜୀବନରେ ମଧ୍ୟ, ସମ୍ପର୍କ, ବିବାହ ଏବଂ ସାମାଜିକ ଆଚରଣରେ ଜାତିଭିତ୍ତିକ ପକ୍ଷପାତ ପ୍ରାୟତଃ ପ୍ରତିଫଳିତ ହୁଏ।

ଏହି କାରଣରୁ ଫୁଲେଙ୍କ ପ୍ରାସଙ୍ଗିକତା ଆଜି ଆହୁରି ଅଧିକ। ସେ ପ୍ରଦର୍ଶନ କରିଥିଲେ ଯେ ଶିକ୍ଷା ହେଉଛି ଜାତିଭେଦକୁ ଦୂର କରିବା ପାଇଁ ସବୁଠାରୁ ଶକ୍ତିଶାଳୀ ଉପକରଣ। ଆଜି, ଯେତେବେଳେ ଡିଜିଟାଲ ଯୁଗରେ ଜ୍ଞାନର ପ୍ରବେଶ ସହଜ, ଫୁଲେଙ୍କ ଦୃଷ୍ଟିକୋଣ ଆମକୁ ପ୍ରେରଣା ଦିଏ ଯେ ସମାଜର ପ୍ରତ୍ୟେକ ବର୍ଗକୁ ଶିକ୍ଷା ପ୍ରଦାନ କରିବା ଅତ୍ୟାବଶ୍ୟକ। ସାମାଜିକ ନ୍ୟାୟ ଏବଂ ସମାନତା ପାଇଁ ଲଢ଼େଇରେ, ଫୁଲେଙ୍କ ଆଦର୍ଶ ଆମକୁ ଶିକ୍ଷା ଦିଏ ଯେ କେବଳ ଆଇନ ନୁହେଁ, ମାନସିକତାରେ ପରିବର୍ତ୍ତନ ଅତ୍ୟାବଶ୍ୟକ। ଫୁଲେଙ୍କ ଜୀବନ ଆମକୁ ଏହା ମଧ୍ୟ ଶିଖାଏ ଯେ ସଂସ୍କାର କେବଳ ଧାରଣାରୁ ନୁହେଁ, ବରଂ ଠୋସ୍ କାର୍ଯ୍ୟରୁ ଆସେ। ସେ ସ୍କୁଲ ଖୋଲିଥିଲେ, ସମାଜକୁ ସଂଗଠିତ କରିଥିଲେ ଏବଂ ତାଙ୍କ ଜୀବନକୁ ଅବହେଳିତ ଲୋକଙ୍କ ସେବା ପାଇଁ ଉତ୍ସର୍ଗ କରିଥିଲେ। ଆଜିର ସମୟରେ, ଯେତେବେଳେ ଜାତିବାଦ ହିଂସା, ଭେଦଭାବ ଏବଂ ଅସମାନତା ଆଡ଼କୁ ନେଇଯାଏ, ଫୁଲେଙ୍କ ଉଦାହରଣ ଆମକୁ ସାହସ ଏବଂ ଦିଗଦର୍ଶନ ଦିଏ। ଭାରତରେ ଜାତିବାଦ ଗଭୀର ଭାବରେ ମୂଳ, କିନ୍ତୁ ଜ୍ୟୋତିରାଓ ଫୁଲେଙ୍କ ଜୀବନ ଏବଂ ଚିନ୍ତାଧାରା ଆମକୁ ବିଶ୍ୱାସ ଦିଏ ଯେ ପରିବର୍ତ୍ତନ ସମ୍ଭବ। ଯେପର୍ଯ୍ୟନ୍ତ ସମାଜରେ ସମସ୍ତେ ସମାନ ସୁଯୋଗ ଏବଂ ସମ୍ମାନ ପାଇନାହାଁନ୍ତି, ସେପର୍ଯ୍ୟନ୍ତ ଜାତିବାଦର ଛାୟା ବଜାୟ ରହିବ। ଶିକ୍ଷା, ସଚେତନତା ଏବଂ ସାହସ ମାଧ୍ୟମରେ ଏହି ଅନ୍ୟାୟ ବ୍ୟବସ୍ଥାକୁ ଚ୍ୟାଲେଞ୍ଜ କରିବା ପାଇଁ ଫୁଲେଙ୍କ ମାର୍ଗଦର୍ଶନରେ ତାଙ୍କର ପ୍ରାସଙ୍ଗିକତା ନିହିତ। ଏହିପରି, ଆଜିର ଭାରତରେ, ଯେଉଁଠାରେ ଜାତିବାଦ ବଜାୟ ରହିଛି, ଜ୍ୟୋତିରାଓ ଫୁଲେଙ୍କ ବାର୍ତ୍ତା ଆମକୁ ମନେ ପକାଇ ଦିଏ ଯେ ସମାନତା ଏବଂ ନ୍ୟାୟର ପଥ କେବଳ ଶିକ୍ଷା, ସଚେତନତା ଏବଂ ସାହସ ଦ୍ୱାରା ପ୍ରଶସ୍ତ ହୋଇପାରିବ। ତାଙ୍କ ଜୀବନ ଏକ ଦୀପ ପରି ଯାହା ଅନ୍ଧକାର ସାମାଜିକ ଗଠନକୁ ଆଲୋକିତ କରେ ଏବଂ ଆମକୁ ବିଶ୍ୱାସ ଦିଏ ଯେ ଯଦି ଆମେ ସମାଜରେ ତାଙ୍କ ଚିନ୍ତାଧାରାଗୁଡ଼ିକୁ ଗ୍ରହଣ କରି କାର୍ଯ୍ୟକାରୀ କରିବା ତେବେ ଜାତିବାଦର କାନ୍ଥ ଭାଙ୍ଗି ଯାଇପାରିବ।

ଜ୍ୟୋତିରାଓ ଫୁଲେଙ୍କଠାରୁ ଆଜିର ଯୁବପିଢ଼ି ଶିଖିବା ଉଚିତ ଯେ ସାହସ ଏବଂ ଶିକ୍ଷା ହେଉଛି ସାମାଜିକ ପରିବର୍ତ୍ତନର ମୂଳଦୁଆ। ଅପମାନ ଏବଂ ବିରୋଧ ସତ୍ତ୍ୱେ ଫୁଲେ ହାର ମାନି ନଥିଲେ ଏବଂ ଅବହେଳିତଙ୍କ ପାଇଁ ସ୍କୁଲ ଖୋଲିଥିଲେ। ଯୁବକମାନେ ତାଙ୍କଠାରୁ ଶିଖିବା ଉଚିତ ଯେ ସମାଜ ଯେତେ ରକ୍ଷଣଶୀଳ ହେଉ ନା କାହିଁକି, ଅନ୍ୟାୟ ବିରୁଦ୍ଧରେ ସ୍ୱର ଉଠାଇବା ଗୁରୁତ୍ୱପୂର୍ଣ୍ଣ। ଆଜି, ଯେତେବେଳେ ଜାତିପ୍ରଥା ଏବଂ ଅସମାନତା ଏବେ ବି ରହିଛି, ଯୁବକମାନେ ଫୁଲେଙ୍କ ପରି ସଚେତନତା ପ୍ରସାର କରିବା, ସମାନତା ପାଇଁ ଲଢ଼ିବା ଏବଂ ସମସ୍ତଙ୍କ ପାଇଁ ଶିକ୍ଷାକୁ ସୁଗମ କରିବା ପାଇଁ ସଂକଳ୍ପ ନେବା ଉଚିତ। ଏହା ତାଙ୍କର ସବୁଠାରୁ ପ୍ରାସଙ୍ଗିକ ପ୍ରେରଣା।

Printed & Published by Basanti Roy on behalf of Integral Publication Pvt. Ltd., Printed at Gayatri Industries, Plot No. TS 3/193, Mancheswar Industrial Estate, Bhubaneswar- 751010, Odisha & Published at 464, Saheed Nagar, Bhubaneswar- 751007 Ph. : 2541448, 2545046, 2545678, Fax : 2545668.
Editor : Jayasish Roy
E-mail : sambadkalikanews@gmail.com City Office : Qtr No.-4R-12, Unit-IX (Flat), Bhubaneswar, Pin-751022
ସମ୍ପାଦକ : ଜୟାଶୀଷ ରାୟ

## ସ୍ତ୍ରୀ..

### ଦେବସ୍ମିତା ବେହେରା



ନିଜର ଅଗଣିତ ସ୍ୱପ୍ନଙ୍କ ଭିତରେ
ବାଛି ଆପେ ସେ ପରିଜନଙ୍କର ସ୍ୱପ୍ନକୁ
ଆଖିର ଲୁହକୁ ପଣତରେ ପୋଛି
ହସି ହସି ପୁରା କରେ ନିଜ କର୍ତ୍ତବ୍ୟକୁ ।
ସ୍ତ୍ରୀ ଇଶ୍ୱରଙ୍କର ଏମିତିଆ କୃତି
ନାହିଁ ଅସ୍ତିତ୍ୱ ତା' ନିଜର କିଛି
ନିତି ଜଳି ଜଳି ସମ୍ଭାଳିଥାଏ ସେ
ଘରର ଛାତକୁ ପାରି ନିଜର ପଣତକାନି ।
କେଉଁଠି ଗଣେ ସେ ଦିନ ନିଜ ବୟସର
ସେ ତ ମଜ୍ଜିଥାଏ ଗଣିବାରେ ପିଲାଙ୍କ ଖୁସି
ଚାଲିଚାଲି ସିଏ ମାପିନିଏ ଧରାକୁ
ପିଲାଙ୍କୁ ଗଢେ ସେ ନିଜକୁ କରିଣ ମାଟି ।
ଗର୍ବକୁ ନିଜର ଫିଙ୍ଗି ଦେଇ ଯିବ
ଭେଟିବାକୁ ଯିବ ତୁମେ ଯେବେ ତାକୁ
ମଣିଷ କରି ସେ ଗଢିଛି ତୁମକୁ
ଖୋଲା ଆକାଶରେ ଡେଣା ମେଲି ଉଡିବାକୁ ।
ଅଭାବ ଅନାଟନ ଭିତରେ ବି ସିଏ
ରାଜା ଭଳି ଚଳାଏ ନିଜ ଛୁଆଙ୍କୁ
ନିଜେ ଚିରା ଫଟା ସାତ ସିଆଁ ପିନ୍ଧି
ନୂଆ ଲୁଗା ପିନ୍ଧାଏ ନିଜ ଛୁଆଙ୍କୁ ।
ଯେତେ ଉଷୁମ ମିଳେ ତା' କୋଳରେ
ଦୁନିଆରେ ମିଳିବନି ଆଉ କେଉଁଠି
ତା' ପଣତକାନିରେ ଥାଏ ଯେଉଁ ସୁରକ୍ଷା
ମିଳିବନି ଆମକୁ ଆଉ କେଉଁଠି ।
ଇଶ୍ୱରଙ୍କଠୁ ବାହାରିଥିବା ଇଶ୍ୱର ସିଏ
ଯୋଗ-ଯଜ୍ଞ ସମ୍ପୂର୍ଣ୍ଣା ସିଏ ତ ସ୍ତ୍ରୀ
ସବୁ ଯୁଗରେ ହେଇ ସେ ସୃଜିତ
ଜୀବିତ ରହି ମଧ୍ୟ ହୁଏ ପାଷାଣ ସ୍ତ୍ରୀ ।

*ପ୍ଲଟ୍ ନମ୍ବର-୨୧୭/ପି, ବାୟାବାବା ମଠ ଲେନ୍, ୟୁନିଟ୍-୯(ଫ୍ଲାଟ୍), ଭୁବନେଶ୍ୱର-୨୨*



## ତୁମେ ଥିଲେ

### ଶରତ ଦାଶ

ତୁମେ ଥିଲେ ଅଚାନକ ଆସେ ଋତୁରାଜ
ଆକାଶରେ ବୁଣେ ଚାନ୍ଦ ପ୍ରୀତିର ମୁରୁଜ
ରାତି ଆସେ ହୋଇ କାମଗ୍ରସ୍ତ
ଦୁଃଖର ଉତ୍ତପ୍ତ ସୂର୍ଯ୍ୟ ହୋଇଯାଏ ନିମିଷକେ ଅସ୍ତ ।।
ତୁମେ ଥିଲେ ଉଦ୍ୟାନରେ ହସଇ ପ୍ରସୂନ
ପୁଲକିତ ହିଲ୍ଲୋଳରେ ଧୀରେ ନାଚେ ଉଦ୍ଭ୍ରାନ୍ତ ଏ ମନ
ଆଶାର ନଦୀରେ ଆସେ ସ୍ୱପ୍ନର ଜୁଆର
ଏକୂଳ ସେକୂଳ ଦୁଇ କରେ ଗ୍ରାସ ବନ୍ୟା ଆନନ୍ଦର ।।
ତୁମେ ଥିଲେ ସ୍ୱର୍ଗ ଆସେ ଧୂସର ଏ ଧରାକୁ ଓହ୍ଲାଇ
ଅମୃତର ଅନୁଭବ ଯାଏ ଧୀରେ ଅସ୍ତିତ୍ୱକୁ ଛୁଇଁ
ସମସ୍ୟାର ଅନ୍ଧକାର ଚିରି
ଉଦୟ ହୁଅଇ ଭାଗ୍ୟ ଲୁଚିଯାଏ ସୁଦୂରେ ଶର୍ବରୀ ।।
ତୁମେ ଥିଲେ ପ୍ରାଣପୂର୍ଣ୍ଣ ଥାଏ ଏ ଜୀବନ
ପ୍ରସରଇ କରି ତାପ ଚୋରି ସୁଗନ୍ଧିତ ଥଣ୍ଡା ସମୀରଣ
ଆହା କି ସୁନ୍ଦର ଲାଗେ ଅସାର ସଂସାର
ମରଣର ଉପାନ୍ତରେ ପୁଣି ହୁଏ ଜୀବନ ସଂଚାର ।।
ତୁମେ ଥିଲେ ଥାଏ ମୁହିଁ ଭାବନାର ଆବର୍ତ୍ତରେ ବୁଡି
ଚିନ୍ତାରେ ନଥାଏ ଅଗ୍ନି ହାହାକାର ନ ପକାଏ ରଡ଼ି
ସମସ୍ତେ ଲାଗନ୍ତି ଭଲ ସରଳ ସୁନ୍ଦର
ତୁମ ଉପସ୍ଥିତି ସତେ ରଚେ ମାୟା ଅତି ଚମତ୍କାର ।।
ତୁମେ ଥିଲେ ଥାଏ ମୁହିଁ ଥାଏ ମୋର ଶରୀରେ ଜୀବନ
ତୁମେ ଗଲେ ସବୁ ସୁଖ ସବୁ ଶିରୀ ହୁଏ ଅନ୍ତର୍ଦ୍ଧାନ
ତୁମରି କାଉଁରିଛୁଆଁ ଅପେକ୍ଷିତ ଜନ୍ମଜନ୍ମାନ୍ତର
ହୃଦୟରେ ଭରି ପ୍ରେମ କରୁଅଛି ଶତ ନମସ୍କାର ।।

*ଭୁବନେଶ୍ୱର*

## ଦିନେ ଜୀବନ ଲୋଭରେ

### ଦୁର୍ଗା ଚରଣ ଷଡ଼ଙ୍ଗୀ



ସେଇ ସତେଜ ସୁନ୍ଦର ଶାଳପ୍ରାଂଶୁ
ଗଛଟି ସେଦିନ
କାହିଁକି କେଜାଣି ଅକସ୍ମାତ୍
ଭୂମିଲଗ୍ନ ହେଲା ଦଲକାଏ ପବନ ମାଡ଼ରେ ।
ଜିଇଁଥିବା ଜୀବନ ଯାକର ମୁଗ୍ଧ ଆବେଗ
ବିବିଧ ସ୍ୱପ୍ନ
ଚନ୍ଦ୍ରା ବିଜଡ଼ିତ ରାତିର
ଗୋପନ ଅଭିସାର
ପ୍ରିୟ ପୃଥିବୀର କମନୀୟ ଦୃଶ୍ୟ ସବୁ
ବାଇସ୍କୋପର ଦୃଶ୍ୟ ଚିତ୍ର ପରି
ଆଖି ଆଗରୁ ତା ଉଭେଇ ଗଲେ
କୁହୁଡ଼ି ବର୍ଷାରେ ।
ସତେ ଯେମିତି
ମରଣ ଅସୁର
ପବନ ଫାଙ୍କରେ ହାତ ଠାରି ଡାକୁଥିଲା
ଆ'ରେ ସାଙ୍ଗ
ସେରକ ପୁରିଲା ପରା
ମାଣକ ପୁରିଲା
ମୋ ମାୟାର ଅମରାବତୀକୁ ଏବେ ଆ'ଭାରି ।
କେବଳ ହିଁ ସେ ଦେଖୁଥିଲା
ଏବଂ ଆଖି ମିଟି ମିଟି କରୁଥିଲା
ପାଗଳ ଯେପରି
ଚାହିଁ ରହିଥିଲା କେବଳ
ଘୁମନ୍ତ ପୃଥିବୀକୁ
ମୁହୂର୍ତ୍ତ ମୁହୂର୍ତ୍ତର
ଆବେଗରେ ଭରି,
ଆହାଃ ମରଣରେ
ମତେ ଜିଆଁଇ ରଖନ୍ତୁନି ଆଉ ଘଡ଼ିଏ !
ଏଠାରୁ ଗଲେ ଥରେ
ଆଉ କ'ଣ ଫେରିବିକି
ଏଇ ପ୍ରିୟ ପୃଥିବୀକୁ ମୋର
ଦେଖିବିକି ତାକୁ ମନଭରି ?
ମରଣ ଦଉଡୁଥିଲା ଜୀବନ ପଛରେ
କେବେ ଦିନେ
କାକୁସ୍ଥ ହୋଇ
ଫେରାଇ ନେବାକୁ ତାକୁ ନର୍କରୁ
କେଉଁ ଅପଦେବତାର ନିର୍ଦ୍ଦୟ ଡାକରେ
ଅଥଚ ମରଣକୁ ସ୍ୱାହା କରି
ଜୀବନ ଛିଡ଼ା ହୋଇଥିଲା ସେଦିନ ସତ୍ୟବାନପରି
ଅଟଳ ବିଶ୍ୱାସରେ ।
ମରଣ ପଛେ ପଛେ ହେଲେ ଆଜି
ଦଉଡ଼ି ଚାଲିଛି ଜୀବନ ମୋର
ଲୁହ ବୁହାଇ ଘଡ଼ିଏ ଆଉ
ରହି ଯିବିକି ବୋଲି ଜୀବନ ଲୋଭରେ !!

*ମୋ- ୯୪୩୮୫୩୫୫୭୭*

## ଅରଣ୍ୟରୁ ଜ୍ଞାନ-୪

### ଅଶୋକ ବିଶ୍ୱାଳ

ଅରଣ୍ୟରେ କାଳେ
ଦିଗ ପାଇଁ
ମୋଟା ଫଳକମାନ ପୋତାହୋଇଥାଏ
ଦୂରତା ଦେଖାଇ,
ଯନ୍ତ୍ରଣାର କଣ୍ଟା ଫୋଡ଼ିଦିଏ
ଭୟଙ୍କର ଗର୍ଜନ ରାସ୍ତାସାରା ଥାଏ
ଯାତ୍ରୀକୁ ସ୍ତବ୍ଧ କରିଦିଏ
ମନ ଥରିଯିବା କଥା
ମୋ ଭିତରେ କିଛି ଭଙ୍ଗା ସ୍ୱର ଥିଲା ।

ପାଦ ମୋର ଅଟକି ତ ଗଲା
ନିଜକୁ ଆଉଁଷି ଘଷିଲି
ବିଶ୍ୱାସର ନିଃଶ୍ୱାସକୁ ଛାତିରେ ଭରିଲି
ମନକୁ ବହୁ ବୁଝାଇ କହିଲି
କଣ୍ଟକିତ ପ୍ରଦାହ କଥା ଖାଲି କାହିଁକି ଭାବିବି
ଏ ଅସୀମ ସବୁଜିମା
ଜୀବନର ପ୍ରକୃତ ସୌନ୍ଦର୍ଯ୍ୟ ପ୍ରଦର୍ଶନ ତ କରିଛି
ମନ ଭରିକି ଦେଖିବି ।

ମହା ଅରଣ୍ୟରେ
ଅସୁମାରୀ ପୁଷ୍ପ, ଅପର୍ଯ୍ୟାପ୍ତ ଫଳକୁ ପାଇଲି
ମନମତାଣିଆ ସୁବାସ ସବୁଠି
ଚାରିଆଡ଼େ ପ୍ରଜାପତି ଆଉ ମହୁମାଛି
ପକ୍ଷୀମାନେ ଖୁସିରେ ଖଣ୍ଡି ଉଡ଼ା ଦେଉଥିଲେ
କ'ଣ ପାଇଁ
ଆନନ୍ଦର ଅରଣ୍ୟକୁ ଆଲିଙ୍ଗନ ନ କରିବି ?



## ଯୁଦ୍ଧର ବିଭୀଷିକା

### ରାହାସ କୁମାର ବେହେରା

ନୀଳିମା ଆକାଶର ନିଃଶବ୍ଦ ବକ୍ଷେ
ଆଜି ରକ୍ତିମ ଛିଟାର ନିର୍ଦ୍ଦୟ ଅଙ୍କନ,
ଇନ୍ଦ୍ରଧନୁର ସପ୍ତରଙ୍ଗ ଲୁହରେ ବିଲୀନ-
ସୌନ୍ଦର୍ଯ୍ୟ ହୋଇଯାଇଛି ନିର୍ବାକ ଶୋକଗୀତ ।

ଧୂମାୟିତ ଧୂଳିର ଧୂସର ପଟଳେ
ପ୍ରଳୟର ପ୍ରଚଣ୍ଡ ପାଦଚାରଣ,
ଧ୍ୱଂସର ନିର୍ମମ ରାଜତ୍ୱ ତଳେ
ଆଶା ଓ ଆକାଂକ୍ଷା ସବୁ ଚୂର୍ଣ୍ଣବିଚୂର୍ଣ୍ଣ ।

ମାଟିରୁ ପବିତ୍ରତା ପୁଣି ପଳାୟନ ପଥେ ଭ୍ରମିତ,
ମାତୃ-ଅଶ୍ରୁ ଶୁଷ୍କ କପୋଳ ରେଖା ଏବେ ଆତଙ୍କିତ,
ଶସ୍ୟଶ୍ୟାମଳା ଧରଣୀ-ପୁତ୍ରହାରା ନିର୍ଜନ,
ବିବଶ ହୃଦୟରେ ଭରିଛି ଅସହ୍ୟ ବିଷାଦ ।

ବାୟୁମଣ୍ଡଳକୁ ବିଦୀର୍ଣ୍ଣ କରେ ଏକମାତ୍ର ନାଦ-
'ତ୍ରାହି ମାମ'ର ଆକୁଳ ଚିତ୍କାର,
ନୀରବତାର ନାଳିଆ ଆଖିରେ
କୋଳାହଳରେ ମଧ୍ୟ ଭରିଯାଏ ଭୟଙ୍କର ନିର୍ବାକତା ।

ଝରିଯାଉଛି ଫୁଲ, ଫଳ ଓ ସବୁଜ ସମୃଦ୍ଧି,
ଜୀବନ ଅଣନିଶ୍ୱାସୀ ଯନ୍ତ୍ରଣାର ଗଭୀରତାରେ-
କାନ୍ଦୁଛି ଏକାକୀ,
ପାହାଡ଼ର ଗୁହା କି' ବଙ୍କରର ନିଭୃତ କୋଣରେ ।

ସତରେ-
କେବେ କେବେ ଯୁଦ୍ଧ ଅହଂକାରକୁ ଦଳିଦିଏ,
ଅଭିମାନର ଶିଖରକୁ କରେ ନିଶ୍ଚିହ୍ନ,
ଅନ୍ୟାୟର ଅନ୍ଧକାରେ ଜଳାଏ ବିଜୟର ଦୀପ;

ତଥାପି-
ସ୍ୱାର୍ଥର ସଉଦାର ଅନ୍ଧ ଆସକ୍ତିରେ
ମାନବତା ହୁଏ ବଳିପ୍ରଦାନ,
ଭାଙ୍ଗିଯାଏ ଅସଂଖ୍ୟ ଘର, ଅଗଣିତ ସ୍ୱପ୍ନ,
ରଚିତ ହୁଏ ନୂତନ ଧ୍ୱଂସର ଇତିହାସ-
ଏବଂ ଜନ୍ମ ନିଏ ଆଉ ଏକ ବିନାଶକାରୀ ବିଶ୍ୱଯୁଦ୍ଧ ।

*ବାଲ୍ୟମ୍ବା, ଭାପୁର, ଢେଙ୍କାନାଳ-୭୫୯୦୧୫*
*ମୋ-୯୪୩୮୧୧୪୩୬୮*

## କାହିଁକି ଲାଗୁଚି ଅଚିହ୍ନା ନିଜକୁ

### ହରିଶ୍ଚନ୍ଦ୍ର ବେହେରା

କାହିଁକି ଲାଗୁଛି ଅଚିହ୍ନା ନିଜକୁ
ଚିହ୍ନା ଏଇ ସହରରେ
ଯେଉଁମାନଙ୍କୁ ମୁଁ କରିଲି ନିଜର
ଚାଲିଗଲେ ବହୁ ଦୂରେ ।।
ନାନା ଜାତି ଫୁଲ ଗଛ ଲଗେଇଲି
ଆଣି ମୋର ବଗିଚାରେ
ଫୁଲ ସବୁ ଅକାଳରେ ଝଡ଼ିଗଲେ
ମନ ପକ୍ଷୀ ମୋର ଝୁରେ
ନିରବି ଗଲାଣି ବଇଁଶୀଟି ମୋର
ଆହା ମୋ ପରାଣ ପୁରେ ।।
ତାରା ଜହ୍ନ ଭରା ଥିଲା ମୋ ଆକାଶ
ଆଜି ପୂରା ଫାଙ୍କା ଫାଙ୍କା
ମନ ପକ୍ଷୀ ମୋର କୁହୁରି କାନ୍ଦୁଛି
ସିଏତ ମମତା ରଙ୍କା
ଯେଉଁ ବସନ୍ତଟା ଆସିଥିଲା ଦିନେ
ଚାଲିଗଲା ବହୁ ଦୂରେ ।।
ନିତି କିଏ ଜଣେ ଡାକୁଛି କେଉଁଠି
ଆଖିର ହେଲାଣି ବେଳ
ଆତ୍ମୀୟ ସ୍ୱଜନ ସଜ ହୋଇଲେଣି
ହାତେ ଧରି ଫୁଲ ମାଳ
କେତେ ମୁହାଁଶକୁ ଛାଡ଼ି ଯିବି ହାୟ
ପରାଣ ପକ୍ଷୀ ମୋ ଝୁରେ ।।

*କଲ୍ୟାଣ ନଗର, ବାଲେଶ୍ୱର-୧*
*ମୋ-୯୪୩୭୮୧୩୭୦୮*



## ବସନ୍ତ ଆସିଛି

### ପବିତ୍ର କୁମାର ସାହୁ

ବସନ୍ତ ଆସିଛି ଚପଳ ଛନ୍ଦରେ
ଫୁଟାଇବା ପାଇଁ ବାସ ।
ଅଝଟ ମନର ଅକୁହା ପ୍ରାନ୍ତରେ
ଢାଳିବା ନିମନ୍ତେ ହସ ।।୧।।

ଫଗୁଣ ସ୍ପର୍ଶରେ ମଧୁର କଣ୍ଠରେ
କୋକିଳର କୁହୁତାନ ।
ଭରିଦିଏ ପ୍ରାଣ ଅଚଳ ତନୁରେ
ସତେ ସାଜି ତାନସେନ ।।୨।।

ଆମ୍ବ ବଉଳର ମତୁଆଲା ବାସ୍ନା
ପ୍ରକୃତିକୁ ମହକାଏ ।
ସୁନାରୀ ଫୁଲର ଗଜରା ବାନ୍ଧିଣ
ଋତୁରାଣୀ ହସୁଥାଏ ।।୩।।

ପଳାଶ ପୁଷ୍ପର ନାରଙ୍ଗୀ ଶେଜରେ
ଅଳସ ଭାଙ୍ଗେ ବାସନ୍ତୀ ।
ଶିମିଳି ଫୁଲର ରକ୍ତିମ ଆଭାରେ
ସୁବେଶିନୀ ରୂପବତୀ ।।୪।।

ମଳୟ ପବନ ଥିରି ଥିରି ବହେ
ବିତରି କୁସୁମ ବାସ୍ନା ।
ମଧୁପାନ ଅର୍ଥେ ମଧୁପ ଭ୍ରମଇ
ତୋଷିବାକୁ ମଧୁତୃଷ୍ଣା ।।୫।।

ରାଧାକୃଷ୍ଣଙ୍କର ଯୁଗଳମୁରତି
ଦୋଳ ବିମାନରେ ଦେଖି ।
ଲାଖିଯାଏ ମନ ମଧୁରାସ ଦେଖି
ଧନ୍ୟହୁଏ ବେନି ଆଖି ।।୬।।

ଫଗୁଣ ଆଣିଛି ରଙ୍ଗର ଫଗୁଆ
ରାଗ ହିଂସା ଭାବ ଭୁଲି ।
ସ୍ନେହ ପ୍ରେମ ଶ୍ରଦ୍ଧା ଭ୍ରାତୃତ୍ୱ ଅବିରେ
ଖେଳିବା ଆସରେ ହୋଲି ।।୭।।

ସ୍ୱପ୍ନଭଙ୍ଗ ମନେ ବେରଙ୍ଗ ପ୍ରାଣରେ
ପ୍ରୀତିରଙ୍ଗ ଭରିଦେଉ ।
ମୋହ୍ୟଦ ଜୀବନେ ଏ ବସନ୍ତ ଋତୁ
ସ୍ନେହ ଶ୍ରଦ୍ଧା ଢାଳିଦେଉ ।।୮।।

*ସଂସ୍କୃତ ଶିକ୍ଷକ, ଅତାସାହି, ଘଷିପୁରା, କେନ୍ଦୁଝର*
*ମୋ-୯୭୭୭୫୬୦୯୨୧*

## ଖରା ଆସିଲାଣି ମାଡ଼ି ମାଡ଼ି

### ଦୀନବନ୍ଧୁ ପୋଇ

ଚଇତ୍ର ମାସଟି ଆସୁ ଆସୁ ଧରା
ଖରା ଆସିଲାଣି ମାଡ଼ି ମାଡ଼ି
ରବିର ଉତ୍ତାପ କେମିତି ସହିବେ
ଭାଳିଲେଣି ଯେତେ ବୁଢ଼ା ବୁଢ଼ି ।
ବସନ୍ତ ଋତୁଟା ସତେ କି ବଦଳି
ଦିଶିଲାଣି ଗ୍ରୀଷ୍ମ ଋତୁ ପରି
କଅଁଳ ପତର ପଡ଼ିଲେ ରବିର
ଝାଉଁଳି ସେ ଯିବେ ମରି ମରି ।
ଧିରେ ଧିରେ ପାଣି ନଈ ପୋଖରୀରୁ
ଗଲାଣି ତଳକୁ ଖସି ଖସି
ଜଳ ଜୀବଙ୍କର ଭାଳେଣି ପଡିଛି
ଖରା ଦେବ ତାଙ୍କ ପ୍ରାଣ ନାଶି ।
ଭାଳିଲେଣି ସବୁ ପଥିକ ପଥରେ
ଗଛ ନାହିଁ ବୋଲି ରାଶି ରାଶି
ପ୍ରଖର ଖରାରେ ଧରା ତାତି ଗଲେ
ପାଦରେ ଉତ୍ତାପ ଯିବ ପଶି ।
ଅସହ୍ୟ ଏ ଖରା ପ୍ରାଣ ନିଏ ପରା
ଅଂଶୁଘାତ ବୋଲି ନାମ ତାର
ଗଲେ ଛତା ଧରି ପିଇ କି ତୋରାଣି
ନରହିବ ଅଂଶୁଘାତ ଡର ।
ଏଭଳି ଉତ୍ତାପ ବୃଦ୍ଧିର କାରଣ
କହିଲେଣି ଯାହା ବିଜ୍ଞ ନର
ଜଙ୍ଗଲ ଅଭାବ ହେବାରୁ ଆମର
ଉତ୍ତାପ ବଢ଼ିବା ଅଟେ ସାର ।
ନିଜର ସୁରକ୍ଷା ନିଜେ ହିଁ କରିବା
ପୋତି ଦେବା ଆସ ଚାରା ଗଛ
ସତ ହିଁ ଏକଥା ହେବନି ଅନ୍ୟଥା
ପୋତି ଦେଲେ ଗଛ ନୁହେଁ ମିଛ ।

*ଗୋରଡାପାଳ,କରମୂଳ, ଢେଙ୍କାନାଳ*
*ଦୂରଭାଷ- ୯୯୩୮୮୦୨୪୧୨*





## ଉପକାର ଓ ଅଧିକାର

### ପ୍ରମୋଦ ଚନ୍ଦ୍ର ପଟ୍ଟନାୟକ

ନିରବରେ "ସମୟ"କୁ ପଚାରିଲି-
"ମୋର ଦୋଷ କ'ଣ" ?
ସମୟ ହସି ହସି କହିଲା-
"ତୁ ହୃଦୟ ଖୋଲି ସମସ୍ତଙ୍କୁ ଭଲପାଇଲୁ,
କିନ୍ତୁ,
ସେମାନେ ଭଲପାଇଲେ
ମତଲବକୁ

ମତଲବର ସମାପ୍ତିରେ
ସମ୍ପର୍କର ମୃତ୍ୟୁ,
ହୋଇଗଲା-ନିରବ ରେ..

ଯେଉଁମାନଙ୍କୁ ଦେଲି ସ୍ନେହ ଓ ଉପକାର,
ଦିବ୍ୟ ଭାବନାର ନିର୍ମଳ ଚେତନାରେ,
ସେମାନେ ସବୁକିଛି ଗ୍ରହଣ ତ କଲେ-
କିନ୍ତୁ,
ମୋର "ଉପକାର"କୁ
ରୂପାନ୍ତରିତ କରିଦେଲେ
ନିଜ "ଅଧିକାର"ରେ..

ସେମାନେ କ'ଣ ଜାଣନ୍ତି କି ?

ଅହଂକାରଟା ଯେବେ ନମ୍ରତାରେ
ରୂପାନ୍ତରିତ ହୁଏ,
ଅଶାନ୍ତ ଝଡ଼ ଶାନ୍ତ ହୋଇ,
ଯେବେ ନିରବ ପ୍ରକାଶ ଦିଏ,
କ୍ରୋଧରୁ ଯେବେ ଜନ୍ମ ନିଏ, କରୁଣା,
ଆସକ୍ତିରୁ ଜନ୍ମ ନିଏ, ଅନାସକ୍ତି,
ପ୍ରତିଶୋଧର ଅଗ୍ନି ଶାନ୍ତ ହୋଇ
କ୍ଷମାର ଆଲୋକ ଢାଳେ,
କୃତଘ୍ନତାଟା ଜନ୍ମ ନିଏ, କୃତଜ୍ଞତାରେ,
ନେବାର ଆନନ୍ଦ ନ୍ୟୁନ ହୁଏ
ଦେବାର ଦିବ୍ୟାନନ୍ଦରେ-

ସେତେବେଳେ ଯାଇଁ,
ସମ୍ପର୍କର ନିର୍ମଳ ପୁଷ୍କରିଣୀରେ
ଫୁଟେ ଶାଶ୍ୱତ ପ୍ରେମ
ଓ ଭଲପାଇବାର
ନୂଆ ଶ୍ୱେତ ପଦ୍ମଟିଏ.

ଏଇ ନିର୍ମଳ ସ୍ନେହ ଓ
ସ୍ୱ-ଅସ୍ତିତ୍ୱକୁ ହଜାଇ ଦେଇପାରୁଥିବା
ଏକ ନୀଳ ସମୁଦ୍ରର ବିସ୍ତୀର୍ଣ୍ଣ
ବେଳାଭୂଇଁ,
ଯେଉଁଠି ବାରମ୍ବାର ହଜି ଗଲେ ବି
ମିଳେ,
ନିଜର ଦିବ୍ୟ ପରିଚୟ ଟିଏ ।

ଆଉ ମନୁଷ୍ୟ ଧୀରେ ଧୀରେ ରୂପାନ୍ତରିତ
ହୋଇଯାଏ,
ଏକ ଅପୂର୍ବ ଦିବ୍ୟ ଆଲୋକରେ...
ଏହି ତ ମନୁଷ୍ୟ ଜୀବନ...

*ନୀଳାଦ୍ରି ବିହାର, ଭୁବନେଶ୍ୱର*
*ମୋ-୯୪୩୯୪୯୦୦୦୯*



## ଜଳ ଯାତନା

### ନଗେନ୍ଦ୍ର ନାଥ ପଟ୍ଟନାୟକ

ରଚନା ମୁହଁ ଫୁଲେଇ ମାଆକୁ କହୁଥିଲା – 'ମା, ଆଜିର ଦିନଟା କେମିତି କଟିବ ? ଅଫିସ୍‌ର ବଡ ହାକିମ ଅନୁମତି ଦେଲେ ୱାର୍କ ଫ୍ରମ୍ ହୋମ୍‌ରେ ରହି କାମ କରିବି ।' ଝିଅ ଘରେ ରହି ଅଫିସ୍ କାମ ତୁଲାଇବା କଥା ଶୁଣି ମାଆକୁ ଭାରି ଅଡୁଆ ଲାଗିଲା । ତେବେ ବି ମାଆ ବହୁତ ଖୁସି ଅନୁଭବ କରୁଥିଲେ । ଏଣେ ପୁରୁଣା ଦିନ ଗୁଡିକର ସ୍ମୃତିସବୁ ସତେଜ ହୋଇ ଲହଡି ଭାଙ୍ଗି ଆନ୍ଦୋଳିତ କରୁଥିଲେ ରଚନା ମାନସ ପଟଳରେ ।'

'ଆରେ ରଚନା ! ଉଠି ଦେଖେତ ଟ୍‌ପ୍‌ଟପ୍ ଶବ୍ଦ କଣ ବାଥ୍‌ରୁମ୍‌ରେ ଶୁଭୁଛି । ପାଣିକଳଟି ବୋଧେ କିଏ ଖୋଲି ଦେଇଥିବ ।'

ଘରେ ଜମା ଚାରିଜଣ ଲୋକ, ସେଥିରେ ପୁଣି ଚାରିଟା ବାଥ୍‌ରୁମ୍ । କେହି ସଫାସୁତର କରନ୍ତି ନାହିଁ । ଘର ଓଳାଓଳି ଓ ଅନ୍ୟ କାମ ପାଇଟି କରିବାର ଦାୟିତ୍ୱ କେବଳ ମାଆ ଉପରେ । ହାତ ବାଣ୍ଟିବାକୁ କେହି ଆଗେଇ ଆସନ୍ତିନି । ପ୍ରତ୍ୟେକଙ୍କର ଲୋଡା ଲ୍ୟାଟ୍-ବାଥ୍‌ଯୁକ୍ତ କୋଠରି – ମାଆ ଗୁଣୁଗୁଣୁ ହୋଇ କ'ଣ କଛି କ୍ଷୀଣ ସ୍ୱରରେ କହୁଥିବା ବେଳେ ସ୍ମାଟ୍ ଫୋନ୍‌ରେ ଆଙ୍ଗୁଠି ଚଳାଇବାରେ ବ୍ୟସ୍ତ ରହିଥିଲା ରଚନା । ଯେପରି ସେ କିଛି ଶୁଣୁନଥିଲା କିମ୍ବା ଶୁଣି ମଧ୍ୟ ନ ଶୁଣିଲା ଭଳି ହେଉଥିଲା । ମାଆର ବୋଲ ଅମାନ୍ୟ କରିବା ତାର ଅସ୍ଥିମଜ୍ଜାଗତ ହୋଇଯାଇଥିଲା ।

ଆକଟକୁ ଖାତିର କରୁନଥିଲା । ଖରାଦିନ ନଆସୁଣୁ ପାଣିକୁ ନେଇ ସଦାବେଳେ ଚିନ୍ତିତ ରହୁଥିବା ମାଆ ଖୁବ୍ ସାବଧାନ ହେଲେ ରଚନାକୁ ଜମା ଭଲ ଲାଗୁନଥିଲା ।

ଚିଡିଚିଡି ହେଇ କହୁଥିଲା – 'ସଦାବେଳେ ଖାଲି ପାଣିକି ନେଇ ଉପଦେଶ...।'

ରଚନାକୁ ଚଞ୍ଚଳ ନଉଠିବା ଦେଖି ମାଆ ଆଉ ନିଜକୁ ସମ୍ଭାଳି ପାରିଲେନାହିଁ । ବାଥ୍‌ରୁମ୍‌ରେ ଟପ୍ ଟପ୍ ଶବ୍ଦ କରୁଥିବା ଖୋଲା ପାଣିକଳକୁ ଚଟାପଟ୍ ବନ୍ଦ କରିବାକୁ ନିଜେ କମର ସଲଖି ଉଠି ଛିଡାହେଲେ । କାରଣ ମହାର୍ଘ ପାଣି ଟୋପେ ତୁଚ୍ଛାଟାରେ ନଷ୍ଟ ହେବାକୁ ତାଙ୍କୁ ପସନ୍ଦ ଲାଗୁନଥିଲା ।

ଅବଶ୍ୟ ପିଲାଦିନେ ତାଙ୍କ ବାସଗୃହରେ ପାଣିକଳ ନଥିଲା । କୂଅରୁ ପାଣିକାଢି ବାଉଁଶ ଭାରାରେ ଭାରୁଆ ପାଣିଭରା ମାଠିଆ ଆଉ ଗରା ଘରକୁ ବୋହି ନେଉଥିଲେ । ତାଙ୍କ ମାଆ ମାସକୁ ପାଣି ଭାରୁଆ ମଉସାକୁ ମୋଟେ ପାଞ୍ଚଟଙ୍କା ଦେଉଥିଲେ । ତାଙ୍କ ମାଆ ମାନେ ରଚନାର ଆଇମା' । ହାତ ମୁହଁ ଧୁଆଧୋଇ କରିବା ଓ ଖରାଦିନେ ଗାଧୋଇବା ପାଇଁ ବୁଦୁବୁଦିଆ ଗଛମୂଳେ ଥୁଆ ହୋଇଥିବା ବାଲତିଏ ପାଣି ବ୍ୟବହାର କରିବା ପାଇଁ ଆମ ଦୁହିଁଙ୍କୁ ନିର୍ଦ୍ଦେଶ ଦିଆଯାଇଥାଏ । ଫଳରେ ଖରାଦିନେ ଗଛର ବି ଜୀବନ ରକ୍ଷା କରାଯାଇ ପାରିବ । ପ୍ରଚଣ୍ଡ ଖରାଦିନେ ଅତି ଆବଶ୍ୟକ ମୁତାବକ ଜଳ ବ୍ୟବହାର କରାଯାଉଥିଲା । ଘରେ ସାନ ସାନ ପିଲେ ଆଉ ବଡମାନେ ସକାଳେ ସଂଜେ ଗଛଲତା ପାଖରେ ରଖାଯାଇଥିବା ପଥର ଉପରେ ବସି କିମ୍ବା ଠିଆ ହୋଇ ଗାଧୁଆପାଧୁଆ କରନ୍ତି ।

କାହିଁକି ନା, ସେ କାଳରେ ଏସି ଆଉ କୁଲର ପ୍ରଚଳିତ ନଥିଲା । ସନ୍ଧ୍ୟାରେ ସ୍ନାନ କଲେ ଆଖିକୁ ନିଦ ମାଉସୀ ବଢିଆ ନିଦ ଅଂଜନ ଲେସିଦିଏ । କାରଣ ସେ ସମୟରେ ଅବଶ ଶରୀରଟା ଶୀତଳ ରହିଥାଏ ।

ପିଲାଦିନେ ଆଇମା ଥରେ ମାଆକୁ (ରଚନା ମା'ଙ୍କୁ) ଲକ୍ଷ୍ୟକରି ହସହସ ମୁହଁରେ କଣ ପଦେ ଅଧେ କହୁଥିବା ଶୁଣିଥିଲା ରଚନା – ତୁମେ ପିଲାମାନଙ୍କୁ ପାଣିର ମହତ୍ୱ ସମ୍ପର୍କରେ ଶିକ୍ଷାଦିଅ । କେମିତି ପାଣିକଳ ଖୋଲି ବ୍ରଶ୍ କରାଯାଏ ଶିଖାଅ । ସେ ସମୟରେ ବହି ମେଲାଇ ପଢୁଥିବା ଜଳ ସଂକ୍ରାନ୍ତରେ ଛିଗୁଲେଇ କରି ଜେଜେମା ମାଆକୁ ଉଦ୍ଦେଶ୍ୟକରି ଶୁଣାଉଥିଲେ– 'ଦେଖ ଦେଖ କଣ ଲେଖାଅଛି । ଦିନେ ପେୟଜଳ ବି ବିକାବିକି ହେବ ।'

ଆଜି ଏସବୁ କଥା ଚଳଚ୍ଚିତ୍ର ପରି ଭାସି ଯାଉଥିଲା ରଚନା ମାନସପଟରେ । କାହିଁକିନା ବାଙ୍ଗାଲୋର୍‌ର ଯୋଉ କଲୋନିରେ ସେ ଏବେ ଅବସ୍ଥାପିତ ଆଜି ସେଠାରେ ପାଣି ନିଃଶେଷ ହୋଇଗଲାଣି । ପାଣି ମୁନ୍ଦିଏ ପାଇଁ ଚାରିଆଡେ ତ୍ରାହି ତ୍ରାହି, ହାହାକାର । ଅଧିକ ପଇସା ଦେଲେ ବି ପାଣି ନାହିଁ ବୋଲି ରୋକ୍‌ଠୋକ୍ ଶୁଣାଇ ଦେଇ ବାଟଭାଙ୍ଗି ଚାଲିଯାଉଛି ଟ୍ୟାଙ୍କରବାଲା । ସେଠେଇଁ ବି ଅନ୍ୟ କଲୋନି ବାସିନ୍ଦାଙ୍କ ପ୍ରବଳ ଭିଡ ଜମୁଛି । ଟ୍ୟାଙ୍କର ଯୋଗେ ପାଣି ନେଇ ପ୍ରଥମେ ଆମ କଲୋନିରେ ପହଁଚାଇ ଦିଆଯାଉ ବୋଲି ତାଗିଦ୍ କରୁଛନ୍ତି । ଦାବି କରୁଛନ୍ତି ବାରମ୍ବାର । ପଇସା ତ ଦେବାକୁ ସମସ୍ତେ ତୟାର, ହେଲେ ପାଣିର ଉତ୍କଟ ଅଭାବ ପରିସ୍ଥିତିକୁ ସଙ୍ଗିନ କରିଦେଉଛି । ଅବସ୍ଥାକୁ ଅସହଜ ଅସମ୍ଭାଳ କରିଦେଇଛି । ଏମିତି ଦୂରନ୍ତ ପରିସ୍ଥିତି କ'ଣ ସତରେ ଉପଗତ, ପଇସା ଦେଲେ ମଧ୍ୟ ପାଣି ଭଳି ଈଶ୍ୱର ପ୍ରଦତ୍ତ ମୁକ୍ତ ପ୍ରାକୃତିକ ସମ୍ପଦ ବି ଭାଗ୍ୟରେ ଜୁଟୁନି । ଜଳର ମୂଲ୍ୟାଙ୍କନ କରିବାରେ ଅସମର୍ଥ ହୋଇଥିବା ମନୁଷ୍ୟକୁ କଣ ଏ ଦୁର୍ଦ୍ଦିନ ଦେଇ ଗତି କରିବାକୁ ପଡିବ । ସମସ୍ତେ ତ ବୋତଲମୁଦା ପେୟଜଳ କିଣି ବ୍ୟବହାର କରିବାରେ ବ୍ୟସ୍ତ । ତଥାପି ରୋଷେଇବାସ, ଲୁଗାପଟା ସଫାସଫି, ବାସନକୁସନ ମଜାଧୁଆ ଓ ଅନ୍ୟାନ୍ୟ ଘରୋଇ କାର୍ଯ୍ୟ ପାଇଁ ପାଣିର ତ ପୁଣି ଆବଶ୍ୟକତା ରହିଛି । ଆଜି ସେ ଅଗାଧୁଆ ଅଫିସ ଆସିଛି । କାରଣ ତାର ବାଲ୍‌ଟିରେ ପାଣି ଭରିବା ଅଭ୍ୟାସ ନଥାଏ । ଆଗେ ପାଣିରେ ଏମିତି ଅଭାବ କେବେ ନଥିଲା ଯେମିତି ଏ ସନ ହୋଇଛି । ଏକ ସମୟରେ ପାଣିକୁ ନେଇ ଜେଜେମା କରୁଥିବା ଉପହାସ ଆଜି ତା ମୁଣ୍ଡରେ ତାଣ୍ଡବ ରଚୁଛି । କେବେ କେମିତି ଟିକେ ଟିକେ ବୋତଲପାଣି ବ୍ୟବହାର କରୁଛି ରଚନା ।

ପାଣିକୁ ନେଇ ମାଆ ଦୁଃଖ ଅବସାଦରେ ବୁଡି ରହିଥିବା କଥା ରଚନା ବୁଝିପାରିଲା ଏବେ । ଏମିତିରେ ପାଣିକୁ ନେଇ ପ୍ରତ୍ୟେକ ବେଶ୍ ସଜାଗ, ସତେଜ । ତେବେ ପ୍ରଚଣ୍ଡ ଖରାଦିନେ ଠାଏ ଠାଏ ପାଣିର ଉତ୍କଟ ଅଭାବ ଅନୁଭୂତ ହୁଏ । ସକାଳ ଚାରିଟା ବାଜିବା ବେଳକୁ ରଚନା ଉଠିପଡି ଟାଙ୍କି ଭରିବାରେ ବ୍ୟସ୍ତ । ବୁନ୍ଦା ବୁନ୍ଦା ପାଣିକୁ ସଞ୍ଚିବାକୁ ପ୍ରୟାସରତ । ଅଥଚ ଏଣେ ପାଣିକଳକୁ ଭଲକରି ବନ୍ଦ କରିନଥାଏ । ମାଆ ତାଗିଦ୍ କରନ୍ତି- ଏଥର ପାଣିକୁ ସମ୍ଭାଳ, ପାଣିକଳକୁ ଠିକ୍‌ସେ ବନ୍ଦ କରିଦିଅ । ସୋସିଆଲ ମିଡିଆରେ ପାଣିକୁ ନେଇ କେତେ କଣ ବଡ ବଡ ଭାଷଣବାଜି । ଟିପ୍‌ପଣୀ ଓ ମନ୍ତବ୍ୟ ଦେଉଥିବା ବ୍ୟକ୍ତିଙ୍କୁ ଯେତେବେଳେ ଜଳ ସଙ୍କଟକୁ ନେଇ ପଚରାଯାଏ ଆଭାସୀ ଜରିଆରେ ବୟାନବାଜିର ଫମ୍ପାପଣକୁ ବେଶ୍ ଅନୁଭବ କରିହୁଏ । ଯୋଉଠି ପାଣି ବୁନ୍ଦେ ନ ଥାଏ ସେଠି କିଛି କାମ କରିହୁଏନା ।

*ପ୍ରାକ୍ତନ ଅତିରିକ୍ତ ଶାସନ ସଚିବ, ଓଡ଼ିଶା ସରକାର*
*ଓସ୍କାର ସିଟି, ଲେନ୍ ନଂ-୯, ପ୍ଲଟ୍ ନଂ-୪୫୬, ଲକ୍ଷ୍ମୀସାଗର କେନାଲ ରୋଡ୍*
*ମୋ-୯୪୩୮୩୩୨୧୩୮*

# ଟିମ୍ ହ୍ୱାଇଟ୍ ହେଲେ ଭାରତୀୟ କନିଷ୍ଠ ମହିଳା ହକି ଦଳର ପ୍ରଶିକ୍ଷକ

**ନୂଆଦିଲ୍ଲୀ**



ଭାରତୀୟ କନିଷ୍ଠ ମହିଳା ହକି ଦଳର ନୂଆ ପ୍ରଶିକ୍ଷକ ଭାବେ ଟିମ୍ ହ୍ୱାଇଟ୍‌ଙ୍କୁ ଶୁକ୍ରବାର ହକି ଇଣ୍ଡିଆ ନିଯୁକ୍ତି କରିଛି। ଅଷ୍ଟ୍ରେଲିଆର ଏହି ପ୍ରଶିକ୍ଷକ ଚଳିତ ବର୍ଷ ଜାନୁଆରୀରୁ ହକି ଇଣ୍ଡିଆ ଲିଗ୍ ଦଳ ଆକୋର୍ଡ ତାମିଲନାଡୁ ଡ୍ରାଗନ୍ସର ମୁଖ୍ୟ ପ୍ରଶିକ୍ଷକ ଦାୟିତ୍ୱ ନିର୍ବାହ କରୁଛନ୍ତି। ଏହା ପୂର୍ବରୁ ସେ ବେଲ୍‌ଜିୟମ୍ ଓ ଅଷ୍ଟ୍ରେଲିଆରେ ପ୍ରଶିକ୍ଷଣ ଦେବାର ଅଭିଜ୍ଞତା ରଖିଛନ୍ତି। ତାଙ୍କ ପ୍ରଶିକ୍ଷଣରେ ବେଲ୍‌ଜିୟମ୍ ୨୧ ବର୍ଷରୁ କମ୍ ମହିଳା ଦଳ ୨୦୨୫ କନିଷ୍ଠ ବିଶ୍ୱକପ୍‌ରେ କାଂସ୍ୟ ପଦକ ଜିତିଥିଲା। ୨୦୨୧ରୁ ୨୦୨୪ ମଧ୍ୟରେ ସେ ବେଲ୍‌ଜିୟମ୍ ଜାତୀୟ ମହିଳା ଦଳର ପ୍ରଶିକ୍ଷଣ ମଣ୍ଡଳିରେ ଥିଲେ। ଏହି ସମୟ ମଧ୍ୟରେ ବେଲ୍‌ଜିୟମ୍ ଦଳ ବିଶ୍ୱ ମାନ୍ୟତାରେ ୧୨ରୁ ୩ରେ ପହଞ୍ଚିଥିଲା ଏବଂ ପ୍ୟାରିସ୍ ଅଲିମ୍ପିକ୍ସରେ ସେମିଫାଇନାଲ୍ ଖେଳିବାର ଗୌରବ ପାଇଥିଲା। ତାଙ୍କ ପ୍ରଶିକ୍ଷଣରେ ମଧ୍ୟ ଅଷ୍ଟ୍ରେଲିଆ ଦଳ କନିଷ୍ଠ ବିଶ୍ୱକପ୍‌ରେ କାଂସ୍ୟ ପଦକ ପାଇବାକୁ ସକ୍ଷମ ହୋଇଥିଲା। ନିଯୁକ୍ତି ପରେ ହ୍ୱାଇଟ୍ କହିଛନ୍ତି, ତାମିଲନାଡୁ ଡ୍ରାଗନ୍ସର ପ୍ରଶିକ୍ଷକ ଭାବେ ଭାରତରେ ରହିବା ବେଳେ ମୁଁ ଏହି ଦେଶର ହକି ସଂସ୍କୃତିରେ ବିମୋହିତ ହୋଇଯାଇଛି। କନିଷ୍ଠ ବିଶ୍ୱକପ୍‌ରେ ଭାରତୀୟ ଯୁବପ୍ରତିଭାଙ୍କୁ ଦେଖିବାର ସୁଯୋଗ ପାଇଥିଲି। ଏହି ଉତ୍ସାହିତ ଖେଳାଳିଙ୍କ ସହ କାର୍ଯ୍ୟକରିବାର ମୋତେ ସୁଯୋଗ ମିଳିଥିବାରୁ ଆନନ୍ଦିତ। ମୋର ଲକ୍ଷ୍ୟ ରହିବ ଏହି ଯୁବ ପ୍ରତିଭାମାନେ କିଭଳି ଚମତ୍କାର ପ୍ରଦର୍ଶନ କରି ଆଗାମୀ ଦିନରେ ବରିଷ୍ଠ ଦଳରେ ନିୟମିତ ସଦସ୍ୟ ହୋଇପାରିବେ''। ବେଲ୍‌ଜିୟମ୍ ଓ ଅଷ୍ଟ୍ରେଲିଆ କନିଷ୍ଠ ଦଳକୁ ଚମତ୍କାର ଟ୍ରାକ୍‌କୁ ଆଣିବା ସହ କନିଷ୍ଠ ବିଶ୍ୱକପ୍‌ରେ ପୋଡିୟମ୍ ଶେଷ କରାଇବାର ସଫଳ ନାୟକ ଟିମ୍ ହ୍ୱାଇଟ୍‌ଙ୍କୁ ଭାରତୀୟ କନିଷ୍ଠ ଦଳର ପ୍ରଶିକ୍ଷକ ନିଯୁକ୍ତି କରି ଆମେ ବହୁତ ଖୁସି। ତାଙ୍କ ଅଭିଜ୍ଞତା ନିଶ୍ଚିତ ଆମ କନିଷ୍ଠ ଖେଳାଳିମାନଙ୍କୁ ସଫଳତା ଦେବ ବୋଲି ହକି ଇଣ୍ଡିଆ ସଭାପତି ଦିଲୀପ ତିର୍କୀ କହିଛନ୍ତି।

# କିଛି ଭାବନି, କେବଳ ମାର : ପନ୍ତଙ୍କ ପରାମର୍ଶ ମୁକୁଲଙ୍କ ପାଇଁ ହେଲା ଗୁରୁମନ୍ତ୍ର

**ନୂଆଦିଲ୍ଲୀ**

ଗୁରୁବାର ରାତିଠାରୁ ସବୁ କ୍ରିକେଟ ଫ୍ୟାନ୍ସଙ୍କ ମୁହଁରେ ମୁକୁଲ ଚୌଧୁରୀଙ୍କ ନାମ। ୨୭ ବଲରୁ ଅପରାଜିତ ୫୪ ରନ୍ କରି କେକେଆର ବିପକ୍ଷରେ ଲକ୍ଷ୍ମୌକୁ ବିଜୟୀ କରାଇଥିଲେ ମୁକୁଲ ଚୌଧୁରୀ। ସେ ତାଙ୍କ ଦଳକୁ ୧୨୮/୭ର ଏକ କଷ୍ଟକର ସ୍ଥିତିରୁ ବିଜୟୀ କରାଇଥିଲେ। ସେ କହିଛନ୍ତି ଯେ ରିଷଭ ପନ୍ତଙ୍କ ପରାମର୍ଶ ତାଙ୍କ ପାଇଁ ଗୁରୁମନ୍ତ୍ର ହୋଇଥିଲା। ପନ୍ତଙ୍କ ପରାମର୍ଶ ତାଙ୍କ ଚିନ୍ତାଧାରା ବଦଳାଥିଲା। ଏହି ମ୍ୟାଚ୍ ବିଜୟୀ ଇନିଂସ ପାଇଁ ସେ ତାଙ୍କ ବାପା ଏବଂ ଧୋନିଙ୍କୁ ଉତ୍ସର୍ଗ କରିଛନ୍ତି।

ମ୍ୟାଚ୍ ପରେ ମୁକୁଲ କହିଛନ୍ତି କିପରି ପନ୍ତଙ୍କ ପରାମର୍ଶ ତାଙ୍କ ଖେଳ ପରିବର୍ତ୍ତନକାରୀ ପାଲଟିଥିଲା। ସେ କହିଛନ୍ତି, ମୁଁ ପୂର୍ବରୁ ଶୀଘ୍ର ଖେଳୁଥିଲି, କିନ୍ତୁ ଏବେ ମୁଁ ପ୍ରକ୍ରିୟା ଉପରେ ଧ୍ୟାନ ଦିଏ। ଶେଷ ଇନିଂସରେ ମୁଁ କେବଳ ୪-୫ ବଲ ଖେଳିପାରିଥିଲି, ତେଣୁ ମୁଁ ପନ୍ତ ଭାଇଙ୍କ ସହ କଥା ହୋଇଥିଲି। ସେ କହିଥିଲେ, ଅଧିକ କିଛି ଚିନ୍ତା କରନାହିଁ, ବଲ୍ ଦେଖ ଏବଂ କେବଳ ମାର। ଯଦି ତୁମେ ଅଧିକ ଚିନ୍ତା କର , ତେବେ ଚାପ ବଢ଼ିବ।




ଏହି ପରାମର୍ଶ ମୁକୁଲଙ୍କ ପାଇଁ ମ୍ୟାଚ୍‌ର ମୋଡ଼ ବଦଳାଇଥିଲା। କ୍ରମାଗତ ୱିକେଟ ପଡିବା ସମୟରେ ମୁକୁଲ ଧୈର୍ଯ୍ୟ ଦେଖାଇଥିଲେ। ସେ କହିଥିଲେ, ଯେତେବେଳେ ଆୟୁଷ ଭାଇ ଆଉଟ୍ ହୋଇଥିଲେ, ମୁଁ ଅନୁଭବ କରିଥିଲି ଯେ ମୋତେ ଦାୟିତ୍ୱ ନେବାକୁ ପଡ଼ିବ। ମୁଁ କେବଳ ମ୍ୟାଚ୍‌କୁ ଶେଷ ପର୍ଯ୍ୟନ୍ତ ନେବା ବିଷୟରେ ଚିନ୍ତା କରିଥିଲି। ଜିତିବା କିମ୍ବା ହାରିବା ବିଷୟରେ ନୁହେଁ। ଏହି ଚିନ୍ତାଧାରାକୁ ଶେଷ ପର୍ଯ୍ୟନ୍ତ ଜାରି ରଖିଥିଲା ଏବଂ ସେ ଶେଷରେ ମ୍ୟାଚ୍‌କୁ ସମାପ୍ତ କରିଥିଲେ। ଶେଷ ଓଭରରୁ ୧୪ ରନ ଦରକାର ଥିଲା। ମୁକୁଲ ୪ଟି ବଲରେ ମାତ୍ର ୭ ରନ୍ ବାକି ଥିବାବେଳେ ଆତ୍ମବିଶ୍ୱାସୀ ଥିଲେ। ସେ କହିଥିଲେ ମୁଁ, ଜାଣିଥିଲି ବୋଲର ଗୋଟିଏ ବଲ ହାତଛଡ଼ା କରିବେ। ମୋତେ ସେହି ବଲରେ ଛକା ମାରିବାକୁ ପଡିଲା। ପ୍ରଥମ ବଲ ଡଟ୍ ଥିଲା। କିନ୍ତୁ ମୁଁ ନିଶ୍ଚିତ ଥିଲି ଯେ ମୋତେ ସୁଯୋଗ ମିଳିବ ଏବଂ ଠିକ୍ ତାହା ହିଁ ହେଲା। ଗୋଟିଏ ଭୁଲ ଏବଂ ମ୍ୟାଚ୍ ଶେଷ ହୋଇଗଲା।

ମୁକୁଲ ସ୍ୱୀକାର କରିଛନ୍ତି ଯେ, ପ୍ରତ୍ୟେକ ଖେଳାଳି ଚାପ ଅନୁଭବ କରନ୍ତି, ତାହା ନୂଆ ହୁଅନ୍ତୁ କିମ୍ବା ଅଭିଜ୍ଞ ଖେଳାଳି। ଏହା ମୋର ପ୍ରଥମ ସିଜିନ। ଅଭ୍ୟାସ ମ୍ୟାଚରେ ମଧ୍ୟ ଚାପ ଅଛି। ଘରୋଇ କ୍ରିକେଟରେ ଭଲ ପ୍ରଦର୍ଶନ କରିବା ପରେ ହିଁ ଏଠାରେ ସୁଯୋଗ ଆସିଥାଏ। ନିଜର ପରିଚୟ ପ୍ରତିଷ୍ଠା କରିବାକୁ ନେଇ ମଧ୍ୟ ଏହା ଏକ ସୁଯୋଗ। ମୁଁ ପିଲାଦିନରୁ ଏମଏସ ଧୋନିଙ୍କୁ ଅନୁସରଣ କରୁଛି। ମୁଁ ସମାନ ପୋଜିସନରେ ବ୍ୟାଟିଂ କରେ ଏବଂ ଧୋନି ସାରଙ୍କୁ ଦେଖି ମ୍ୟାଚ କିପରି ଶେଷ କରାଯାଏ ତାହା ଶିଖିଛି। ମୁଁ ଏହି ଇନିଂସକୁ ତାଙ୍କୁ ଉତ୍ସର୍ଗ କରୁଛି।

# ବୈଭବ ସୂର୍ଯ୍ୟବଂଶୀଙ୍କୁ ନେଇ ଗ୍ରେମ୍ ସ୍ମିଥ୍‌ଙ୍କ ଭବିଷ୍ୟବାଣୀ




**ନୂଆଦିଲ୍ଲୀ**

ଚାଲିଛି ଆଇପିଏଲ କମାଲ କରୁଛନ୍ତି ଯୁବ କ୍ରିକେଟର ବୈଭବ ସୂର୍ଯ୍ୟବଂଶୀ। ଅନ୍ତର୍ଜାତୀୟ ସ୍ତରର ବୋଲରଙ୍କୁ ଧୂଳେଇ କରୁଥିବା ବୈଭବଙ୍କୁ ଏବେ ସବୁଠି ପ୍ରଂଶସା କରାଯାଉଛି। ପ୍ରତି ମ୍ୟାଚ୍‌ରେ ବଡ଼ ସଟ୍ ଖେଳି ରେକର୍ଡ କରୁଥିବା ସୂର୍ଯ୍ୟବଂଶୀଙ୍କ ପ୍ରଂଶସା କରିଛନ୍ତି ପୂର୍ବତନ ଦକ୍ଷିଣଆଫ୍ରିକୀୟ ଅଧିନାୟକ ଗ୍ରେମ୍ ସ୍ମିଥ୍। ସେ କହିଛନ୍ତି ବୈଭବ ହେଉଛନ୍ତି ୨୦୨୬ର ସୁପରଷ୍ଟାର।

ବୈଭବ ସୂର୍ଯ୍ୟବଂଶୀଙ୍କୁ ପ୍ରଶଂସା କରି ଗ୍ରେମ୍ ସ୍ମିଥ୍ କହିଛନ୍ତି, 'ଆଇପିଏଲ୍ ମୋ ଆଶା ଅନୁଯାୟୀ ଆରମ୍ଭ ହୋଇଛି, ଫ୍ଲାଟ୍ ପିଚ୍ ଏବଂ ହାଇ-ସ୍କୋରିଂ ମ୍ୟାଚ୍ ସହିତ। ସବୁବେଳେ ପରି ରୋହିତ ଶର୍ମା ଏବଂ ବିରାଟ କୋହଲିଙ୍କ ପରି ଅଭିଜ୍ଞ ସୁପରଷ୍ଟାରଙ୍କ ପ୍ରଦର୍ଶନ ଦେଖିବା ଆକର୍ଷଣୀୟ ହେବ, କିନ୍ତୁ ମୁଁ ଭାବୁଛି ପ୍ରଥମ କିଛି ସପ୍ତାହରେ ରାଜସ୍ଥାନ ରୟାଲ୍ସର ଯୁବ ଖେଳାଳି ବୈଭବ ସୂର୍ଯ୍ୟବଂଶୀଙ୍କ ଉପରେ ଧ୍ୟାନ ଦିଆଯିବ।' ପୂର୍ବତନ ଦକ୍ଷିଣ ଆଫ୍ରିକା ଅଧିନାୟକ ଆହୁରି ମଧ୍ୟ କହିଛନ୍ତି, 'ସେ ପ୍ରଥମ ବଲରୁ ହିଁ ତାଙ୍କର ଦକ୍ଷତା ପ୍ରଦର୍ଶନ କରିଛନ୍ତି। ଜଣେ ଯୁବ ଖେଳାଳି ଭାବରେ, ସେ ଟୁର୍ଣ୍ଣାମେଣ୍ଟ ସମୟରେ ସୁପରଷ୍ଟାର ହୋଇପାରିବେ ଏବଂ ମୁଁ ତାଙ୍କ ପ୍ରଦର୍ଶନ ଦେଖି ବହୁତ ଉତ୍ସାହିତ।' ସେପଟେ ଆମେ ଯଦି ସ୍ମିଥ୍‌ଙ୍କ ସମ୍ପର୍କରେ କହିବା ତା'ହେଲେ ସେ ମଧ୍ୟ ଆଇପିଏଲ ଖେଳିଛନ୍ତି। ସେ ୨୦୦୮ରେ ଆଇପିଏଲ ଟାଇଟଲ ଜିତିଥିବା ରାଜସ୍ଥାନ ରୟାଲ୍ସର ଅଂଶ ଥିଲେ। ସ୍ମିଥ୍ ୨୯ଟି ଆଇପିଲ ମ୍ୟାଚ୍‌ରେ ୨୮.୪ ହାରରେ ୭୩୯ ରନ୍ କରିଛନ୍ତି। ସେ ଚାରୋଟି ଅର୍ଦ୍ଧଶତକ ମଧ୍ୟ କରିଛନ୍ତି। ସ୍ମିଥ୍ ଟେଷ୍ଟ କ୍ରିକେଟ୍ ଇତିହାସରେ ସର୍ବାଧିକ ବିଜୟୀ ଅଧିନାୟକ। ସେ ଦକ୍ଷିଣ ଆଫ୍ରିକାର ୧୦୯ଟି ଟେଷ୍ଟ ମ୍ୟାଚ୍‌ରେ ଅଧିନାୟକତ୍ୱ କରିଥିଲେ, ସେଥିମଧ୍ୟରୁ ୫୩ଟିରେ ବିଜୟୀ ହୋଇଥିଲେ। ସେ କେବଳ ୨୯ଟିରେ ପରାସ୍ତ ହୋଇଥିଲେ। ସେ ଏକମାତ୍ର ଅଧିନାୟକ ଯିଏ ୧୦୦ରୁ ଅଧିକ ଟେଷ୍ଟ ମ୍ୟାଚ୍‌ରେ ଅଧିନାୟକତ୍ୱ କରିଛନ୍ତି।

# ଦମଦାର ବିଜୟ ପରେ ଲକ୍ଷ୍ମୌକୁ ଶକ୍ତ ଝଟ୍‌କା : ଆଇପିଏଲରୁ ବାଦ୍ ପଡ଼ିଲେ ଶ୍ରୀଲଙ୍କା ଅଲରାଉଣ୍ଡର

**ନୂଆଦିଲ୍ଲୀ**




କୋଲକାତା ବିପକ୍ଷରେ ଦମ୍‌ଦାର ବିଜୟ ହାସଲ କରିଛି ରିଷଭ ପନ୍ତଙ୍କ ନେତୃତ୍ୱାଧୀନ ଏଲଏସଜି। ହେଲେ ଏହି ବିଜୟ ପାଣିଚିଆ ହୋଇଛି। ଲକ୍ଷ୍ମୌ ସୁପରଜାଏଣ୍ଟ୍ସକୁ ଶକ୍ତ ଧକ୍କା ଲାଗିଛି। ଜଣେ ଷ୍ଟାର ଖେଳାଳି ଦଳକୁ ଟେନସନରେ ପକାଇଛନ୍ତି। ଲକ୍ଷ୍ମୌ ଏକ ରୋମାଞ୍ଚକର ମ୍ୟାଚ୍‌ରେ କୋଲକାତା ନାଇଟ୍ ରାଇଡର୍ସକୁ ୩ ୱିକେଟ୍‌ରେ ପରାସ୍ତ କରିଛି। କିନ୍ତୁ ଆହତ ଥିବା ଶ୍ରୀଲଙ୍କାର ବାମହାତି ସ୍ପିନର ୱାନିଣ୍ଡୁ ହସରଙ୍ଗା ଆଇପିଏଲରୁ ବାଦ୍ ପଡ଼ିଛନ୍ତି। ଦଳର କ୍ରିକେଟ୍ ନିର୍ଦ୍ଦେଶକ ଟମ୍ ମୁଡି ଏ ବିଷୟରେ ସୂଚନା ଦେଇଛନ୍ତି। ଆସନ୍ତା ୧/୨ ଦିନ ମଧ୍ୟରେ ହସରଙ୍ଗାଙ୍କ ସ୍ଥାନରେ ବଦଳ ଖେଳାଳି ସାମିଲ କରାଯିବ ବୋଲି ସେ ସ୍ପଷ୍ଟ କରିଛନ୍ତି। ରିପୋର୍ଟ ଆସୁଛି କି ଜର୍ଜ ଲିଣ୍ଡ ହସରଙ୍ଗାଙ୍କ ସ୍ଥାନ ନେଇ ପାରନ୍ତି।

ମିଳିଥିବା ସୂଚନା ଅନୁଯାୟୀ, ଲକ୍ଷ୍ମୌ ହସରଙ୍ଗାଙ୍କ ସ୍ଥାନରେ ଦକ୍ଷିଣ ଆଫ୍ରିକାର ବାମ ହାତି ସ୍ପିନର ଜର୍ଜ ଲିଣ୍ଡଙ୍କୁ ସାମିଲ କରିବାକୁ ଯୋଜନା କରୁଛି। ଗତ ଟି-ଟ୍ୱେଣ୍ଟି ବିଶ୍ୱକପରେ ଏକ ମ୍ୟାଚ୍‌ରେ ହସରଙ୍ଗା ଆହତ ହୋଇଥିଲେ। ତାଙ୍କ ବାମ ଗୋଡ଼ ପଛ ପାର୍ଶ୍ୱର୍ ମାଂସପେଶୀ ଟାଣି ହୋଇଯାଇଥିଲା। ଫଳରେ ସେ ଲକ୍ଷ୍ମୌ ଶିବିରରେ ଯୋଗ ଦେଇ ନଥିଲେ। ସେବେଠାରୁ ସେ ଫିଟନେସ୍ ଫେରି ପାଇବା ପାଇଁ ସଂଘର୍ଷ କରୁଛନ୍ତି। ଅନ୍ୟ ଅନେକ ଆହତ ଖେଳାଳିଙ୍କ ପରି, ଶ୍ରୀଲଙ୍କା କ୍ରିକେଟ୍ ଆଇପିଏଲ୍ ଆରମ୍ଭ ହେବା ପୂର୍ବରୁ ହାସରଙ୍ଗାଙ୍କୁ ଖେଳିବାକୁ ଅନୁମତି ମନା କରିଥିଲା। ବୋର୍ଡ କହିଥିଲା ଯେ, ତାଙ୍କୁ ନୋ-ଆବଜେକ୍ସନ୍ ସାର୍ଟିଫିକେଟ୍ ପାଇବା ପୂର୍ବରୁ ପ୍ରଥମେ ଏକ ଫିଟନେସ୍ ପରୀକ୍ଷାରେ ପାସ୍ କରିବାକୁ ପଡ଼ିବ। ଏପରିକି ଶ୍ରୀଲଙ୍କା କ୍ରିକେଟ୍ ବୋର୍ଡ ପକ୍ଷରୁ ବାଧ୍ୟତାମୂଳକ କରାଯାଇଥିବା ଫିଟ୍‌ନେସ୍ ପରୀକ୍ଷା ମଧ୍ୟ ଦେଇନଥିଲେ। ସେ ସମ୍ପୂର୍ଣ୍ଣ ଫିଟ୍ ହୋଇନଥିବାରୁ ଶେଷରେ ଆଇପିଏଲରୁ ବାଦ୍ ପଡ଼ିଛନ୍ତି। ଲକ୍ଷ୍ମୌ ଗତ ନିଲାମୀରେ ହସରଙ୍ଗାଙ୍କୁ ୨କୋଟି ଟଙ୍କାରେ କ୍ରୟ କରିଥିଲା।

ଗୁରୁବାର କୋଲକାତା ବିପକ୍ଷରେ ଜବରଦସ୍ତ ବିଜୟ ହାସଲ କରିଥିଲା ଲକ୍ଷ୍ମୌ। ଶେଷ ବଲ୍‌ରେ ୩ ୱିକେଟ୍‌ରେ କେକେଆରକୁ ପରାସ୍ତ କରିଥିଲା। ଏହା ଚଳିତ ସିଜନ୍‌ର ତିନୋଟି ମ୍ୟାଚ୍‌ରେ ଏଲଏସଜିର ଦ୍ୱିତୀୟ ବିଜୟ। ତଥାପି, ବିଜୟ ହାସଲ କରିବା ପୂର୍ବରୁ, ଲକ୍ଷ୍ମୌ ପ୍ରଶିକ୍ଷକ ଟମ୍ ମୁଡି କହିଥିଲେ ଯେ ୱାନିନ୍ଦୁ ହସରଙ୍ଗା ଏହି ସିଜନ୍‌ରେ ଦଳ ପାଇଁ ଖେଳିପାରିବେ ନାହିଁ ଏବଂ ଫ୍ରାଞ୍ଚାଇଜ୍ ଆଗାମୀ ଦୁଇରୁ ତିନି ଦିନ ମଧ୍ୟରେ ଏକ ବଦଳ ଖେଳାଳି ଘୋଷଣା କରିବ।

# ଏସୀୟ ବ୍ୟାଡ୍‌ମିଣ୍ଟନ୍ : ବିଶ୍ୱର ୪ ନମ୍ବର କ୍ରିଷ୍ଟିଙ୍କୁ ମାତ୍ ଦେଲେ ଆୟୁଷ




**ନିଙ୍ଗ୍‌ବୋ (ଚୀନ୍)**

ଭାରତୀୟ ଯୁବ ତାରକା ଆୟୁଷ ସେଟ୍ଟୀ ଚଳିତ ବ୍ୟାଡ୍‌ମିଣ୍ଟନ ଏସିଆ ପ୍ରତିଯୋଗିତାରେ ଶୁକ୍ରବାର ବିପର୍ଯ୍ୟୟ ସୃଷ୍ଟି କରିଛନ୍ତି। ପୁରୁଷ ଏକକ କ୍ୱାର୍ଟରଫାଇନାଲ୍‌ରେ ୨୦ ବର୍ଷୀୟ ଆୟୁଷ ୨୩-୨୧, ୨୧-୧୭ ସିଧାସଳଖ ଗେମ୍‌ରେ ନିଜଠୁ ଉଚ୍ଚ ମାନ୍ୟତା ତଥା ବିଶ୍ୱର ୪ ନମ୍ବର ଖେଳାଳି ଜୋନାଥନ କ୍ରିଷ୍ଟିଙ୍କୁ ମାତ୍ ଦେଇ ବିଦାୟର ରାସ୍ତା ଦେଖାଇଛନ୍ତି।

ବିଶ୍ୱ ମାନ୍ୟତାର ୨୫ତମ ସ୍ଥାନରେ ଥିବା ଆୟୁଷ ନିଜର ପ୍ରଥମ ମୁକାବିଲାରେ ବିଶ୍ୱର ୭ ନମ୍ବର ଚୀନ୍ ଖେଳାଳି ଲି ସି ଫେଙ୍ଗଙ୍କୁ ହରାଇ ଅଭିଯାନ ଆରମ୍ଭ କରିଥିଲେ। ଏହାପରେ ସେ ଚାଇନିଜ୍ ତାଇପେଇର ଚି ୟୁ ଜେନ୍‌ଙ୍କୁ ଏବଂ ଏବେ ଇଣ୍ଡୋନେସିଆର କ୍ରିଷ୍ଟିଙ୍କୁ ହରାଇ ସେମିଫାଇନାଲ୍ ସ୍ଥାନ ସୁରକ୍ଷିତ କରିବା ସହ ପଦକ ନିଶ୍ଚିତ କରିଛନ୍ତି। ଏସୀୟ କ୍ରୀଡ଼ା ଓ ଏସୀୟ ଚାମ୍ପିଅନ୍‌ସିପ୍‌ରେ ସ୍ୱର୍ଣ୍ଣ ଜିତିଥିଲା ବେଳେ ୨୦୨୦ ଥୋମାସ କପ୍ ବିଜେତା ଇଣ୍ଡୋନେସିଆ ଦଳର ସଦସ୍ୟ ଥିଲେ।

# ଅବିଶ୍ୱସନୀୟ ରେକର୍ଡ : ଟି-ଟ୍ୱେଣ୍ଟିରେ ୩ ଓଭରରେ ହ୍ୟାଟ୍ରିକ୍ ସହ ୯ ୱିକେଟ୍

**ନୂଆଦିଲ୍ଲୀ**

ବିଶ୍ୱ କ୍ରିକେଟରେ ଅନେକ ଆଶ୍ଚର୍ଯ୍ୟ ଜନକ ରେକର୍ଡ ସୃଷ୍ଟି ହୋଇଛି। ଯେଉଁଥିରେ ଟେଷ୍ଟ କ୍ରିକେଟ ମଧ୍ୟ ସାମିଲ ଅଛି। ଜଣେ ବୋଲରଙ୍କୁ ଗୋଟିଏ ଇନିଂସରେ ୧୦ ୱିକେଟ୍ ନେବାର ଖବର ଆମେ ଦେଖିଛେ। ସୀମିତ ଓଭର ଫର୍ମାଟରେ, କୌଣସି ବୋଲର ଏପର୍ଯ୍ୟନ୍ତ ଗୋଟିଏ ମ୍ୟାଚ୍‌ରେ ୧୦ ୱିକେଟ୍ ନେବାର ସଫଳତା ପାଇନାହାନ୍ତି, କିନ୍ତୁ ୨୧ ବର୍ଷୀୟ ବ୍ରାଜିଲିୟ ଦ୍ରୁତ ବୋଲର ଲୌରା କାର୍ଡୋସୋ ଏପରି ସଫଳତା ହାସଲ କରିଛନ୍ତି। ସେ ଟି-୨୦ ଆନ୍ତର୍ଜାତୀୟରେ ଏକ ନୂତନ ଇତିହାସ ସୃଷ୍ଟି କରିବାରେ ସଫଳ ହୋଇଛନ୍ତି। କାର୍ଡୋସୋ ଏବେ ପୁରୁଷ ଏବଂ ମହିଳା ଟି-୨୦ ଆନ୍ତର୍ଜାତୀୟ ଉଭୟରେ ଗୋଟିଏ ମ୍ୟାଚ୍‌ରେ ସର୍ବାଧିକ ୱିକେଟ୍ ନେଇଥିବା ବୋଲର ହୋଇଛନ୍ତି।

ବ୍ରାଜିଲ ମହିଳା କ୍ରିକେଟ୍ ଦଳର ଅଲରାଉଣ୍ଡର ଲୌରା କାର୍ଡୋସୋ ଏକ ଟି-ଟ୍ୱେଣ୍ଟି ମ୍ୟାଚ୍‌ରେ ହ୍ୟାଟ୍ରିକ୍ ସହ ୯ଟି ୱିକେଟ୍ ନେଇ ବିଶ୍ୱ ରେକର୍ଡ ସ୍ଥାପନ କରିଛନ୍ତି। ବୋଟ୍ସୱାନାରେ ଚାଲିଥିବା କାଲାହାରି ମହିଳା ଟି଼ଟ୍ୱେଣ୍ଟି ଟୁର୍ଣ୍ଣାମେଣ୍ଟରେ ଲିସୋଥୋ ବିପକ୍ଷ ଟି଼ଟ୍ୱେଣ୍ଟିରେ ସେ ୩ ଓଭରରେ ୨ଟି ମେଡେନ ସହ ୪ରନ୍ ପ୍ରଦାନ କରି ମୋଟ ୯ଟି ୱିକେଟ୍ ଅକ୍ତିଆର କରିଥିଲେ। ଏହି



ମ୍ୟାଚ୍‌ରେ ବ୍ରାଜିଲ ପ୍ରଥମେ ବ୍ୟାଟିଂ କରି ୮/୨୦୨ ରନ୍ ସଂଗ୍ରହ କରିଥିଲା। ଜବାବରେ ଲିସୋଥୋ ମାତ୍ର ୧୩ ରନ୍ ମଧ୍ୟରେ ଅଲଆଉଟ୍ ହୋଇଯାଇଥିଲା। ଟି-ଟ୍ୱେଣ୍ଟି ଫର୍ମାଟ କ୍ରିକେଟରେ ପୂର୍ବରୁ ଗୋଟିଏ ଇନିଂସ୍‌ରେ ସର୍ବାଧିକ ୱିକେଟ୍ ରେକର୍ଡ ଭୁଟାନର ପୁରୁଷ ଖେଳାଳି ସୋନମ ୟେଶେଙ୍କ ନାମରେ ରହିଥିଲା। ଗତ ବର୍ଷ ମ୍ୟାଁମାର ବିପକ୍ଷ ମ୍ୟାଚ୍‌ରେ ସେ ୭ରନ୍ ପ୍ରଦାନ କରି ୮ଟି ୱିକେଟ୍ ଅକ୍ତିଆର କରିଥିଲେ। ସେହିପରି ମହିଳା କ୍ରିକେଟରଙ୍କ ମଧ୍ୟରେ ଇଣ୍ଡୋନେସିଆ ଅଫ୍ ସ୍ପିନର ରୋହମାଲିଆ ମଙ୍ଗୋଲିଆ ବିପକ୍ଷ (୨୦୨୪) ଏକ ମ୍ୟାଚ୍‌ରେ କୌଣସି ରନ୍ ନଦେଇ ୭ଟି ୱିକେଟ୍ ନେଇଥିଲେ।

ବ୍ରାଜିଲର ୨୧ ବର୍ଷୀୟ ଦ୍ରୁତ ବୋଲର ଲୌରା କାର୍ଡୋସୋ ଲେସୋଥୋ ବିପକ୍ଷ ମ୍ୟାଚ୍‌ରେ କ୍ରମାଗତ ୫ ବଲ୍‌ରେ ୫ଟି ୱିକେଟ୍ ନେଇଥିଲେ। ଲୌରା କାର୍ଡୋସୋ ପୂର୍ବରୁ ତାଙ୍କ ବୋଲିଂ ପାଇଁ ଶିରୋନାମାରେ ସ୍ଥାନ ପାଇଛନ୍ତି। ୨୦୨୧ ମସିହାରେ ମାତ୍ର ୧୬ ବର୍ଷ ବୟସରେ ବ୍ରାଜିଲ ପାଇଁ ଖେଳୁଥିବା ସମୟରେ ଏକ ଟି-ଟ୍ୱେଣ୍ଟି ଆନ୍ତର୍ଜାତୀୟ ମ୍ୟାଚ୍‌ରେ ହ୍ୟାଟ୍ରିକ୍ ନେଇଥିଲେ। ସେ ତାଙ୍କ ବୋଲିଂ ଦ୍ୱାରା ଏହି ସଫଳତା ହାସଲ କରିଛନ୍ତି।

# ତୀରନ୍ଦାଜ ସଂଘର ନୂତନ କାର୍ଯ୍ୟକାରୀ କମିଟି ନିର୍ବାଚିତ

**ବୌଦ୍ଧ, ନ୍ୟୁଜ୍‌ବ୍ୟୁରୋ**

ଜିଲ୍ଲା ଷ୍ଟାଡିଅମରେ ବୌଦ୍ଧ ଜିଲ୍ଲା ତୀରନ୍ଦାଜ ସଂଘର ଗଭର୍ଣ୍ଣିଙ୍ଗ ବଡିର ଏକ ବୈଠକ ବସନ୍ତ କୁମାର ସାହୁଙ୍କ ସଭାପତିତ୍ୱରେ ଅନୁଷ୍ଠିତ ହୋଇଯାଇଛି। ସଭାପତିଙ୍କ ଦ୍ୱାରା ପୁରୁଣା ଗଭର୍ଣ୍ଣିଙ୍ଗ ବଡି ଭଙ୍ଗ ଘୋଷଣା ପରେ ପ୍ରାପ୍ତ ୧୬ଗୋଟି ଦରଖାସ୍ତ ଉପରେ ଆଲୋଚନା କରାଯାଇଥିଲା। ଗଣତାନ୍ତ୍ରିକ ପଦ୍ଧତିରେ ସର୍ବସମ୍ମତିରେ ୨୦୨୬-୨୦୨୯ପାଇଁ ନୂତନ ଗଭର୍ଣ୍ଣିଙ୍ଗ ବଡିର ସଭାପତି ରୂପେ ବସନ୍ତ କୁମାର ସାହୁ, ଉପ ସଭାପତି ରୂପେ ବିଶ୍ୱପ୍ରକାଶ ସାହୁ, ସମ୍ପାଦକ ରୂପେ ଅର୍ଜୁନ କହଁର, ଯୁଗ୍ମ ସମ୍ପାଦକ ରୂପେ ସିଦ୍ଧାର୍ଥ ଅଗ୍ରୱାଲ, କୋଷାଧକ୍ଷ ରୂପେ ନିରଞ୍ଜନ ମେହେର ନିର୍ବାଚିତ ହୋଇଥିଲା ବେଳେ ଅମିତ ପଟ୍ଟନାୟକ, ଶିବ ଶଙ୍କର ଶତପଥି, ସୂର୍ଯ୍ୟନାରାୟଣ ସାହୁ, ନଟବର ଅଗ୍ରୱାଲ, ଇନ୍ଦ୍ରମଣି ମେହେର, ଗାୟତ୍ରୀ ବେହେରା, ସରିତା ମେହେର ସଭ୍ୟ ରୂପେ ନିର୍ବାଚିତ ହୋଇଛନ୍ତି । ସେହିପରି ନବ କୁମାର ମିଶ୍ର, ରବୀନ୍ଦ୍ର କୁମାର ରାଉତ, ସୂର୍ଯ୍ୟକାନ୍ତ ଦଳବେହେରା ଓ ଦିଲ୍ଲୀପ କୁମାର ସାହୁଙ୍କୁ ନେଇ ସଂଘର ଉପଦେଷ୍ଟା ମଣ୍ଡଳୀ ଗଠିତ ହୋଇଯାଇଛି ଓ ସମସ୍ତ ସଦସ୍ୟଙ୍କୁ ସ୍ୱାଗତ କରାଯିବା ସହିତ ଆଗାମୀ ଦିନରେ ସମସ୍ତଙ୍କ ସହଯୋଗରେ ବୌଦ୍ଧ ଜିଲ୍ଲା ତୀରନ୍ଦାଜ ସଂଘର କୃତିତ୍ୱ ଜିଲ୍ଲା, ରାଜ୍ୟ ଓ ଜାତୀୟ ସ୍ତରରେ ବଜାୟ ରଖିବା ପାଇଁ କାମନା କରିଥିବା ବେଳେ ଇନ୍ଦ୍ରମଣି ମେହେର ଧନ୍ୟବାଦ ଜ୍ଞାପନ କରିଥିଲେ।

# ଭାରତୀୟ ଜ୍ଞାନ ପରମ୍ପରା ବିଷୟକ ଜାତୀୟ ସମ୍ମିଳନୀ ଉଦ୍‌ଯାପିତ

**ବାଲେଶ୍ୱର, ନ୍ୟୁଜ୍**

ଫକୀରମୋହନ ବିଶ୍ୱବିଦ୍ୟାଳୟର ସ୍ନାତକୋତ୍ତର ଶିକ୍ଷା ବିଭାଗ ଦ୍ୱାରା ଆୟୋଜିତ "ଭାରତୀୟ ଜ୍ଞାନ ପରମ୍ପରା ଓ ସାମଗ୍ରିକ ଶିକ୍ଷା: ନୀତି, ସମସ୍ୟା ଓ ସୁଯୋଗ" ବିଷୟକ ଦୁଇ ଦିନିଆ ଜାତୀୟ ସମ୍ମିଳନୀ ଉଦ୍‌ଯାପିତ ହୋଇଯାଇଛି।




ଏହି କାର୍ଯ୍ୟକ୍ରମରେ ବିଶିଷ୍ଟ ଶିକ୍ଷାବିତ୍, ଗବେଷକ ଓ ବିଶେଷଜ୍ଞ ଗଣ ଅଂଶଗ୍ରହଣ କରିଥିଲେ ଏବଂ ଦେଶୀୟ ଜ୍ଞାନ ପରମ୍ପରା ପ୍ରତି ବୃଦ୍ଧିଶୀଳ ଆଗ୍ରହକୁ ନିଜର ତର୍କ ଓ ଆଲୋଚନା ମାଧ୍ୟମରେ ଉପସ୍ଥାପିତ କରିଥିଲେ। ନିଜର ଅଧକ୍ଷୀୟ ଭାଷଣରେ ବିଶ୍ୱବିଦ୍ୟାଳୟର କୁଳପତି ପ୍ରଫେସର ସନ୍ତୋଷ କୁମାର ତ୍ରିପାଠୀ ମୂଲ୍ୟାଧାରିତ ଶିକ୍ଷାର ଆବଶ୍ୟକତା, ଭାରତୀୟ ଜ୍ଞାନ ପରମ୍ପରାର ପ୍ରାସଙ୍ଗିକତା ଏବଂ ଜ୍ଞାନ ସୃଷ୍ଟି ଓ ପ୍ରସାରଣରେ ଦେଶୀୟ ଭାଷାମାନଙ୍କର ପ୍ରଚାର ଉପରେ ଗୁରୁତ୍ୱ ଦେଇଥିଲେ।

ମୁଖ୍ୟଅତିଥି ଭାବେ ବିଶ୍ୱଭାରତୀ ବିଶ୍ୱବିଦ୍ୟାଳୟର ପ୍ରଫେସର କାହ୍ନୁଚରଣ ସାହୁ ଯୋଗ ଦେଇଥିଲେ, ଯେଉଁଥିରେ ସେ ବିଶ୍ୱବିଦ୍ୟାଳୟର ଶିକ୍ଷାନୁକୂଳ ପରିବେଶ ଓ ପ୍ରଶାସନିକ ନେତୃତ୍ୱକୁ ପ୍ରଶଂସା କରିଥିଲେ ତଥା ଛାତ୍ରଛାତ୍ରୀଙ୍କ ଉଦ୍ଦେଶ୍ୟରେ ମୂଲ୍ୟବାନ ଅଭିଭାଷଣ ପ୍ରଦାନ କରିଥିଲେ। କୋରାପୁଟ ସ୍ଥିତ କେନ୍ଦ୍ରୀୟ ବିଶ୍ୱବିଦ୍ୟାଳୟର ପ୍ରଫେସର ଭରତ କୁମାର ପଣ୍ଡା ଓ ସ୍ନାତକୋତ୍ତର ପରିଷଦର ଅଧକ୍ଷ ପ୍ରଫେସର ଭାସ୍କର ବେହେରା ଉପସ୍ଥିତ ହୋଇ, ଆଧୁନିକ ଶିକ୍ଷା ପ୍ରଣାଳୀରେ ଭାରତୀୟ ଜ୍ଞାନ ପରମ୍ପରାକୁ କିପରି ସମନ୍ୱୟ କରାଯାଇପାରେ ସେନେଇ ମତ ପ୍ରକାଶ କରିଥିଲେ।

ପ୍ରାରମ୍ଭିକ ଉଦ୍‌ବୋଧନରେ ବିଭାଗମୁଖ୍ୟ ପ୍ରଫେସର ଅମୂଲ୍ୟ କୁମାର ଆଚାର୍ଯ୍ୟ ଅତିଥିମାନଙ୍କୁ ସ୍ୱାଗତ କରି ସମ୍ମିଳନୀର ଉଦ୍ଦେଶ୍ୟ ସ୍ପଷ୍ଟ କରିଥିଲେ। ଏଥିସହ ପ୍ରଫେସର ଜ୍ୟୋତି ଶଙ୍କର ପ୍ରଧାନ ବିଷୟବସ୍ତୁର ଆବଶ୍ୟକତା ଉପସ୍ଥାପନା କରିଥିଲେ ଓ ଡକ୍ଟର ପ୍ରତିମା ପ୍ରଧାନ ଏହାର ଶିକ୍ଷାତ୍ମକ ଓ ସାମାଜିକ ଗୁରୁତ୍ୱ ଉଲ୍ଲେଖ କରିଥିଲେ। ଶେଷରେ ଡକ୍ଟର ରଞ୍ଜନ କୁମାର ରାଉତ ଧନ୍ୟବାଦ ଜ୍ଞାପନ କରିଥିଲେ।

ଦ୍ୱିତୀୟ ଦିନରେ ପ୍ରାୟୋଗିକ ଅଧିବେଶନ, ଗବେଷଣା ପତ୍ର ପ୍ରସ୍ତୁତି ଓ ଆମନ୍ତ୍ରିତ ଭାଷଣ ଆୟୋଜିତ ହୋଇଥିଲା। ଉପସମାହାର ଅଧିବେଶନରେ କୁଳପତି ପ୍ରଫେସର ସନ୍ତୋଷ କୁମାର ତ୍ରିପାଠୀଙ୍କ ସହ ପ୍ରଫେସର ଭାସ୍କର ବେହେରା, ପ୍ରଫେସର ଭୁଜେନ୍ଦ୍ର ନାଥ ପଣ୍ଡା, କେନ୍ଦ୍ରୀୟ ହିମାଚଳ ପ୍ରଦେଶ ବିଶ୍ୱବିଦ୍ୟାଳୟର ପ୍ରଫେସର ମନୋଜ ସକ୍ସେନା ଓ ପ୍ରଫେସର ଭରତ କୁମାର ପଣ୍ଡା ଯୋଗଦେଇ ଉଚ୍ଚ ଶିକ୍ଷାରେ ଭାରତୀୟ ଜ୍ଞାନ ପରମ୍ପରାର ଭବିଷ୍ୟତ ଉପରେ ମତବ୍ୟକ୍ତ କରିଥିଲେ ତଥା ସମ୍ମିଳନୀ ନିଷ୍କର୍ଷ ବିବରଣୀକୁ ପ୍ରଶଂସା କରିଥିଲେ।

ସମ୍ମିଳନୀର ଆୟୋଜନ ପ୍ରଫେସର ଅମୂଲ୍ୟ କୁମାର ଆଚାର୍ଯ୍ୟଙ୍କ ଅଧକ୍ଷତାରେ ହୋଇଥିଲା, ଯେଉଁଥିରେ ପ୍ରଫେସର ଜ୍ୟୋତି ଶଙ୍କର ପ୍ରଧାନ ସଂଗଠନ ସଚିବ ଭାବେ କାର୍ଯ୍ୟଭାର ନେଇଥିଲେ ଏବଂ ଡକ୍ଟର ପ୍ରତିମା ପ୍ରଧାନଙ୍କ ସହିତ ଅନ୍ୟ ଅଧ୍ୟାପକ-ଅଧ୍ୟାପିକାମାନେ ବିଶେଷ ସହଯୋଗ କରିଥିଲେ।

# ଆନ୍ଦୋଳନକାରୀଙ୍କ ଉପରେ ପୋଲିସ ଅତ୍ୟାଚାର ବନ୍ଦ ଦାବିରେ ଡିଜିପିଙ୍କୁ ସ୍ମାରକପତ୍ର

**କଟକ, ନ୍ୟୁଜ୍‌ବ୍ୟୁରୋ**

ରାୟଗଡ଼ା ଜିଲ୍ଲାର ଶିଜିମାଳି/ଟିଜିମାଳି, କେନ୍ଦୁଝର୍ ଜିଲ୍ଲାର ପାଟଣା ବ୍ଲକର ପ୍ରାୟ ୧୮ ଟି ଗ୍ରାମ ତଥା ସୁନ୍ଦରଗଡ଼ ଜିଲ୍ଲାର ବିଭାବନ୍ଧ ଓ ଲାଞ୍ଜିବେର୍ଣ୍ଣା ସମେତ ରାଜ୍ୟର ବିଭିନ୍ନ ଅଞ୍ଚଳରେ ଏକଚାଟିଆ ପୁଞ୍ଜିପତିମାନଙ୍କୁ ଜମି ଦେବାପାଇଁ ବଳପୂର୍ବକ ଜମି ଅଧିଗ୍ରହଣ ଉଦ୍ଦେଶ୍ୟରେ ଭିଟାମାଟି, ଚାଷ ଜମି, ଜଙ୍ଗଲ ରକ୍ଷାପାଇଁ ଆନ୍ଦୋଳନ କରୁଥିବା ଲୋକଙ୍କ ଉପରେ ବ୍ୟାପକ ପୋଲିସ ଅତ୍ୟାଚାର ଚାଲିଛି। ମାରାତ୍ମକ ଧାରାରେ ମିଛ ମାମଲା ରୁଜୁ କରି ଆନ୍ଦୋଳନକାରୀ ତଥା ନିରୀହ ଗ୍ରାମବାସୀ ମାନଙ୍କୁ ମାସ ମାସ ଏପରିକି ବର୍ଷ ବର୍ଷ ଧରି ଜେଲରେ ଭର୍ତ୍ତି କରିବା, ରାତି ଅଧରେ ଗାଁ ଉପରେ ଚଢ଼ଉ କରି ନିରୀହ ଲୋକଙ୍କ ଉପରେ ଆକ୍ରମଣ କରିବା, ଆନ୍ଦୋଳନକାରୀ ମାନଙ୍କୁ ଭୟଭୀତ




କରିବାପାଇଁ ସଂପୃକ୍ତ ଅଞ୍ଚଳର ଆତଙ୍କର ବାତାବରଣ ସୃଷ୍ଟି ଭଳି ମାରାତ୍ମକ କାଣ୍ଡ ଚାଲିଛି। ରାତି ଅଧରେ ନିରୀହ ଗ୍ରାମବାସୀମାନଙ୍କ ଉପରେ ଲୁହବୁହା ଗ୍ୟାସ ଓ ଲାଠି ଚାଳନା କରାଯାଉଛି। ସମସ୍ତ ଗଣତାନ୍ତ୍ରିକ ମୂଲ୍ୟବୋଧ , ରୀତିନିତିକୁ ଅପେକ୍ଷା କରି କର୍ପୋରେଟ ହାଉସ ଓ ଶିଳ୍ପପତି ମାନଙ୍କ ସ୍ୱାର୍ଥ ରକ୍ଷାପାଇଁ ସରକାର ପୋଲିସ ଜରିଆରେ ଚାଷୀ, ସାଧାରଣ ଲୋକ, ଆଦିବାସୀ ଓ ଦଳିତ ମାନଙ୍କ ଉପରେ ବର୍ବର ଆକ୍ରମଣ ଚଳାଇଛି। ଗ୍ରାମ ସଭା ଗୁଡିକୁ ପ୍ରହସନରେ ପରିଣତ କରାଯାଉଛି। ଗ୍ରାମସଭାକୁ ଲୋକଙ୍କୁ ଆସିବାକୁ ଦିଆଯାଉନାହିଁ, ପୋଲିସ ଲଗେଇ ସେମାନଙ୍କୁ ଘରେ ତାଲା ପକେଇ ରଖାଯାଉଛି କିମ୍ବା ଗାଁରୁ ଜୋର୍ ଜବରଦସ୍ତ ବାହାର କରିଦିଆ ଯାଉଚି। ବାହାର ଲୋକଙ୍କୁ ନେଇ ଜାଲ ଦସ୍ତଖତରେ ଗ୍ରାମ ସଭା କରାଯାଉଛି।

ଏହିଭଳି ପରିସ୍ଥିତିରେ ତୁରନ୍ତ ସଂପୃକ୍ତ ଅଞ୍ଚଳ ମାନଙ୍କରୁ ପୋଲିସ ପ୍ରତ୍ୟାହାର କରି ସ୍ୱାଭାବିକ ପରିସ୍ଥିତି ଫେରାଇ ଆଣିବା ଓ ଉପଯୁକ୍ତ ତଦନ୍ତ କରି ଆନ୍ଦୋଳନକାରୀ ମାନଙ୍କ ଉପରେ ଅତ୍ୟାଚାର କରିଥିବା ପୋଲିସ ଅଧିକାରୀ ମାନଙ୍କ ବିରୁଦ୍ଧରେ ଆଇନ ଅନୁଯାୟୀ ବିହିତ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବା ଦାବିରେ ସିପିଡିଆରଏସ ଓଡ଼ିଶା ଶାଖା ପକ୍ଷରୁ ପୋଲିସଙ୍କ ଅଫିସ ସମ୍ମୁଖରେ ବିକ୍ଷୋଭ ପ୍ରଦର୍ଶନ କରାଯାଇଛି ଏବଂ ଦାବିପତ୍ର ପ୍ରଦାନ କରାଯାଇଛି। ଚିତ୍ତରଞ୍ଜନ ମହାନ୍ତି, ସତ୍ୟ ରାୟ, ପ୍ରତାପ ଦାସ, ବିଶ୍ୱାବସୁ ଦାସ, ଆଇନଜୀବୀ ସୁକାନ୍ତ ନାୟକ, ବିଜୟ ରାଉତରାୟ, ପ୍ରତାପ ଚନ୍ଦ୍ର ମିଶ୍ର, ଗାନ୍ଧୀବାଦୀ ମିହିର ପ୍ରତାପ ଦାସ, ଅନିମା ରାୟ, ଖଗେଶ୍ୱର ସେଠୀ, ଡଲି ଦାସ, ଅକ୍ଷୟ ରାଉଳ, ବସନ୍ତ ନାୟକ ପ୍ରମୁଖ ବିକ୍ଷୋଭରେ ଅଂଶଗ୍ରହଣ କରିଥିଲେ।

# ହାନିମ୍ୟାନଙ୍କ ଜନ୍ମଜୟନ୍ତୀ ଅବସରରେ ବିଶ୍ୱ ହୋମିଓପାଥି ଦିବସ ପାଳିତ

**ଢେଙ୍କାନାଳ, ନ୍ୟୁଜ୍‌ବ୍ୟୁରୋ**

ବିଶ୍ୱ ହୋମିଓପାଥି ଦିବସ-୨୦୨୬ ପାଳନ ଅବସରରେ ଓଡ଼ିଶା ଆୟୁଷ୍ ନିର୍ଦ୍ଦେଶାଳୟ, ଭୁବନେଶ୍ୱରଙ୍କ ନିର୍ଦ୍ଦେଶନାମା ଅନୁସାରେ ଢେଙ୍କାନାଳ ଜିଲ୍ଲା ହୋମିଓପାଥିକ ଚିକିତ୍ସା ଅଧିକାରୀଙ୍କ କାର୍ଯ୍ୟାଳୟ, ମହିଷାପାଟ ଜିଲ୍ଲା ହୋମିଓପାଥିକ ଚିକିତ୍ସା ଅଧିକାରୀ ଡା. ମାନସ ରଞ୍ଜନ ଦାସ, ସହଯୋଗୀ ଡା. ତ୍ରିପ୍ତିମୟୀ ସାହୁ, ହୋମିଓପାଥି ସହକାରୀ ସୁଶ୍ରୀ ମୌସୁମୀ ପଙ୍ଗାରୀ, ସୁବ୍ରତ ସାହୁ ଓ ବରିଷ୍ଠ ସ୍ୱେଚ୍ଛାସେବୀ ବାଇଓ କେମିକ୍ ହୋମିଓପାଥିକ୍ ମେଡ଼ିସିନର ରେଜିଷ୍ଟର୍ଡ ମେଡିକାଲ୍ ପ୍ରାକ୍ ଟିସନ୍ ଅର୍ ଡା.ଦେବୀ ପ୍ରସାଦ ମିଶ୍ର ପ୍ରମୁଖଙ୍କ ମିଳିତ ପ୍ରଚେଷ୍ଟାରେ ଢେଙ୍କାନାଳ ଜିଲ୍ଲାର ୧୯ ଗୋଟି ଓ ଅନୁଗୋଳ ଜିଲ୍ଲାର ୧୯ ଗୋଟି ଏପରି ଦୁଇଟି ଜିଲ୍ଲାର ଅନେକଗୁଡ଼ିଏ ସବ୍ ଡିଭିଜନ ଅନ୍ତର୍ଗତ ବ୍ଲକ୍, ଗ୍ରାମ ପଞ୍ଚାୟତରେ ଥିବା ମୋଟ ୩୮ ଗୋଟି ଆଞ୍ଚଳିକ ସରକାରୀ ହୋମିଓପାଥି ଚିକିତ୍ସାଳୟରେ ପ୍ରାୟ ୩୮ ଜଣ ହୋମିଓପାଥି ଚିକିତ୍ସା ଅଧିକାରୀ, ୦୨ ଜଣ ଲିଭ୍ ରିଜର୍ଭ ହୋମିଓପାଥି ଚିକିତ୍ସା ଅଧିକାରୀ, ୩୯ ଜଣ ହୋମିଓପାଥି ସହକାରୀ, ପ୍ରାୟ ୧୫୦୦ ଜଣ ମହିଳା, ପୁରୁଷ ଓ ଶିଶୁମାନଙ୍କ ଗହଣରେ ହୋମିଓପାଥି ଚିକିତ୍ସା ବିଜ୍ଞାନର ଜନକ ଡା. ସାମୁଏଲ ଫେଡ୍ ରିକ୍ ହାନିମନଙ୍କ ୨୭୧ତମ ଜନ୍ମଜୟନ୍ତୀ ପାଳନ ଅବସରରେ ବିଶ୍ୱ ହୋମିଓପାଥି ଦିବସ -୨୦୨୬ ମହା ସମାରୋହରେ ପାଳିତ ହୋଇଯାଇଛି।



ଭୁବନେଶ୍ୱର, ୧୧ ଅପ୍ରେଲ, ଶନିବାର, ୨୦୨୬

RNI Regd. No. : 52640/94
Postal Regd. No. : BN/60/25-27

# ଅଦାଲତଙ୍କ ଆଦେଶ ପାଳନରେ ଅବହେଳା : ରାଜ୍ୟ ସରକାରଙ୍କୁ ୨୫ ହଜାର ଜରିମାନା

କଟକ,୧୦।୪
ନ୍ୟୁଜ୍‌ବ୍ୟୁରୋ



ହାଇକୋର୍ଟଙ୍କ ଆଦେଶ ସତ୍ତ୍ୱେ ଜଣେ କର୍ମଚାରୀଙ୍କୁ ନିୟମିତ କରିବାକୁ ପଦକ୍ଷେପ ନିଆଯାଇ ନ ଥିବାରୁ ଅଦାଲତ କ୍ଷୁବ୍ଧ ହେବା ସହ ରାଜ୍ୟ ସରକାରଙ୍କ ଉପରେ ୨୫ ହଜାର ଟଙ୍କା ଜରିମାନା କରିଛନ୍ତି। ଏହି ଅର୍ଥ ଆବେଦନକାରୀଙ୍କୁ ପ୍ରଦାନ କରାଯିବ। ଏଥିସହ ଆବେଦନକାରୀଙ୍କୁ ୮ ସପ୍ତାହ ମଧ୍ୟରେ ନିୟମିତ କରିବା ପାଇଁ ଅଦାଲତ ନିର୍ଦ୍ଦେଶ ଦେଇଛନ୍ତି। ଯଦି ଧାର୍ଯ୍ୟ ସମୟରେ ଆବେଦନକାରୀଙ୍କୁ ନିୟମିତ କରାନଯାଏ ତା'ହେଲେ ପ୍ରତିଦିନ ଶହେ ଟଙ୍କା ଲେଖାଏଁ ମାସକ ପାଇଁ ଦେବାକୁ ପଡ଼ିବ। ଏହା ପରଠାରୁ ଦିନକୁ ୨ଶହ ଟଙ୍କା ଲେଖାଏଁ ଦେବାକୁ ପଡ଼ିବ ବୋଲି ଅଦାଲତ ସ୍ପଷ୍ଟ କରିଛନ୍ତି। କୈଳାସ ଚନ୍ଦ୍ର ପାଳଙ୍କ ପକ୍ଷରୁ ରୁଜୁ ମାମଲାର ଶୁଣାଣି କରି ଜଷ୍ଟିସ୍ କେ.ଏସ୍. ଦୀକ୍ଷିତ ଏବଂ ଜଷ୍ଟିସ୍ ଚିତ୍ତରଞ୍ଜନ ଦାଶଙ୍କ ଖଣ୍ଡପୀଠ ଏହି ଆଦେଶ ଦେଇଛନ୍ତି। ଏକ ପ୍ରାଥମିକ ସ୍ୱାସ୍ଥ୍ୟ କେନ୍ଦ୍ରରେ ଆବେଦନକାରୀ ଚତୁର୍ଥ ଶ୍ରେଣୀ କର୍ମଚାରୀ ଭାବେ ୧୯୯୬ରେ ନିଯୁକ୍ତି ପାଇଥିଲେ। ସେ ଦୈନିକ ମଜୁରିରେ ଏହି ଚାକିରି କରିଥିଲେ। ଆବେଦନକାରୀଙ୍କ ସହ ଅନ୍ୟ ଦୁଇଜଣ ମଧ୍ୟ ଚତୁର୍ଥ ଶ୍ରେଣୀ ପଦରେ ଚାକିରି କରିଥିଲେ। ଆବେଦନକାରୀ ନିୟମିତ ପାଇଁ ୧୯୯୯ ମସିହାରେ ସ୍ୟାଟ୍‌ରେ ଆବେଦନ କରିଥିଲେ। ଆବେଦନର ଶୁଣାଣି କରି ସ୍ୟାଟ୍ ୨୦୦୦ରେ ତାଙ୍କ ଆବେଦନପତ୍ର ଉପରେ ବିଚାର କରିବାକୁ ସରକାରଙ୍କୁ ନିର୍ଦ୍ଦେଶ ଦେଇଥିଲେ; କିନ୍ତୁ ଆବେଦନକାରୀଙ୍କ ସ୍ମାରକପତ୍ରକୁ ୨୦୦୫ ମସିହାରେ ସରକାରଙ୍କ ପକ୍ଷରୁ ଖାରଜ କରି ଦିଆଯାଇଥିଲା। ଆବେଦନକାରୀ ପୁଣି ସ୍ୟାଟ୍‌ଙ୍କ ଦ୍ୱାରସ୍ଥ ହୋଇଥିଲେ। ସେହିବର୍ଷ ସ୍ୟାଟ୍ ମାମଲାର ସମାଧାନ କରି ଆବେଦନକାରୀଙ୍କ ଦୁଇ କନିଷ୍ଠ ସହଯୋଗୀ ନିୟମିତ ହୋଇସାରିଥିବାରୁ ତାଙ୍କୁ ନିୟମିତ କରିବା ଲାଗି ପଦକ୍ଷେପ ନେବାକୁ ନିର୍ଦ୍ଦେଶ ଦେଇଥିଲେ। ଏହି ଆଦେଶ ବିରୋଧରେ ରାଜ୍ୟ ସରକାର ୨୦୦୭ରେ ହାଇକୋର୍ଟଙ୍କ ଦ୍ୱାରସ୍ଥ ହୋଇଥିଲେ। ହାଇକୋର୍ଟ ୨୦୦୯ରେ ରାଜ୍ୟ ସରକାରଙ୍କ ଅପିଲ୍ ଖାରଜ କରି ଆବେଦନକାରୀଙ୍କୁ ନିୟମିତ ପାଇଁ ନିର୍ଦ୍ଦେଶ ଦେଇଥିଲେ। ହାଇକୋର୍ଟଙ୍କ ଏହି ଆଦେଶ ସତ୍ତ୍ୱେ ରାଜ୍ୟ ସରକାର ଆବେଦନକାରୀଙ୍କୁ ନିୟମିତ ନ କରିବାରୁ ପୁଣି ଆବେଦନକାରୀ ହାଇକୋର୍ଟଙ୍କ ଦ୍ୱାରସ୍ଥ ହୋଇଥିଲେ।




ଭୁବନେଶ୍ୱର : ରାଜଭବନରେ ରାଜ୍ୟପାଳ ଡ. ହରିବାବୁ କମ୍ଭମପାଟିଙ୍କୁ ସୌଜନ୍ୟମୂଳକ ସାକ୍ଷାତ କରୁଛନ୍ତି ରାଷ୍ଟ୍ରୀୟ ପତ୍ରାକାର ମହାସଂଘର ଜାତୀୟ ସଭାପତି ଡ. ପବିତ୍ର ମୋହନ ସାମନ୍ତରାୟ ଏବଂ ଭାରତର ପ୍ରଥମ ହିନ୍ଦୀ କ୍ରିକେଟ କମେଣ୍ଟର ତଥା ନୂଆଦିଲ୍ଲୀର ପ୍ରଖ୍ୟାତ ଶିକ୍ଷାବିତ୍ ପ୍ରଫେସର ରବି ଚତୁର୍ବେଦୀ। (ଫଟୋ : ସମ୍ବାଦ କଳିକା)

# ଜଳ ସମ୍ପଦ ବିଭାଗ ପ୍ରମୁଖ ଶାସନ ସଚିବଙ୍କୁ ବ୍ୟକ୍ତିଗତ ହାଜର ନିର୍ଦ୍ଦେଶ

କଟକ,୧୦।୪:ନ୍ୟୁଜ୍‌ବ୍ୟୁରୋ

ଅଦାଲତଙ୍କ ନିର୍ଦ୍ଦେଶ ପାଳନରେ ଅବହେଳା ଏବଂ ଭ୍ରମାତ୍ମକ ତଥ୍ୟ ପ୍ରଦାନ କରିବା ଅଭିଯୋଗରେ ହାଇକୋର୍ଟ ଜଳ ସମ୍ପଦ ବିଭାଗ ପ୍ରମୁଖ ଶାସନ ସଚିବଙ୍କୁ ଅଦାଲତରେ ବ୍ୟକ୍ତିଗତ ହାଜର ହେବାକୁ ନିର୍ଦ୍ଦେଶ ଦେଇଛନ୍ତି। ପେନ୍‌ସନ ସମ୍ପର୍କିତ ଏକାଧିକ ଅଦାଲତ ଅବମାନନା ମାମଲାର ଶୁଣାଣି କରି ଜଷ୍ଟିସ୍ ବି.ପି. ରାଉତରାୟ ଏବଂ ଜଷ୍ଟିସ୍ ଏସ.କେ. ମିଶ୍ରଙ୍କ ଖଣ୍ଡପୀଠ ଏହି ଆଦେଶ ଦେଇଛନ୍ତି। ଶଶିଭୂଷଣ ପ୍ରଧାନ ଏବଂ ଅନ୍ୟ କେତେଜଣ ପେନ୍‌ସନ ସୁବିଧା ପାଇବା ପାଇଁ ହାଇକୋର୍ଟଙ୍କ ଦ୍ୱାରସ୍ଥ ହୋଇଥିଲେ। ପୂର୍ବରୁ ଅଦାଲତ ପେନ୍‌ସନ ପ୍ରଦାନ କରିବାକୁ ସରକାରଙ୍କୁ ନିର୍ଦ୍ଦେଶ ଦେଇଥିଲେ। ନିର୍ଦ୍ଦେଶ ପାଳନ ନ ହେବାରୁ ଅଦାଲତ ଅବମାନନା ମାମଲା ଦାୟର କରାଯାଇଥିଲା। ଶୁଣାଣି ସମୟରେ ବିଭାଗ ପକ୍ଷରୁ ଦାଖଲ ସତ୍ୟପାଠରେ କୁହାଯାଇଥିଲା ଯେ, ଅଦାଲତଙ୍କ ନିର୍ଦ୍ଦେଶ ଅନୁଯାୟୀ ସମସ୍ତ କାର୍ଯ୍ୟ ଶେଷ ହୋଇଛି। କିନ୍ତୁ ଆବେଦନକାରୀଙ୍କ ପକ୍ଷରୁ ଦର୍ଶାଯାଇଥିଲା ଯେ, ସେମାନେ ସୁବିଧା ପାଇନାହାନ୍ତି। ସରକାରୀ ଓକିଲ ମଧ୍ୟ ସ୍ୱୀକାର କରିଥିଲେ ଯେ ଅଦାଲତଙ୍କ ନିର୍ଦ୍ଦେଶ ସମ୍ପୂର୍ଣ୍ଣ ଭାବେ ପାଳନ ହୋଇନାହିଁ। ଫଳରେ ଖଣ୍ଡପୀଠ କ୍ଷୁବ୍ଧ ହୋଇଥିଲେ। ଖଣ୍ଡପୀଠ ବିଭାଗ ପକ୍ଷରୁ ଦିଆଯାଇଥିବା ସୂଚନାକୁ 'ଭ୍ରମାତ୍ମକ' ବୋଲି କହିଛନ୍ତି। ଏହି କାରଣରୁ ପ୍ରମୁଖ ଶାସନ ସଚିବଙ୍କୁ ମେ' ୧୪ରେ ଅଦାଲତରେ ବ୍ୟକ୍ତିଗତ ହାଜର ହେବାକୁ ନିର୍ଦ୍ଦେଶ ଦିଆଯାଇଛି।

# ଇସ୍ତଫା ଦେଲେ ବିଚାରପତି ଜଷ୍ଟିସ୍ ଯଶୱନ୍ତ ବର୍ମା

ନୂଆଦିଲ୍ଲୀ, ୧୦।୪

ଇସ୍ତଫା ଦେଲେ ବିବାଦୀୟ ବିଚାରପତି ଜଷ୍ଟିସ୍ ଯଶୱନ୍ତ ବର୍ମା। ଆହ୍ଲାବାଦ ହାଇକୋର୍ଟ ବିଚାରପତି ଜଷ୍ଟିସ୍ ଯଶୱନ୍ତ ବର୍ମା ଶୁକ୍ରବାର ନିଜର ଇସ୍ତଫା ପତ୍ର ରାଷ୍ଟ୍ରପତି ଦ୍ରୌପଦୀ ମୁର୍ମୁଙ୍କୁ ଦେଇଛନ୍ତି। ବାସଭବନରୁ ବିପୁଳ ଟଙ୍କା ମିଳିବା ପରେ ସେ ବିବାଦରେ ପଡ଼ିଥିଲେ। ପରେ ତାଙ୍କୁ ଦିଲ୍ଲୀ ହାଇକୋର୍ଟରୁ ଆହ୍ଲାବାଦ ସ୍ଥାନାନ୍ତର କରାଯାଇଥିଲା। ଗତ ୫ ତାରିଖରେ ଶପଥ ନେଇଥିଲେ ଜଷ୍ଟିସ୍। ବର୍ତ୍ତମାନ ଆଭ୍ୟନ୍ତରୀଣ ତଦନ୍ତର ସେ ସମ୍ମୁଖୀନ ହେଉଛନ୍ତି ବୋଲି ସୂଚନା ମିଳିଛି।

# ଦେଶର ବୈଦେଶିକ ମୁଦ୍ରା ଭଣ୍ଡାର ୬୯୭.୧୨ ବିଲିୟନକୁ ବୃଦ୍ଧି

ନୂଆଦିଲ୍ଲୀ/ମୁମ୍ବାଇ, ୧୦।୪




ପଶ୍ଚିମ ଏସୀୟ ସଙ୍କଟ ମଧ୍ୟରେ ଆର୍ଥିକ କ୍ଷେତ୍ରରେ ଏକ ଭଲ ଖବର ଆସିଛି। ଦେଶର ବିଦେଶୀ ମୁଦ୍ରା ଭଣ୍ଡାର ୩ ଏପ୍ରିଲରେ ଶେଷ ହୋଇଥିବା ସପ୍ତାହରେ ୯.୦୬ ବିଲିୟନ ଡଲାର ବୃଦ୍ଧି ପାଇ ୬୯୭.୧୨ ବିଲିୟନ ଡଲାର ହୋଇଛି।

ଭାରତୀୟ ରିଜର୍ଭ ବ୍ୟାଙ୍କ୍ ଶୁକ୍ରବାର ଦିନ ତଥ୍ୟ ଜାରି କରି କହିଛି ଯେ ଦେଶର ବିଦେଶୀ ମୁଦ୍ରା ଭଣ୍ଡାର ୩ ଏପ୍ରିଲରେ ଶେଷ ହୋଇଥିବା ସପ୍ତାହରେ ୯.୦୬ ବିଲିୟନ ଡଲାର ବୃଦ୍ଧି ପାଇ ୬୯୭.୧୨ ବିଲିୟନ ଡଲାର ହୋଇଛି। ଏକ ସପ୍ତାହ ପୂର୍ବରୁ, ୨୭ ମାର୍ଚ୍ଚରେ ଶେଷ ହୋଇଥିବା ସମୟ ମଧ୍ୟରେ ଦେଶର ବିଦେଶୀ ମୁଦ୍ରା ଭଣ୍ଡାର ୧୦.୨୮ ବିଲିୟନ ଡଲାର ହ୍ରାସ ପାଇ ୬୮୮.୦୬ ବିଲିୟନ ଡଲାର ହୋଇଛି।

ଆରବିଆଇ କହିଛି ଯେ ବିଦେଶୀ ମୁଦ୍ରା ଭଣ୍ଡାରର ଏକ ପ୍ରମୁଖ ଅଂଶ, ବିଦେଶୀ ମୁଦ୍ରା ସମ୍ପତ୍ତି ଏହି ସମୟ ମଧ୍ୟରେ ୧.୭୮ ବିଲିୟନ ଡଲାର ବୃଦ୍ଧି ପାଇ ୫୫୨.୮୫ ବିଲିୟନ ଡଲାର ହୋଇଛି। ସୂଚନା ଅନୁଯାୟୀ, ଏହି ସମୟ ମଧ୍ୟରେ ସୁନା ଭଣ୍ଡାର ମଧ୍ୟ ୭.୨୨ ବିଲିୟନ ଡଲାର ବୃଦ୍ଧି ପାଇ ୧୨୦.୭୪ ବିଲିୟନ ଡଲାର ହୋଇଛି।

ଆରବିଆଇ ଅନୁଯାୟୀ, ସ୍ୱତନ୍ତ୍ର ଡ୍ରଇଂ ରାଇଟ୍ସ ମଧ୍ୟ ୫୮ ନିୟୁତ ଡଲାର ବୃଦ୍ଧି ପାଇ ୧୮.୭୦ ବିଲିୟନ ଡଲାର ହୋଇଛି, ଯେତେବେଳେ ଅନ୍ତର୍ଜାତୀୟ ମୁଦ୍ରା ପାଣ୍ଠି ସହିତ ଭାରତର ରିଜର୍ଭ ସ୍ଥିତି ୪.୮୧ ବିଲିୟନ ଡଲାରରେ ଅପରିବର୍ତ୍ତିତ ରହିଛି। ଉଲ୍ଲେଖନୀୟ ଯେ ୨୭ ଫେବୃୟାରୀ, ୨୦୨୬ରେ ଶେଷ ହୋଇଥିବା ସପ୍ତାହରେ ଦେଶର ବୈଦେଶିକ ମୁଦ୍ରା ଭଣ୍ଡାର ସର୍ବକାଳୀନ ସର୍ବାଧିକ ୭୨୮.୪୯ ବିଲିୟନରେ ପହଞ୍ଚିଛି।

# ମେ' ୯ ଯାଏ ଘୁଞ୍ଚିଲା ଓଟିଇଟି ଆବେଦନ

ଭୁବନେଶ୍ୱର,୧୦।୪
ନ୍ୟୁଜ୍‌ବ୍ୟୁରୋ

ଓଡ଼ିଶା ଶିକ୍ଷକ ଯୋଗ୍ୟତା ପରୀକ୍ଷା ଓଡ଼ିଶା ଟିଚର୍ ଇଲିଜିବିଲିଟି ଟେଷ୍ଟ (ଓଟିଇଟି)-୨୦୨୬ ଆବେଦନ ସମୟକୁ ମେ' ମାସ ୯ ତାରିଖ ପର୍ଯ୍ୟନ୍ତ ବୋର୍ଡ ପକ୍ଷରୁ ଘୁଞ୍ଚାଇ ଦିଆଯାଇଛି। ଏହି ପରୀକ୍ଷା ଲାଗି ଆବେଦନର ଶେଷ ସମୟ ଗୁରୁବାର ରାତି ୧୨ଟା ପର୍ଯ୍ୟନ୍ତ ଥିଲା। ଉକ୍ତ ଧାର୍ଯ୍ୟ ସମୟ ସୀମା ମଧ୍ୟରେ ଅନେକ ପ୍ରାର୍ଥୀ ଆବେଦନ କରିପାରି ନଥିବାରୁ ବୋର୍ଡ ପକ୍ଷରୁ ଓଟିଇଟି ଆଶାୟୀଙ୍କୁ ସୁଯୋଗ ଦିଆଯାଇଛି। ଅଦ୍ୟାବଧି ଉକ୍ତ ପରୀକ୍ଷା ପାଇଁ ୭୦ ହଜାରରୁ ଅଧିକ ପ୍ରାର୍ଥୀ ଆବେଦନ କରିଥିବାର ସୂଚନା ମିଳିଛି। ଆବେଦନାକାରୀଙ୍କ ମଧ୍ୟରେ ଅନେକ ଇନ୍‌ସର୍ଭିସ୍ ଶିକ୍ଷକ ଥିବାର ଖବର ମିଳିଛି। ଆବେଦନର ଶେଷ ସମୟ ଆହୁରି ମାସେ ବଢ଼ାଇ ଦିଆଯାଇଥିବାରୁ ଲମ୍ବା ସମୟ ମଧ୍ୟରେ ଅନେକ ପ୍ରାର୍ଥୀ ଆବେଦନ କରିବାକୁ ସୁଯୋଗ ପାଇବେ। ଫଳରେ ଆବେଦନକାରୀଙ୍କ ସଂଖ୍ୟା ଏକ ଲକ୍ଷ ପାର କରିବ ବୋଲି ଚର୍ଚ୍ଚା ହେଉଛି।

# ବିଜୁ ବାବୁଙ୍କ ୨୯ତମ ତିରୋଧାନ ଦିବସ ରାଜ୍ୟବ୍ୟାପୀ ପାଳିତ ହେବ : ବିଜେଡି

ଭୁବନେଶ୍ୱର,୧୦।୪
ନ୍ୟୁଜ୍‌ବ୍ୟୁରୋ

ପ୍ରବାଦ ପୁରୁଷ ବିଜୁ ପଟ୍ଟନାୟକଙ୍କ ୨୯ତମ ତିରୋଧାନ ଦିବସ ପ୍ରତିବର୍ଷ ପରି ବିଜୁ ଜନତା ଦଳ ତରଫରୁ ରାଜ୍ୟର ସମସ୍ତ ନିର୍ବାଚନମଣ୍ଡଳୀରେ ପାଳିତ ହେବ ବୋଲି ଦଳ ତରଫରୁ ସୂଚନା ଦିଆଯାଇଛି।

ଶଙ୍ଖ ଭବନରେ ଶୁକ୍ରବାର ଆୟୋଜିତ ସାମ୍ବାଦିକ ସମ୍ମିଳନୀରେ ଦଳର ବରିଷ୍ଠ ଉପସଭାପତି ଦେବୀ ପ୍ରସାଦ ମିଶ୍ର, ଦଳର ଭୁବନେଶ୍ୱର ଜିଲ୍ଲା ସଭାପତି ଅଶୋକ ଚନ୍ଦ୍ର ପଣ୍ଡା, ବିଜୁ ମହିଳା ଜନତା ଦଳର ସଭାନେତ୍ରୀ ସ୍ନେହାଙ୍ଗିନୀ ଛୁରିଆ, ରାଜ୍ୟସଭା ସଦସ୍ୟ ସୁଲତା ଦେଓ, ଯୁବ ସଭାପତି ଚିନ୍ମୟ ସାହୁ ଓ ଛାତ୍ର ସଭାନେତ୍ରୀ ଇପ୍ସିତା ସାହୁ ପ୍ରବାଦ ପୁରୁଷ ବିଜୁ ବାବୁଙ୍କ ତିରୋଧାନ ଦିବସ ଅବସରରେ ଦଳ ତରଫରୁ ହେବାକୁ ଥିବା କାର୍ଯ୍ୟକ୍ରମ ବିଷୟରେ ସୂଚନା ଦେଇଥିଲେ।

ଶ୍ରୀ ମିଶ୍ର କହିଥିଲେ, ରାଜ୍ୟର ସମସ୍ତ ନିର୍ବାଚନମଣ୍ଡଳୀରେ ଏହି ପ୍ରବାଦ ପୁରୁଷ ଦିବସ କାର୍ଯ୍ୟକ୍ରମ କରିବାକୁ ଦଳ ତରଫରୁ ସ୍ଥାନୀୟ ନେତୃତ୍ୱଙ୍କୁ ନିର୍ଦ୍ଦେଶ ଦିଆଯାଇଛି। କାର୍ଯ୍ୟକ୍ରମର ରୂପରେଖ କ୍ଷେତ୍ରୀୟ ସ୍ତରରେ ନିଷ୍ପତ୍ତି ନେବାକୁ କୁହାଯାଇ ଥିବା ବେଳେ ତିଳ ତର୍ପଣ, ପ୍ରତିମୂର୍ତ୍ତିରେ ମାଲ୍ୟାର୍ପଣ, ଅସହାୟ ବା ରୋଗୀଙ୍କୁ ଫଳ ବଣ୍ଟନ, ରକ୍ତଦାନ ଶିବିର ଇତ୍ୟାଦି ଆୟୋଜନ କରାଯିବାର କାର୍ଯ୍ୟକ୍ରମ ରହିଛି। ଏହାଛଡ଼ା, ସ୍ୱାଧୀନତା ସଂଗ୍ରାମ ତଥା ଆଧୁନିକ ଓଡ଼ିଶା ନିର୍ମାଣରେ ବିଜୁ ବାବୁଙ୍କ ଭୂମିକା ଶୀର୍ଷକରେ ଏକ ବୌଦ୍ଧିକ ଆଲୋଚନାଚକ୍ର ଆୟୋଜନ କରିବା ପାଇଁ ନିର୍ଦ୍ଦେଶ ଦିଆଯାଇଛି। ଏହି କାର୍ଯ୍ୟକ୍ରମରେ ଦଳର ଛାମୁଆ ସଂଗଠନର ନେତୃବୃନ୍ଦମାନେ ସହଯୋଗ କରିବେ। ପ୍ରବାଦ ପୁରୁଷ ବିଜୁ ବାବୁଙ୍କ ଅବଦାନକୁ ସ୍ମରଣ କରିବା ସହିତ ତାଙ୍କ ତିରୋଧାନ ଦିବସରେ ତାଙ୍କର ଅମର ଆତ୍ମା ପ୍ରତି ଗଭୀର ଶ୍ରଦ୍ଧାଞ୍ଜଳି ଅର୍ପଣ କରାଯିବ।

ବିଜେଡି ମୁଖ୍ୟାଳୟ ଶଙ୍ଖ ଭବନରେ ମଧ୍ୟ ଭୁବନେଶ୍ୱର ଜିଲ୍ଲା ବିଜେଡି ତରଫରୁ ପ୍ରତିବର୍ଷ ପରି ଏହି କାର୍ଯ୍ୟକ୍ରମ ଆୟୋଜିତ ହେବ। ସକାଳେ ବିନ୍ଦୁ ସାଗର ଠାରେ ତିଳ ତର୍ପଣ କାର୍ଯ୍ୟକ୍ରମ ହେବ। ବିଜୁ ବାବୁଙ୍କ ପ୍ରତିମୂର୍ତ୍ତିରେ ମାଲ୍ୟାର୍ପଣ ପରେ ରୋଗୀ ମାନଙ୍କୁ ଫଳ ବଣ୍ଟନ କାର୍ଯ୍ୟକ୍ରମ ହେବ। ଶଙ୍ଖ ଭବନ୍ ଠାରେ ଆଲୋଚନା କାର୍ଯ୍ୟକ୍ରମ ଆୟୋଜିତ ହେବ ବୋଲି ଭୁବନେଶ୍ୱର ଜିଲ୍ଲା ସଭାପତି ତଥା ପୂର୍ବତନ ମନ୍ତ୍ରୀ ଅଶୋକ ପଣ୍ଡା ସୂଚନା ଦେଇଥିଲେ।

# ବଡ଼ ଭାଇଙ୍କୁ ଭେଟିବାକୁ ଦିଲ୍ଲୀ ଗଲେ ନବୀନ

ଭୁବନେଶ୍ୱର,୧୦।୪:ନ୍ୟୁଜ୍‌ବ୍ୟୁରୋ

ଦିଲ୍ଲୀ ଗଲେ ପୂର୍ବତନ ମୁଖ୍ୟମନ୍ତ୍ରୀ ତଥା ବିରୋଧୀ ଦଳ ନେତା ନବୀନ ପଟ୍ଟନାୟକ। ନବୀନଙ୍କ ବଡ଼ ଭାଇ ପ୍ରେମ ପଟ୍ଟନାୟକଙ୍କର ମଙ୍ଗଳବାର ହୃଦ (ହାର୍ଟ) ଅସ୍ତ୍ରୋପଚାର ହୋଇଥିଲା। ବଡ଼ଭାଇ ପ୍ରେମଙ୍କ ସ୍ୱାସ୍ଥ୍ୟାବସ୍ଥା ବୁଝିବା ସହ ତାଙ୍କୁ ଭେଟିବା ପାଇଁ ନବୀନ ଦିଲ୍ଲୀ ଯାଇଛନ୍ତି। ଏ ସମ୍ପର୍କରେ ପ୍ରତିକ୍ରିୟା ରଖିଛନ୍ତି ବରିଷ୍ଠ ବିଜେଡି ନେତା ଦେବୀ ପ୍ରସାଦ ମିଶ୍ର। ସେ କହିଛନ୍ତି, ନବୀନ ପଟ୍ଟନାୟକ ବଡ଼ ଭାଇ ପ୍ରେମ ପଟ୍ଟନାୟକ ଅସୁସ୍ଥ ହୋଇ ହସ୍ପିଟାଲରେ ଭର୍ତ୍ତି ହୋଇଛନ୍ତି। ତାଙ୍କୁ ଭେଟିବା ପାଇଁ ଦିଲ୍ଲୀ ଯାଇଛନ୍ତି ନବୀନ ବାବୁ।

# ବାଲ୍ୟ ବିବାହ ନିଷେଧ ଆଇନ-୨୦୦୬ କଡ଼ାକଡ଼ି ପାଳନ ନେଇ ନିର୍ଦ୍ଦେଶ

ଭୁବନେଶ୍ୱର,୧୦।୪
ନ୍ୟୁଜ୍‌ବ୍ୟୁରୋ

ବାଲ୍ୟ ବିବାହ ନିଷେଧ ଆଇନ, ୨୦୦୬ କଡ଼ାକଡ଼ି ପାଳନ ନେଇ ନିର୍ଦ୍ଦେଶ ଦିଆଯାଇଛି। ଜିଲ୍ଲାପାଳମାନଙ୍କୁ 'ବାଲ୍ୟ ବିବାହ ନିଷେଧ ଅଧିକାରୀ' ଭାବେ ଦାୟିତ୍ୱ ଦିଆଯାଇଛି। ଗ୍ରାମ, ପଞ୍ଚାୟତ, ବ୍ଲକ ଏବଂ ଜିଲ୍ଲା ସ୍ତରରେ ବ୍ୟାପକ ସଚେତନତା କାର୍ଯ୍ୟକ୍ରମ କରିବାକୁ ନିର୍ଦ୍ଦେଶ ଦିଆଯାଇଛି। ଶିଶୁ ବିକାଶ ପ୍ରକଳ୍ପ ଅଧିକାରୀ, ଅଙ୍ଗନୱାଡି କର୍ମୀ, ପୁଲିସ ଏବଂ ଧର୍ମଗୁରୁମାନଙ୍କ ସହ ସ୍ୱତନ୍ତ୍ର ବୈଠକ ବିବାହ କାର୍ଯ୍ୟରେ ଜଡ଼ିତ ସେବା ଟେଣ୍ଟ ମାଲିକ, କ୍ୟାଟରିଂ ଏବଂ ପ୍ରିଣ୍ଟିଂ ପ୍ରେସ୍ ମାଲିକଙ୍କୁ ମଧ୍ୟ କରାଯିବ ସଚେତନ ବାଲ୍ୟ ବିବାହକୁ ପ୍ରୋତ୍ସାହନ ନ କରିବାକୁ ଦିଆଯିବ ପରାମର୍ଶ। ସ୍କୁଲ ଛାଡ଼ିଥିବା ପିଲାଙ୍କ ତାଲିକା ପ୍ରସ୍ତୁତ କରିବାକୁ ଜିଲ୍ଲା ଶିକ୍ଷା ଅଧିକାରୀଙ୍କୁ ନିର୍ଦ୍ଦେଶ ଦିଆଯାଇଛି। ଏହି ପିଲାମାନେ ବାଲ୍ୟ ବିବାହର ଶିକାର ହେବାର ସମ୍ଭାବନା ଅଧିକ ସେମାନଙ୍କ ପରିବାରକୁ କାଉନସେଲିଂ କରିବାକୁ ଚିଠିରେ ଉଲ୍ଲେଖ ରହିଛି।

ଅକ୍ଷୟ ତୃତୀୟାରୁ ବାଲ୍ୟ ବିବାହକୁ ସମ୍ପୂର୍ଣ୍ଣ ରୂପେ ରୋକିବା ପାଇଁ ନିୟମ କଡ଼ାକଡ଼ି ପାଳନ କରିବାକୁ ମୁଖ୍ୟ ଶାସନ ସଚିବଙ୍କୁ ଚିଠି ଲେଖିଛନ୍ତି ଜାତୀୟ ଶିଶୁ ସୁରକ୍ଷା ଆୟୋଗ।

ଆସନ୍ତା ଏପ୍ରିଲ ୧୯ରେ ପଡୁଥିବା ପବିତ୍ର ଅକ୍ଷୟ ତୃତୀୟା ଅବସରରେ ରାଜ୍ୟରେ ବାଲ୍ୟ ବିବାହକୁ ସମ୍ପୂର୍ଣ୍ଣ ରୂପେ ରୋକିବା ପାଇଁ ଜାତୀୟ ଶିଶୁ ଅଧିକାର ସୁରକ୍ଷା ଆୟୋଗ ଏକ ବ୍ୟାପକ କାର୍ଯ୍ୟପନ୍ଥା ପ୍ରସ୍ତୁତ କରିଛନ୍ତି। ଏ ନେଇ ଏନସିପିସିଆରର ସଦସ୍ୟ ସଚିବ ଡକ୍ଟର ସଞ୍ଜୀବ ଶର୍ମା ଓଡ଼ିଶା ସରକାରଙ୍କ ମୁଖ୍ୟ ଶାସନ ସଚିବଙ୍କୁ ଏକ ପତ୍ର ଲେଖି ଜରୁରୀ ପଦକ୍ଷେପ ନେବାକୁ ନିର୍ଦ୍ଦେଶ ଦେଇଛନ୍ତି।

# ଲଜ୍‌ରେ ଚାଲିଥିଲା ସେକ୍ସ ରାକେଟ୍ : ୪ ଯୁବତୀ ଉଦ୍ଧାର, ୫ ଯୁବକ ଅଟକ

ଅନୁଗୁଳ,୧୦।୪
ନ୍ୟୁଜ୍‌ବ୍ୟୁରୋ

ଅନୁଗୁଳ ସହର ଉପକଣ୍ଠ ତୁରଙ୍ଗ ଦୁର୍ଗାବିହାରର ଏକ ଲଜ୍‌ରେ ସେକ୍ସ ରାକେଟ୍ ଚାଲିଥିବା ସୂଚନା ପାଇ ଗୁରୁବାର ରାତିରେ ପୁଲିସ ଅତର୍କିତ ଚଢ଼ଉ କରିଛି। ଲଜରୁ ୪ ଜଣ ଯୁବତୀଙ୍କୁ ଉଦ୍ଧାର କରାଯାଇଥିବା ବେଳେ ଲଜ୍ ପରିଚାଳକ ସମେତ ୫ ଜଣ ଯୁବକଙ୍କୁ ପୁଲିସ ଥାନାକୁ ଆଣି ପଚରାଉଚରା କରିଛି। ଲଜ୍‌ରୁ ଅନେକ ଆପତ୍ତିଜନକ ସାମଗ୍ରୀ ପୁଲିସ ଜବତ କରିଛି। ଯୁବତୀଙ୍କ ସହ ଯୁବକମାନଙ୍କୁ ପୁଲିସ ଥାନାକୁ ଆଣି ଜେରା ଚଳାଇଛି।

ସୂଚନା ଅନୁଯାୟୀ, ଏହି ଲଜ୍‌କୁ ଢେଙ୍କାନାଳ ସିମିନଇ ଅଞ୍ଚଳର ଜଣେ ଯୁବକ ଭଡ଼ାସୂତ୍ରରେ ନେଇ ପରିଚାଳନା କରୁଛନ୍ତି। ସେ ଯୁବତୀମାନଙ୍କୁ ଲଜ୍‌କୁ ଡକାଇ ସେକ୍ସ ରାକେଟ୍ ଚଳାଉଥିବା ବିଶ୍ୱସ୍ତ ସୂତ୍ରରୁ ସୂଚନା ପାଇ ଟାଉନ୍ ଥାନା ଅଧିକାରୀ ପ୍ରକାଶ ଚନ୍ଦ୍ର ମାଝୀ ଓ ସ୍ପେଶାଲ ସ୍କ୍ୱାଡ୍ ଇନ୍ସପେକ୍ଟର ଅୟସ କାନ୍ତ ଜେନାଙ୍କ ନେତୃତ୍ୱରେ ପୁଲିସ ଟିମ୍ ଅତର୍କିତ ଚଢ଼ଉ କରିଥିଲା। ଲଜ୍ ପରିଚାଳକ ଓ ୪ ଜଣ ଯୁବକଙ୍କୁ ପୁଲିସ ଟିମ୍ କାବୁ କରିଥିବା ବେଳେ ୪ ଯୁବତୀଙ୍କୁ ଉଦ୍ଧାର କରିଥିଲା।

# ମା'-ଝିଅଙ୍କୁ ଦଳିଦେଲା ଦନ୍ତା

ବନ୍ତଲା,୧୦।୪:ନ୍ୟୁଜ୍‌ବ୍ୟୁରୋ

ଦଣ୍ଡନାଚ ଦେଖି ଫେରିବା ବେଳେ ବାଟରେ ଛକି ବସିଥିଲା ମୃତ୍ୟୁ। ଦଳିଦେଲା ଉପାତିଆ ହାତୀ। ଚାଲିଗଲା ମାଆ-ଝିଅଙ୍କ ଜୀବନ। ବନ୍ତଲା ଥାନା ଅନ୍ତର୍ଗତ ଅନୁଗୋଳ ବନଖଣ୍ଡ ମଧୁପୁର ଗ୍ରାମରେ ଏଭଳି ଅଭାବନୀୟ ଘଟଣା ଘଟିଛି। ଘଟଣାସ୍ଥଳରେ ବନ ବିଭାଗ କର୍ମଚାରୀ ପହଞ୍ଚି ତଦନ୍ତ କରିଛି। ସୂଚନାନୁଯାୟୀ, ଏକ ଦମ୍ପତି ଏବଂ ତାଙ୍କ ୩ ବର୍ଷର କୁନି ଝିଅ ବନ୍ତଲା ଥାନା ଅନ୍ତର୍ଗତ ଅନୁଗୋଳ ବନଖଣ୍ଡ ଭୁକିଲାପାଳ ଗାଁରେ ରହି ଏକ ଫାର୍ମ ହାଉସରେ କାମ କରୁଥିଲେ। ଗୁରୁବାର ରାତିରେ କୌଣସି କାମ ପାଇଁ ସେମାନେ ମଧୁପୁର ନୂଆ କୁହ୍ଲସାହିକୁ ଆସିଥିଲେ। ଫେରିବା ବାଟରେ ମଧୁପୁରର ନଳମାଳ ପାଖରେ ସେମାନଙ୍କୁ ହାତୀ ଆକ୍ରମଣ କରିଥିଲା। ଫଳରେ ମହିଳାଙ୍କ ସ୍ୱାମୀ ଜୀବନ ବିକଳରେ ମଧୁପୁର ଗାଁକୁ ଦୌଡ଼ି ପଳାଇଥିଲେ। ଗାଁ ଲୋକଙ୍କୁ ଧରି ଆସିଲା ବେଳକୁ ହାତୀ ମାଆ-ଝିଅଙ୍କୁ ମାରି ସାରିଥିଲା। ପରେ ଗ୍ରାମବାସୀ ବନ ବିଭାଗକୁ ଖବର ଦେଇଥିଲେ। ଘଟଣାସ୍ଥଳରେ ବନ ବିଭାଗ କର୍ମଚାରୀ ପହଞ୍ଚି ତଦନ୍ତ କରିଥିଲେ।

## ଶ୍ରୀମନ୍ଦିର ହୁଣ୍ଡିରୁ ସଂଗ୍ରହ

ତାରିଖ :-୧୦/୦୪/୨୦୨୬
୪,୬୮,୨୪୭/- ଟଙ୍କା
ସୁନା:-ଶୂନ୍ୟ
ରୂପା:-ଶୂନ୍ୟ

ଏବେ ବଜାରରେ ଉପଲବ୍ଧ...
"କଥାକଳିକା"
ଅପ୍ରେଲ ସଂଖ୍ୟା-୨୦୨୬




ଏଥର ସଂଖ୍ୟାରେ...
**ସ୍ମରଣୀୟ କଥା :** ଅକ୍ଷୟ କୁମାର ମିଶ୍ର
**ସମକାଳର କଥା :** ତ୍ରିନାଥ ପଟ୍ଟନାୟକ, ଦାଶରଥି ଭୂୟାଁ, ବାସନ୍ତୀ ମହାନ୍ତି, ରାଧାଶ୍ୟାମ ରାଉଳ, ରୀନାରାଣୀ ରାଉତରାୟ, ବିଦ୍ୟାଧର ଗୁରୁ, କାର୍ତ୍ତିକ ଚନ୍ଦ୍ର ସ୍ୱାଇଁ, ସନ୍ତୋଷୀ ସ୍ୱାଇଁ, ସୁସ୍ମିତା ମହାପାତ୍ର, କନକ ମଞ୍ଜରୀ ମିଶ୍ର, ଅଜୟ କୁମାର ପଟ୍ଟନାୟକ, ଭାଗୀରଥି ବେହେରା, ହଂସନାଥ ମୁଦୁଲି, ବିନୋଦିନୀ ଗନ୍ତାଏତ, କାଳିକିଙ୍କର, ରମେଶ ପଟ୍ଟନାୟକ।
**ଅନ୍ୟ ଭାଷାର କଥା :** ରେନୁ ମଣ୍ଡଳ, ଦେବସ୍ମିତା ବେହେରା।
**ଯୁବ ମାନସର କଥା :** ପ୍ରତାପ କୁମାର ପଣ୍ଡା, ରଶ୍ମି ରଞ୍ଜନ ସାହୁ।

(ଗାଳ୍ପିକମାନଙ୍କୁ ଅନୁରୋଧ ସେମାନଙ୍କର ଗଳ୍ପ ପରିଚ୍ଛନ୍ନ ଭାବେ ଡିଟିପି କରି ସଂପୂର୍ଣ୍ଣ ଠିକଣା ସହ ମେଲ୍‌ରେ ପଠାଇବାକୁ ହେବ)

ଯୋଗାଯୋଗ କରନ୍ତୁ
ପ୍ରସାର ପରିଚାଳକ 'କଥାକଳିକା'
କୋଡ୍ ନଂ - (୦୬୭୪) ୨୫୪୧୪୪୮, ୨୫୪୫୦୪୬,
ଫାକ୍ସ: ୨୫୪୫୬୬୮
E-mail: kathakalika@gmail.com

ପୃଷ୍ଠା-୬୮/ ମୂଲ୍ୟ ୩୦ ଟଙ୍କା ମାତ୍ର 'ସମ୍ବାଦ କଳିକା'ର ସ୍ଥାନୀୟ ପ୍ରତିନିଧି/ ଏଜେଣ୍ଟ/ପତ୍ରିକା ଷ୍ଟଲଙ୍କ ସହ ଯୋଗାଯୋଗ କରନ୍ତୁ। କଥା କଳିକାର ବାର୍ଷିକ ଗ୍ରାହକ ଦେୟ ଟ.୫୦୦/- (୨ଟି ବିଶେଷ ସଂଖ୍ୟା ସହ)

# ବିଜୁବାବୁଙ୍କ ଶ୍ରାଦ୍ଧ ଦିବସରେ ଗଠନ ହେବ ଓଡ଼ିଶା ନାଗରିକ ମଞ୍ଚ

ଭୁବନେଶ୍ୱର,୧୦।୪
ନ୍ୟୁଜ୍‌ବ୍ୟୁରୋ



ଆସନ୍ତା ୧୭ ତାରିଖରେ ବିଜୁବାବୁଙ୍କ ଶ୍ରାଦ୍ଧ ଦିବସ। ସେହିଦିନ ଆମେ କିଛି ଓଡ଼ିଶାକୁ ଭଲ ପାଉଥିବା ବ୍ୟକ୍ତିମାନେ ଓଡ଼ିଶା ନାଗରିକ ମଞ୍ଚ ଗଠନ ପାଇଁ ନିଷ୍ପତ୍ତି ନେଇଛୁ ବୋଲି ସୂଚନା ଦେଇଛନ୍ତି ବରିଷ୍ଠ ନେତା ସୌମ୍ୟ ରଞ୍ଜନ ପଟ୍ଟନାୟକ। ଓଡ଼ିଶାର ସ୍ୱାର୍ଥ ଓ ସ୍ୱାଭିମାନକୁ ସୁରକ୍ଷିତ କରିବା ପାଇଁ ଏହି ମଞ୍ଚ ଗଠନ ହୋଇଛି। ଆଗକୁ ଦେଖନ୍ତୁ କ'ଣ ହେଉଛି। ଆମେ ଚାହୁଁ ଓଡ଼ିଶାର ରାଜନୀତି ସମୃଦ୍ଧ ହେଉ ସୁସ୍ଥ ହେଉ। ଏଭଳି ଏକ ରାଜନୈତିକ ପରିବେଶ ସୃଷ୍ଟି ହେଉ ଯେଉଁଥିରେ ଜଣେ ଓଡ଼ିଆ ନାଗରିକ ଆତ୍ମ ସମ୍ମାନର ସହିତ ମୁଁ ଓଡ଼ିଆ ବୋଲି କହି ଗର୍ବ କରିବ।

ନବୀନଙ୍କୁ କଟାକ୍ଷ କରି ଶ୍ରୀ ପଟ୍ଟନାୟକ କହିଛନ୍ତି ପୁଅମାନେ କ'ଣ କେବଳ ଲିଗାସି ନେବେ ଆଉ କେହି ହୋଇ ପାରିବେ ନାହିଁ। ଆମେ କାହିଁ ବିଜୁ ଲିଗାସିକୁ ଚୋରି କରିବାକୁ ଉଦ୍ୟମ କରିବୁ। ବିଜୁ ଲିଗାସି କାହାର କ'ଣ ଜାଗିଦାରୀ କି? ବିଜୁ ବାବୁଙ୍କୁ ନେଇ ଯେଉଁମାନେ ରାଜନୀତିରେ ବ୍ୟବହାର କରିବାକୁ ଚାହୁଁଛନ୍ତି ସେଥିରୁ ଦୂରେଇ ରୁହନ୍ତୁ। ସେମାନେ ବିଜୁବାବୁଙ୍କ ଭଳି ସୁପୁରୁଷ ହୁଅନ୍ତୁ ବୋଲି ସୌମ୍ୟରଂଜନ କହିଛନ୍ତି।


ସମ୍ପାଦକୀୟ
ପୃଷ୍ଠା-୪
THE UTKAL DEEPIKA
ସାପ୍ତାହିକ ସମ୍ବାଦ ପତ୍ରିକା
ଘନେଇଲା ଭୟଙ୍କର ଜଳ ସଙ୍କଟ
ବିଶ୍ୱର ୨୫% ଭୂତଳ ଜଳ ଭାରତରେ ବ୍ୟବହାର
ପିଲାଙ୍କୁ ବିପଦ ଏବେ ନୂଆ କୋଭିଡ୍ ଭୂତାଣୁ 'ସିକାଡା'

ସଂଗ୍ରହ କରନ୍ତୁ! ସଂଗ୍ରହ କରନ୍ତୁ!

ସାପ୍ତାହିକ ସମ୍ବାଦ ପତ୍ରିକା 'ଉତ୍କଳ ଦୀପିକା' ରାଜ୍ୟର ସମସ୍ତ ଅଞ୍ଚଳରେ ଉପଲବ୍ଧ। ଏହାକୁ ଭଲ ପାଉଥିବା ପାଠକ ପାଠିକାମାନଙ୍କୁ ଅନୁରୋଧ, ନିକଟସ୍ଥ ପୁସ୍ତକ ଭଣ୍ଡାରକୁ ଯାଇ ସଂଗ୍ରହ କରିନିଅନ୍ତୁ।

ସମ୍ପର୍କ : ପ୍ଲଟ୍ ନଂ.-୪୬୪, ଶହୀଦନଗର, ଭୁବନେଶ୍ୱର-୭୫୧୦୦୭
ଜିଲ୍ଲା-ଖୋର୍ଦ୍ଧା, ଓଡ଼ିଶା
ଦୂରଭାଷ : (୦୬୭୪)୨୫୪୧୪୪୮, ୨୫୪୫୬୬୮
Email : utkaldeepika2016@gmail.com

# ନାବାଳିକାଙ୍କୁ ଦୁଷ୍କର୍ମ ଓ ହତ୍ୟା ମାମଲାରେ ଅଭିଯୁକ୍ତକୁ ଫାଶୀ ଦଣ୍ଡାଦେଶ

ଭୁବନେଶ୍ୱର,୧୦।୪
ନ୍ୟୁଜ୍‌ବ୍ୟୁରୋ



ଅନୁଗୋଳ ଜିଲ୍ଲାରେ ଘଟିଥିବା ଜଣେ ୪ ବର୍ଷର ନାବାଳିକାଙ୍କୁ ଦୁଷ୍କର୍ମ ଓ ହତ୍ୟା କରିବା ଭଳି ସମ୍ବେଦନଶୀଳ ମାମଲାର ଚୂଡ଼ାନ୍ତ ରାୟ ଶୁକ୍ରବାର ପ୍ରକାଶ ପାଇଛି। ଅନୁଗୋଳ ଅତିରିକ୍ତ ଜିଲ୍ଲା ଜଜ୍ ତଥା ସ୍ୱତନ୍ତ୍ର ପୋକ୍ସୋ କୋର୍ଟ ଅଭିଯୁକ୍ତ ବାବୁଲା ଜେନାକୁ ଦୋଷୀ ସାବ୍ୟସ୍ତ କରି ଫାଶୀ ଦଣ୍ଡରେ ଦଣ୍ଡିତ କରିଛନ୍ତି। ଦଫା ୧୩୭(୨), ୧୦୩(୧), ୬୫(୨) ଏବଂ ୨୩୮(କ) ସହିତ ପକ୍ସୋ ଆକ୍ଟର ଧାରା ୬ ଅନୁଯାୟୀ ଅଭିଯୁକ୍ତକୁ ଦଣ୍ଡିତ କରାଯାଇଛି। ମାତ୍ର ଏକ ବର୍ଷ ମଧ୍ୟରେ ଏହି ମାମଲାର ବିଚାର ପ୍ରକ୍ରିୟା ସମାପ୍ତ କରାଯାଇ ଅଭିଯୁକ୍ତକୁ ଦଣ୍ଡିତ କରାଯିବା ଘଟଣା ପୋଲିସର ଦକ୍ଷତା ଓ ତ୍ୱରିତ ନ୍ୟାୟ ପ୍ରଦାନର ଏକ ଜ୍ୱଳନ୍ତ ଉଦାହରଣ ସୃଷ୍ଟି କରିଛି। ଗତ ୨୦୨୫ ମାର୍ଚ୍ଚ ୧୩ ତାରିଖରେ ଇଣ୍ଡଷ୍ଟ୍ରିଆଲ ଥାନା ଅଞ୍ଚଳରେ ଜଣେ ନାବାଳିକା ନିଜ ଘର ସମ୍ମୁଖରେ ଖେଳୁଥିବା ସମୟରେ ହଠାତ ନିଖୋଜ ହୋଇଯାଇଥିଲେ। ପରିବାର ଲୋକଙ୍କ ଅଭିଯୋଗ କ୍ରମେ ଖୋଜାଖୋଜି କରାଯିବା ପରେ ମାର୍ଚ୍ଚ ୧୫ ତାରିଖରେ ନିକଟସ୍ଥ ଏକ ମହୁଲ ଗଛ ମୂଳରୁ ଶିଶୁ କନ୍ୟାର ମୃତଦେହ ଉଦ୍ଧାର କରାଯାଇଥିଲା। ଶବ ବ୍ୟବଚ୍ଛେଦ ରିପୋର୍ଟରୁ ନାବାଳିକାକୁ ଦୁଷ୍କର୍ମ କରାଯିବା ସହ ଗଳା ଚିପି ହତ୍ୟା କରାଯାଇଥିବା ସ୍ପଷ୍ଟ ହୋଇଥିଲା।

ଅନୁଗୋଳ ଏସ୍‌ପି ରାହୁଲ ଜୈନଙ୍କ ପ୍ରତ୍ୟକ୍ଷ ତତ୍ତ୍ୱାବଧାନରେ ଏକ ସ୍ୱତନ୍ତ୍ର ଟିମ୍ ଗଠନ କରାଯାଇ ତଦନ୍ତ ପ୍ରକ୍ରିୟାକୁ ଜୋରଦାର କରାଯାଇଥିଲା। ଇଣ୍ଡଷ୍ଟ୍ରିଆଲ ଥାନା ଆଇଆଇସି ଏବଂ ଡିଏସ୍‌ପି ଯୋଗେଶ୍ୱରୀ ବେହେରାଙ୍କ ନେତୃତ୍ୱରେ ପୋଲିସ ଘଟଣାର ଅଭିଯୁକ୍ତ ବାବୁଲା ଜେନାକୁ ତୁରନ୍ତ ଗିରଫ କରିଥିଲା। ବୈଜ୍ଞାନିକ ଏବଂ ଫୋରେନସିକ୍ ପ୍ରମାଣ ସଂଗ୍ରହ, ଡିଏନଏ ନମୁନା ପରୀକ୍ଷା ଏବଂ ସଠିକ ସମୟରେ ପୋଲିସର ଚାର୍ଜସିଟ୍ ଦାଖଲ ଯୋଗୁଁ ଅଭିଯୁକ୍ତକୁ ଦୋଷୀ ସାବ୍ୟସ୍ତ କରିବାରେ ପୋଲିସ ସଫଳ ହୋଇପାରିଥିଲା। ମହିଳା ଓ ଶିଶୁଙ୍କ ବିରୋଧରେ ହେଉଥିବା ଅପରାଧ କ୍ଷେତ୍ରରେ ଓଡ଼ିଶା ପୋଲିସର 'ଶୂନ୍ୟ ସହନଶୀଳତା' ନୀତି ଏବଂ ପ୍ରଶାସନିକ ସମନ୍ୱୟ ଯୋଗୁଁ ପୀଡ଼ିତାଙ୍କ ପରିବାରକୁ ଖୁବ୍ କମ୍ ସମୟ ମଧ୍ୟରେ ନ୍ୟାୟ ମିଳିପାରିଛି। ଏହି ଅବସରରେ ରାଜ୍ୟ ଆରକ୍ଷୀ ମହାନିର୍ଦ୍ଦେଶକ ଯୋଗେଶ ବାହାଦୁର ଖୁରାନିଆ ଅନୁଗୋଳ ଏସ୍‌ପି ଏବଂ ତଦନ୍ତକାରୀ ଅଧିକାରୀଙ୍କୁ ଅଭିନନ୍ଦନ ଜଣାଇଛନ୍ତି। ଏହା ସହ ନୂତନ ଭାରତୀୟ ଆଇନ କାର୍ଯ୍ୟକାରୀ ହେବାପରେ ଦ୍ରୁତ ତଦନ୍ତ ଓ କମ ସମୟ ମଧ୍ୟରେ ଦୋଷୀ ସାବ୍ୟସ୍ତ ହାର ଉଲ୍ଲେଖନୀୟ ଭାବେ ବୃଦ୍ଧି ପାଇଥିବାରୁ ସନ୍ତୋଷବ୍ୟକ୍ତ କରିଛନ୍ତି।